


ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ISSUE-30 FRIDAY 24 JULY 2026 PAGE-12 ₹ 7.00 | PANIKOILI | ବର୍ଷ-୪୪ ସଂଖ୍ୟା-୩୦ ଶୁକ୍ରବାର ୨୪ ଜୁଲାଇ ୨୦୨୬ ପୃଷ୍ଠା-୧୨ ଟ.୭.୦୦




ସଂସଦ ଗେଟ୍ ସମ୍ମୁଖରେ ଏନ୍‌ଡିଏ ଓ ବିରୋଧୀ ସାଂସଦ ମୁହାଁମୁହିଁ


ଯନ୍ତରମନ୍ତରରେ ଆନ୍ଦୋଳନ ଜାରୀ

# ବାତିଲ ହେବ ଆନ୍ଦୋଳନକାରୀଙ୍କ ପାସ୍‌ପୋର୍ଟ !

ନୂଆଦିଲ୍ଲୀ,୨୩।୭(ଏଜେନ୍ସି): ରାଜଧାନୀରେ ଛାତ୍ର ଆନ୍ଦୋଳନ ବେଳେ ହୋଇଥିବା ହିଂସାକୁ ନେଇ ଦିଲ୍ଲୀ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛି। ମିଳିଥିବା ସୂଚନା ଅନୁଯାୟୀ ଏହି ହିଂସାକାଣ୍ଡରେ ଯେଉଁ ଆନ୍ଦୋଳନକାରୀ ସଂପୃକ୍ତ ଅଛନ୍ତି, ସେମାନଙ୍କୁ ଚିହ୍ନଟ କରି ସେମାନଙ୍କର ପାସପୋର୍ଟ ବାତିଲ କରାଯିବ। ଏହି ଛାତ୍ରମାନଙ୍କୁ ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ୍‌ର ସହାୟତା ନେଉଛି ଦିଲ୍ଲୀ ପୁଲିସ। ଗତକାଲି ବିଶିଷ୍ଟ ଶିକ୍ଷାବିତ ସୋନମ୍ ୱାଙ୍ଗଚୁକ୍ ଏଭଳି ଆଶଙ୍କା କରି କହିଥିଲେ ଯେ, ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦିଲ୍ଲୀ ପୁଲିସ ଯୋଜନା ଚଳାଇଛି। ଏଥିରୁ ବିରତ ରହିବା ଲାଗି ସେ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଥିଲେ।

ଦିଲ୍ଲୀରେ ଚାଲିଥିବା ଛାତ୍ର ଆନ୍ଦୋଳନକୁ ଦୃଷ୍ଟିରେ ରଖି ଯନ୍ତରମନ୍ତରର ୧.୫ କିଲୋମିଟର ପରିଧି ମଧ୍ୟରେ ଆଜି ମଧ୍ୟରାତ୍ରି ପର୍ଯ୍ୟନ୍ତ ମୋବାଇଲ୍ ଇଣ୍ଟରନେଟ୍ ସେବା ସାମୟିକ ଭାବେ ବନ୍ଦ ରଖାଯାଇଛି। ଗୃହମନ୍ତ୍ରୀ ଅମିତ ଶାହଙ୍କ ବାସଭବନ ବାହାରେ ସଭାସମିତି ଉପରେ କଟକଣା ଲାଗୁ କରାଯାଇଛି। ତେବେ ଆନ୍ଦୋଳନକାରୀଙ୍କ ଉପରେ କୌଣସି ବଳପ୍ରୟୋଗ କରାଯିବାର ଯୋଜନା ନାହିଁ ବୋଲି ଦିଲ୍ଲୀ ପୁଲିସ ସ୍ପଷ୍ଟ କରିଛି।




## ଦିଲ୍ଲୀ ମେଟ୍ରୋର ୧୬ଟି ପ୍ରମୁଖ ଷ୍ଟେସନ ବନ୍ଦ

ନୂଆଦିଲ୍ଲୀ,୨୩।୭(ଏଜେନ୍ସି):

ସେଣ୍ଟ୍ରାଲ ଦିଲ୍ଲୀର ୧୬ଟି ଗୁରୁତ୍ୱପୂର୍ଣ୍ଣ ମେଟ୍ରୋ ଷ୍ଟେସନକୁ ଗୁରୁବାର ସକାଳୁ ସୁରକ୍ଷା କାରଣରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଦେଶର ପ୍ରଶ୍ନପତ୍ର ଲିକ୍ ପ୍ରସଙ୍ଗରେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି ଯନ୍ତର ମନ୍ତରଠାରେ ଚାଲିଥିବା ବିକ୍ଷୋଭ ପ୍ରଦର୍ଶନରେ ଜନସମାଗମ ବୃଦ୍ଧି ପାଇବା ପରେ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ (ଡିଏମଆରସି) ଏହି ନିଷ୍ପତ୍ତି ନେଇଛି। ବନ୍ଦ ରହିଥିବା ମେଟ୍ରୋ ଷ୍ଟେସନଗୁଡ଼ିକ ମଧ୍ୟରେ ରାଜୀବ ଚୌକ, ସେଣ୍ଟ୍ରାଲ ସେକ୍ରେଟାରିଏଟ, ମାଣ୍ଡି ହାଉସ, ଆଇଟିଓ, ଖାନ ମାର୍କେଟ, ଲୋକ କଲ୍ୟାଣ ମାର୍ଗ, ପଟେଲ ଚୌକ, ରାମକୃଷ୍ଣ ଆଶ୍ରମ ମାର୍ଗ, ବାରାଖମ୍ବା ରୋଡ, ସୁପ୍ରିମ କୋର୍ଟ, ସେବା ତୀର୍ଥ, ଜନପଥ, ଦିଲ୍ଲୀ ଗେଟ, ଇନ୍ଦ୍ରପ୍ରସ୍ଥ, ଜୋର ବାଗ ଏବଂ ଶିବାଜୀ ଷ୍ଟାଡିୟମ ଅନ୍ତର୍ଭୁକ୍ତ। ତେବେ ରାଜୀବ ଚୌକ, ମାଣ୍ଡି ହାଉସ ଏବଂ ସେଣ୍ଟ୍ରାଲ ସେକ୍ରେଟାରୀଏଟ୍ ଷ୍ଟେସନଗୁଡ଼ିକରେ ଟ୍ରେନ ବଦଳାଇବା (ଇଣ୍ଟରଚେଞ୍ଜ) ସୁବିଧା ପୂର୍ବପରି ଚାଲୁ ରହିଛି। ସୂଚନାଯୋଗ୍ୟ, ଜୁଲାଇ ୨୦ରେ ହୋଇଥିବା 'ସଂସଦ ଚଲୋ' ଅଭିଯାନ ପରଠାରୁ ଛାତ୍ରଛାତ୍ରୀ ଏବଂ ଆନ୍ଦୋଳନକାରୀମାନେ ଲଗାତାର ଧାରଣାରେ ବସିଛନ୍ତି। ପରୀକ୍ଷା ପରିଚାଳନାରେ ସୁଧାର, ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଏବଂ ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଆତ୍ମହତ୍ୟା କରିଥିବା ପରୀକ୍ଷାର୍ଥୀଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଏହି ସଂଗ୍ରାମ ଜାରି ରହିଛି। ସୋନମ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ବିରୋଧରେ କୌଣସି ମାମଲା ରୁଜୁ ନ କରିବାକୁ ସରକାର ଆଶ୍ୱାସନା ଦେଲେ ସେ ଅନଶନ ଭାଙ୍ଗିବେ ବୋଲି ସୂଚନା ଦେଇଛନ୍ତି।



## ଆନ୍ଦୋଳନକାରୀ ଯୁବତୀଙ୍କ ଭିଡିଓ ଭାଇରାଲ

### ପୁଲିସ ଗାଡ଼ି ଆଗରେ ଛିଡ଼ା ହୋଇ ଅଟକାଇଲେ

### ଆନ୍ଦୋଳନକାରୀଙ୍କୁ ଛାଡ଼ିଲା ପୁଲିସ

ମୁମ୍ବାଇ,୨୩।୭(ଏଜେନ୍ସି): ଦିଲ୍ଲୀରେ ଚାଲିଥିବା 'କକ୍ରୋଚ ଜନତା ପାର୍ଟି' (ସିଜେପି)ର ପ୍ରଶ୍ନପତ୍ର ଲିକ୍ ବିରୋଧୀ ଆନ୍ଦୋଳନକୁ ସମର୍ଥନ ଜଣାଇ ମୁମ୍ବାଇରେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇଛନ୍ତି। ପ୍ରବଳ ବର୍ଷା ମଧ୍ୟରେ ଜଣେ ଯୁବତୀ ନିଜର ଦୁଇ ହାତ ବିଛାଇ ପୁଲିସ ଭ୍ୟାନ୍‌କୁ ଅଟକାଉଥିବାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେବାରେ ଲାଗିଛି। ସୂଚନାଯୋଗ୍ୟ ଯେ, ମୁମ୍ବାଇର ଅଭିନେତ୍ରୀ ତଥା ଉଦ୍ୟୋଗୀ ରିୟା ଅଟକ ହୋଇଥିବା ଆନ୍ଦୋଳନକାରୀଙ୍କୁ ନେଇ ଯାଉଥିବା ପୁଲିସ ଗାଡ଼ି ଆଗରେ ଛିଡ଼ା ହୋଇ ପ୍ରତିବାଦ ଜଣାଇଥିଲେ। ଦିଲ୍ଲୀରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରି ସେ କହିଛନ୍ତି ଯେ, ନାଗରିକଙ୍କ ଅଧିକାର ଓ ସୁରକ୍ଷା ପାଇଁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ଏହାବ୍ୟତୀତ ଅନ୍ୟ ଏକ ଭିଡିଓରେ କିଛି ଯୁବକ ଗତିଶୀଳ ପୁଲିସ ଗାଡ଼ିର ପଛ ପଟ କବାଟ ଖୋଲି ଅଟକ ଆନ୍ଦୋଳନକାରୀଙ୍କୁ ମୁକ୍ତ କରୁଥିବା ଦେଖିବାକୁ ମିଳିଛି। ଏହି ପ୍ରତିବାଦ ସଭାଗୁଡ଼ିକ ମୁମ୍ବାଇର ଶିବାଜୀ ପାର୍କ, ଚୈତ୍ୟଭୂମି, ଚେମ୍ବୁର ଏବଂ ଶିବସେନା ଭବନ ଆଦି ସ୍ଥାନରେ ବ୍ୟାପିବାରେ ଲାଗିଛି।

## ଆନ୍ଦୋଳନକାରୀଙ୍କ ମୃତ୍ୟୁ ଖବରକୁ ଖଣ୍ଡନ କଲା ଦିଲ୍ଲୀ ପୁଲିସ, ଗୁଜବ ବିରୋଧରେ ଚେତାବନୀ

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଯନ୍ତର ମନ୍ତରଠାରେ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ଆନ୍ଦୋଳନ ସମୟରେ ପୁଲିସ ଲାଠିଚାଳନାରେ ଜଣେ ମହିଳା ଆନ୍ଦୋଳନକାରୀଙ୍କ ମୃତ୍ୟୁ ଘଟିଥିବା ନେଇ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଖବରକୁ ଦିଲ୍ଲୀ ପୁଲିସ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି ସ୍ପଷ୍ଟ କରିଛି। ନୂଆଦିଲ୍ଲୀ ଡିସିପି ସଚିନ୍ ଶର୍ମା କହିଛନ୍ତି ଯେ, ଅନ୍ଦୋଳନ ସମୟରେ କୌଣସି ପରୀକ୍ଷାର୍ଥୀ କିମ୍ବା ଆନ୍ଦୋଳନକାରୀଙ୍କ ମୃତ୍ୟୁ ହୋଇନାହିଁ। ପୁଲିସ ବିରୋଧରେ ଅସନ୍ତୋଷ ସୃଷ୍ଟି କରିବା ଏବଂ ଭୟର ବାତାବରଣ ତିଆରି କରିବା ପାଇଁ ଏହିପରି ମିଥ୍ୟା ଗୁଜବ ପ୍ରଚାର କରାଯାଉଛି। ଗୁଜବ ପ୍ରସାରଣ କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୁଲିସ ନିଜ ବକ୍ତବ୍ୟରେ ସ୍ପଷ୍ଟ କରିଛି। ଏହାସହ କୌଣସି ମିଥ୍ୟା କିମ୍ବା ଅସତ୍ୟ ଖବର ସେୟାର ନ କରିବାକୁ ଏବଂ ଶାନ୍ତି ବଜାୟ ରଖିବାକୁ ଦିଲ୍ଲୀ ପୁଲିସ ଜନସାଧାରଣଙ୍କୁ ନିବେଦନ କରିଛି।

# ଆନ୍ଦୋଳନ ଭଣ୍ଡୁର ପାଇଁ ବିଜେପି ପଥର ମାଡ଼ କରୁଛି: ଅଭିଜିତ୍ ଦୀପ୍‌କେ

ନୂଆଦିଲ୍ଲୀ,୨୩।୭(ଏଜେନ୍ସି): ନୀଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ବିବାଦକୁ ନେଇ ଚାଲିଥିବା ଛାତ୍ର ଆନ୍ଦୋଳନ ସ୍ଥଳରେ ହିଂସା ସୃଷ୍ଟି କରିବା ପାଇଁ ଭାରତୀୟ ଜନତା ପାର୍ଟି (ବିଜେପି) ବାହାରୁ ଲୋକ ପଠାଉଥିବା ଅଭିଯୋଗ ହୋଇଛି। କୋକ୍ରୋଚ୍ ଜନତା ପାର୍ଟି (ସିଜେପି)ର ପ୍ରତିନିଧି ଅଭିଜିତ୍ ଦୀପକେ ବିଜେପି କର୍ମୀମାନେ ପଥରମାଡ଼ କରି ଆନ୍ଦୋଳନକୁ ବଦନାମ୍ କରିବାକୁ ଚେଷ୍ଟା କରୁଛନ୍ତି ବୋଲି ଦାବି କରିଛନ୍ତି। ଏଥିସହିତ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରୁ ସେମାନେ ଓହରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ବେଳେ ଅଭିଜିତ୍ ଦୀପକେ କହିଛନ୍ତି ଯେ, ଗତ ଏକ ମାସ ଧରି ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ଏହି ଆନ୍ଦୋଳନକୁ ବ୍ୟାଘାତ ପହଞ୍ଚାଇବା ପାଇଁ ସରକାରୀ ଦଳ ପକ୍ଷରୁ ଅସାମାଜିକ ତତ୍ତ୍ୱମାନଙ୍କୁ ପଠାଯାଉଛି। ପୋଲିସ ଦ୍ୱାରା ହୋଇଥିବା ଲାଠିଚାଳନାକୁ ସେ ଅତ୍ୟନ୍ତ ନିର୍ଦ୍ଦୟ ବୋଲି ଅଭିହିତ କରିବା ସହ ସମ୍ପୃକ୍ତ ପୋଲିସ ଅଧିକାରୀମାନଙ୍କ ବିରୋଧରେ ଆଦାଲତଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି। ଗୁରୁବାର ଏହି ଆନ୍ଦୋଳନ ୩୪ତମ ଦିନରେ ପହଞ୍ଚିଥିବା ବେଳେ ପରିବେଶବିତ୍ ସୋନମ୍ ୱାଙ୍ଗଚୁକ୍‌ଙ୍କ ଅନଶନ ୨୬ତମ ଦିନରେ ପ୍ରବେଶ କରିଛି। ସୋନମ୍‌ଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ତାଙ୍କୁ ଅନଶନ ଭଙ୍ଗ କରିବାକୁ ନିବେଦନ କରାଯାଇଛି। ସିଜେପି ନେତା ସୌରଭ ଦାସ ସୋନମ୍ ୱାଙ୍ଗଚୁକ୍‌ଙ୍କ ସହ ଆଲୋଚନା କରି ଆନ୍ଦୋଳନକୁ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରଖିବାକୁ ସମସ୍ତ ବିକ୍ଷୋଭକାରୀଙ୍କୁ ନିବେଦନ କରିଛନ୍ତି। ସୌରଭ ଦାସ ସ୍ପଷ୍ଟ ଭାବେ କହିଛନ୍ତି ଯେ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି ଅଣ-ଆଲୋଚନାଯୋଗ୍ୟ। ମନ୍ତ୍ରୀ ଇସ୍ତଫା ନଦେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଯେତେଦିନ ଯାଏଁ ଆବଶ୍ୟକ ସେତେଦିନ ପର୍ଯ୍ୟନ୍ତ ଜାରି ରହିବ। ଅପରପକ୍ଷରେ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା କହିଛନ୍ତି ଯେ ପ୍ରଶ୍ନପତ୍ର ଲିକ୍ ଭଳି ଏକ ଗୁରୁତର ସମସ୍ୟାକୁ ନେଇ ରାଜନୀତି କରାଯିବା ଉଚିତ୍ ନୁହେଁ। ନୀଟ୍-ୟୁଜି ଘଟଣାର ପ୍ରତ୍ୟେକ ଦିଗ ଉପରେ ସଂସଦରେ ବିସ୍ତୃତ ଆଲୋଚନା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି।






ନୀଟ୍-ୟୁଜି ୨୦୨୪ ପ୍ରଶ୍ନପତ୍ର ଲିକ୍ ମାମଲା

## ସଞ୍ଜୀବ ମୁଖିଆଙ୍କୁ ସିବିଆଇର କ୍ଲିନ୍ ଚିଟ୍

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ନୀଟ୍-ୟୁଜି ୨୦୨୪ ପ୍ରଶ୍ନପତ୍ର ଲିକ୍ ମାମଲାର ମୁଖ୍ୟ କାର୍ପଟଦାର କୁହାଯାଉଥିବା ସଞ୍ଜୀବ କୁମାର ଓରଫ୍ ସଞ୍ଜୀବ ମୁଖିଆଙ୍କ ବିରୋଧରେ କୌଣସି ପ୍ରମାଣ ମିଳିନଥିବା ସିବିଆଇ ସ୍ପଷ୍ଟ କରିଛି। ସଂସ୍ଥା ପକ୍ଷରୁ ତାଙ୍କୁ ଏହି ମାମଲାରେ କ୍ଲିନ୍ ଚିଟ୍ ପ୍ରଦାନ କରାଯାଇଛି। ବିହାର ପୁଲିସ ଦ୍ୱାରା ରୁଜୁ ହୋଇଥିବା ପ୍ରାରମ୍ଭିକ ମାମଲାରେ ସଞ୍ଜୀବଙ୍କ ନାମ ରହିଥିଲା। ମାତ୍ର ସିବିଆଇ ଘଟଣାର ପାଟଣା କୋର୍ଟରେ ୪୫ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ ହେଁ, ସଞ୍ଜୀବଙ୍କ ସଂପୃକ୍ତି ନେଇ କୌଣସି ପ୍ରମାଣ ପାଇନଥିଲା। ପୁଲିସ ହେପାଜତରେ ନେଇ ପଚରାଉଚୁରା କରାଯିବା ପରେ ମଧ୍ୟ ପ୍ରଶ୍ନପତ୍ର ଚୋରି କିମ୍ବା ବଣ୍ଟନରେ ତାଙ୍କର ଭୂମିକା ପ୍ରମାଣିତ ହୋଇପାରିନଥିଲା। ସିବିଆଇ ଚାର୍ଜସିଟ୍‌ରେ ନାମ ନଥିବାରୁ ସଞ୍ଜୀବ ନୀଟ୍-ୟୁଜି ମାମଲାରେ ଜାମିନ ପାଇସାରିଛନ୍ତି। ତେବେ ବିହାର ପୁଲିସ ଦ୍ୱାରା ତଦନ୍ତ ଚାଲିଥିବା ଅନ୍ୟାନ୍ୟ ମାମଲାରେ ସେ ଏବେ ବି ଜେଲ୍‌ରେ ଅଛନ୍ତି।

## ଇସ୍ତଫା ଦେବେ ବାଂଲାଦେଶ ରାଷ୍ଟ୍ରପତି ଶାହାବୁଦ୍ଦିନ୍



ଢାକା,୨୩।୭(ଏଜେନ୍ସି): ବାଂଲାଦେଶ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ୍ କାର୍ଯ୍ୟକାଳ ଶେଷ ହେବାର ପ୍ରାୟ ଦୁଇ ବର୍ଷ ପୂର୍ବରୁ ପଦରୁ ଇସ୍ତଫା ଦେବାର ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନର ଶାସକ ଦଳ ବାଂଲାଦେଶ ଜାତୀୟତାବାଦୀ ପାର୍ଟି (ବିଏନ୍‌ପି) ଏବଂ ସରକାର ତାଙ୍କ କାର୍ଯ୍ୟଶୈଳୀକୁ ନେଇ ଅସନ୍ତୁଷ୍ଟ ଥିବାରୁ ଏହି ଚର୍ଚ୍ଚା ଜୋର ଧରିଛି। ୨୦୨୪ ଜୁଲାଇ-ଅଗଷ୍ଟର ଛାତ୍ର ଅନ୍ଦୋଳନ ପରେ ଶେଖ୍ ହସିନାଙ୍କ ସରକାର ଭାଙ୍ଗିଯାଇଥିଲେ ମଧ୍ୟ ପୂର୍ବତନ ସରକାରଙ୍କ ସମ୍ବିଧାନିକ ପଦବୀରେ ଶାହାବୁଦ୍ଦିନ୍ ଏକାକୀ ରହିଥିଲେ। ହସିନା ଭାରତରେ ରହୁଥିବା ବେଳେ ତାଙ୍କ ସହ ରାଷ୍ଟ୍ରପତି ପୁନର୍ବାର ସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା କରିଥିବା ଏବଂ ଉଭୟଙ୍କ ମଧ୍ୟରେ ଫୋନ୍‌ରେ କଥାବାର୍ତ୍ତା ହୋଇଥିବା ଖବର ପରେ ସରକାରଙ୍କ ଅସନ୍ତୋଷ ବୃଦ୍ଧି ପାଇଛି। ଏହା ବ୍ୟତୀତ ହସିନା ଆସନ୍ତା ଡିସେମ୍ବରରେ ଦେଶକୁ ଫେରିବା ପାଇଁ କରିଥିବା ଘୋଷଣା ପରେ ଦେଶର ରାଜନୈତିକ ପରିସ୍ଥିତି ଅଧିକ ସଂବେଦନଶୀଳ ହୋଇପଡ଼ିଛି। ଯଦି ରାଷ୍ଟ୍ରପତି ଇସ୍ତଫା ଦିଅନ୍ତି, ତେବେ ସମ୍ବିଧାନ ଅନୁଯାୟୀ ନୂଆ ରାଷ୍ଟ୍ରପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ସଂସଦର ବାଚସ୍ପତି ହାଫିଜୁଦ୍ଦିନ୍ ଅହମ୍ମଦ ମଧ୍ୟବର୍ତ୍ତୀକାଳୀନ ରାଷ୍ଟ୍ରପତି ଭାବେ ଦାୟିତ୍ୱ ତୁଲାଇବେ।



## ପିଓକେ ପ୍ରଧାନମନ୍ତ୍ରୀ ହେବାକୁ ସରିଫ୍ ଆଗ୍ରହୀ

ଇସଲାମାବାଦ,୨୩।୭(ଏଜେନ୍ସି): ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରୀଫ ପାକ୍ ଅଧିକୃତ କାଶ୍ମୀର (ପିଓକେ)ର ପ୍ରଧାନମନ୍ତ୍ରୀ ହେବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ମୁଜାଫରାବାଦରେ ଆୟୋଜିତ ଏକ ନିର୍ବାଚନୀ ସଭାରେ ସେ କହିଛନ୍ତି ଯେ ଅଞ୍ଚଳର ବିକାଶ କାର୍ଯ୍ୟର ସିଧାସଳଖ ତଦାରଖ ପାଇଁ ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ତଥା ନିଜ ଭାଇ ଶାହବାଜ ଶରୀଫଙ୍କୁ ଏହି ଦାୟିତ୍ୱ ଦେବା ପାଇଁ ଅନୁରୋଧ କରିବେ। ପିଓକେକୁ ନିଜର ଦ୍ୱିତୀୟ ଘର ବୋଲି ବର୍ଣ୍ଣନା କରି ନୱାଜ କହିଛନ୍ତି ଯେ ତାଙ୍କ ପୂର୍ବପୁରୁଷମାନେ କାଶ୍ମୀରରୁ ଆସିଥିଲେ। ଜୁଲାଇ ୨୭ରୁ ଅଗଷ୍ଟ ୧୦ ମଧ୍ୟରେ ପିଓକେରେ ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହି ବୟାନ ସାମ୍ନାକୁ ଆସିଛି। ଅନ୍ୟପଟେ, ନିୟନ୍ତ୍ରଣହୀନ ମୁଦ୍ରାସ୍ଫୀତି, ବିଜୁଳି ଶୁଳ୍କ ବୃଦ୍ଧି ଏବଂ ସରକାରୀ ନୀତି ବିରୋଧରେ ପିଓକେରେ ଜନଆନ୍ଦୋଳନ ଜାରି ରହିଛି। ଭାରତ ସଦାସର୍ବଦା ପିଓକେକୁ ନିଜର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ଗ୍ରହଣ କରିବା ସହ ସେଠାରେ ପାକିସ୍ତାନ ଦ୍ୱାରା କରାଯାଉଥିବା ନିର୍ବାଚନକୁ ବେଆଇନ ବୋଲି ଦର୍ଶାଇ ଆସିଛି।

## ମାତ୍ର ୨୪ ଜଣ ସ୍ଥାୟୀ କର୍ମଚାରୀଙ୍କ ଭରସାରେ ଚାଲିଛି 'ଏନ୍‌ଟିଏ'

ନୂଆଦିଲ୍ଲୀ,୨୩।୭(ଏଜେନ୍ସି): ଦେଶର ସବୁଠାରୁ ବଡ଼ ପରୀକ୍ଷା ପରିଚାଳନା ସଂସ୍ଥା 'ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି' (ଏନ୍‌ଟିଏ) କେବଳ ୨୪ ଜଣ ସ୍ଥାୟୀ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଛି। ବୁଧବାର ରାଜ୍ୟସଭାରେ ପ୍ରଶ୍ନୋତ୍ତର କାଳରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଏହି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରକାଶ କରାଯାଇଛି। ମନ୍ତ୍ରଣାଳୟ ଦେଇଥିବା ତଥ୍ୟ ଅନୁଯାୟୀ, ୨୦୧୮ ମସିହାରୁ ଏପର୍ଯ୍ୟନ୍ତ ନିଟ୍-ୟୁଜି, ଜେଇଇ ଏବଂ ୟୁଜିସି-ନେଟ୍ ଭଳି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ୬.୬ କୋଟିରୁ ଅଧିକ ପରୀକ୍ଷାର୍ଥୀଙ୍କ ପଞ୍ଜୀକରଣ ନିୟନ୍ତ୍ରଣ କରିଥିବା ଏହି ସଂସ୍ଥାରେ ୨୪ ଜଣ ସ୍ଥାୟୀ ଅଧିକାରୀଙ୍କ ସହ ୧୯୭ ଜଣ ଚୁକ୍ତିଭିତ୍ତିକ ଓ ବାହ୍ୟ ସଂସ୍ଥା (ଆଉଟସୋର୍ସ) ଜରିଆରେ ନିୟୋଜିତ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସଂସ୍ଥାରେ ୭୩ ଜଣ ଚୁକ୍ତିଭିତ୍ତିକ କର୍ମଚାରୀ (ଯେଉଁଥିରେ ପରାମର୍ଶଦାତା ଓ ଯୁବ ପେସାଦାର ସାମିଲ ଅଛନ୍ତି) ଏବଂ ୧୨୪ ଜଣ ବାହ୍ୟ ସଂସ୍ଥାର କର୍ମଚାରୀ (ଡାଟା ଆନାଲିଷ୍ଟ, ଆଇନ ସହାୟକ ଓ ଅନ୍ୟାନ୍ୟ) କାର୍ଯ୍ୟରତ ଅଛନ୍ତି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ନିକଟରେ ୧୬ଟି ନୂତନ ବରିଷ୍ଠ ପଦବୀ ସୃଷ୍ଟି କରିଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୮ ରୁ ଏପର୍ଯ୍ୟନ୍ତ ଏନ୍‌ଟିଏ ୨୭୦ରୁ ଅଧିକ ଜାତୀୟସ୍ତରୀୟ ପରୀକ୍ଷା ପରିଚାଳନା କରିସାରିଛି।

## ଉଦ୍ଧବ ସେନା ସାଂସଦଙ୍କ ମିଶ୍ରଣ ମାମଲା: ବାଚସ୍ପତିଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

ନୂଆଦିଲ୍ଲୀ,୨୩।୭(ଏଜେନ୍ସି): ଶିବସେନା (ୟୁବିଟି)ର ୬ ଜଣ ସାଂସଦ ଏକନାଥ ସିନ୍ଦଙ୍କ ନେତୃତ୍ୱାଧୀନ ଶିବସେନାରେ ମିଶ୍ରଣକୁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ମଞ୍ଜୁରୀ ଦେବା ଘଟଣାରେ ସୁପ୍ରିମକୋର୍ଟ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ଉଦ୍ଧବ ଠାକରେଙ୍କ ଦଳ ପକ୍ଷରୁ ଦାୟର ହୋଇଥିବା ପିଟିସନର ଶୁଣାଣି କରି ସୁପ୍ରିମକୋର୍ଟ ବାଚସ୍ପତି ଓମ୍ ବିର୍ଲା, ଲୋକସଭା ସଚିବ ଏବଂ ୬ ଜଣ ବିଦ୍ରୋହୀ ସାଂସଦଙ୍କୁ ନୋଟିସ୍ ଜାରି କରିଛନ୍ତି। ୟୁବିଟି ସାଂସଦ ଅରବିନ୍ଦ ଗଣପତ ସାୱନ୍ତଙ୍କ ଦ୍ୱାରା ଦାୟର ଏହି ଆବେଦନର ଶୁଣାଣି କରି ଜଷ୍ଟିସ ପିଏସ ନରସିଂହା ଏବଂ ଜଷ୍ଟିସ ଆଲୋକ ଆରାଧେଙ୍କ ଖଣ୍ଡପୀଠ ବାଚସ୍ପତିଙ୍କ ନିଷ୍ପତ୍ତି ଉପରେ ରୋକ୍ ଲଗାଇବାକୁ ମନା କରିବା ସହ ଆଗାମୀ ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ବାଚସ୍ପତି ଓମ୍ ବିର୍ଲା ୟୁବିଟିର ୬ ଜଣ ସାଂସଦ- ସଞ୍ଜୟ ଦେଶମୁଖ, ସଞ୍ଜୟ ଯାଦବ, ସଞ୍ଜୟ ଦୀନା ପାଟିଲ, ନାଗେଶ ପାଟିଲ-ଆଷ୍ଟିକର, ଓମପ୍ରକାଶ ରାଜେନିମ୍ବାଳକର ଏବଂ ଭାଉସାହେବ ୱାକଚୌରେଙ୍କୁ ସିନ୍ଦ ଗୋଷ୍ଠୀ ସହ ମିଶ୍ରଣ ପାଇଁ ଅନୁମତି ଦେଇଥିଲେ।

## ଶ୍ୱାସରୁଦ୍ଧ କରୁଛନ୍ତି ଆମ ସହର

# ମୃତ୍ୟୁମୁଖରେ ଭାରତର ପ୍ରମୁଖ ନଦୀ

ନୂଆଦିଲ୍ଲୀ,୨୩।୭(ଏଜେନ୍ସି):



ଦିଲ୍ଲୀରୁ ମୁମ୍ବାଇ, ଚେନ୍ନାଇରୁ ହାଇଦ୍ରାବାଦ ଏବଂ ବେଙ୍ଗାଲୁରୁ-ଦେଶର ପ୍ରାୟ ସବୁ ବଡ଼ ସହରର ନଦୀଗୁଡ଼ିକ ଆଜି ବିଲୁପ୍ତ ହେବା ଦ୍ୱାରରେ ଅର୍ଥାତ୍ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ଯେଉଁ ନଦୀଗୁଡ଼ିକ କେବେ ସଭ୍ୟତାର ପାଳନକର୍ତ୍ତା ଥିଲେ, ସେଗୁଡ଼ିକ ଆଜି ସହରର ଆବର୍ଜନା ଏବଂ ଦୂଷିତ ଜଳ ନିଷ୍କାସନର ମାଧ୍ୟମ ପାଲଟିଯାଇଛନ୍ତି। ଜାତୀୟ ରାଜଧାନୀ ଦିଲ୍ଲୀ ଦେଇ ପ୍ରବାହିତ ହେଉଥିବା ଯମୁନା ନଦୀର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏବଂ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ସଂସ୍ଥାନ (ଆଇଆଇଏସ୍‌ଇଆର, ଭୋପାଳ)ର ଗବେଷକମାନଙ୍କ ଅନୁଯାୟୀ, ଗତ ୨୨୦ ବର୍ଷ ମଧ୍ୟରେ ଯମୁନାର ଓସାର ପ୍ରାୟ ୬୮ ପ୍ରତିଶତ କମିଯାଇଛି। ୧୭୯୯ ମସିହାରେ ନଦୀର ହାରାହାରି ଓସାର ୬୫୮ ମିଟର ଥିବା ବେଳେ ଆଜି ତାହା ମାତ୍ର ୨୧୦ ମିଟରରେ ସୀମିତ ରହିଛି। ବିଭିନ୍ନ ବ୍ୟାରେଜ୍ ଏବଂ ଜଳ ନିଷ୍କାସନ ପ୍ରକଳ୍ପ ଯୋଗୁଁ ନଦୀର ଜଳପ୍ରବାହ ପ୍ରାୟ ୯୦ ପ୍ରତିଶତ ହ୍ରାସ ପାଇଛି। ଦିଲ୍ଲୀର ପଶ୍ଚିମ ଭାଗରେ ବହୁଥିବା ସାହିବୀ ନଦୀ ଆଜି 'ନଜଫଗଡ଼ ନାଳ' ନାମରେ ପରିଚିତ ହୋଇ କେବଳ କଳା ବର୍ଜ୍ୟଜଳ ବହୁଛି। କେବଳ ଦିଲ୍ଲୀ ନୁହେଁ, ମୁମ୍ବାଇର ୧୭.୮ କିଲୋମିଟର ଦୀର୍ଘ ମିଠି ନଦୀ ଆଜି ଏକ ନାଳରେ ପରିଣତ ହୋଇଛି। ୨୬ ଜୁଲାଇ ୨୦୦୫ର ଭୟଙ୍କର ବନ୍ୟା ଏହି ନଦୀର ବିନାଶକାରୀ ରୂପକୁ ସାମ୍ନାକୁ ଆଣିଥିଲା। ସେହିପରି ହାଇଦ୍ରାବାଦର ମୁସି, ଚେନ୍ନାଇର କୁଭମ୍ ଏବଂ ବେଙ୍ଗାଲୁରୁର ବୃଷଭାବତୀ ନଦୀଗୁଡ଼ିକ ପ୍ରାକୃତିକ ଜଳ ପରିବର୍ତ୍ତେ ନଗର ନିଗମର ବର୍ଜ୍ୟଜଳ ବହନ କରୁଛନ୍ତି। ପୂର୍ବୋତ୍ତର ଭାରତର ଶକ୍ତିଶାଳୀ ବ୍ରହ୍ମପୁତ୍ର ନଦୀ ମଧ୍ୟ ଜଳବାୟୁ ପରିବର୍ତ୍ତନ ଏବଂ ନଗରୀକରଣ ଯୋଗୁଁ କ୍ରମାଗତ ନଦୀକୂଳ ଖାଇବାରେ ଲାଗିଛି। ଯମୁନା ନଦୀ ସଦାସର୍ବଦା ଦିଲ୍ଲୀ ରାଜନୀତିର ମୁଖ୍ୟ ପ୍ରସଙ୍ଗ ରହିଆସିଛି। ପ୍ରତି ନିର୍ବାଚନରେ ନଦୀର ସଫେଇ ପାଇଁ ପ୍ରତିଶ୍ରୁତି ଦିଆଯାଏ, କିନ୍ତୁ ବାସ୍ତବରେ ଏହା ଜୈବିକ ଭାବେ ମୃତ ହେବାକୁ ବସିଛି। ଆଗ୍ରାର ତାଜମହଲ ନିକଟ ଦେଇ ବହିଯାଉଥିବା ଯମୁନାର ପୂତନ ଗନ୍ଧ ଓ ଦୂଷିତ ଜଳ ଭାରତର ପରିବେଶ ସଙ୍କଟର ନଗ୍ନ ରୂପକୁ ପଦାରେ ପକାଉଛି। ଭାରତର ସହରଗୁଡ଼ିକ ନିଜର ବିକାଶ ପାଇଁ ନଦୀଗୁଡ଼ିକର ସ୍ଥାନକୁ ସଂକୁଚିତ କରିଚାଲିଛନ୍ତି। ଅବାଧ ନଗରୀକରଣ, ନଦୀକୂଳ ଜବରଦଖଲ ଏବଂ ଅପରିଷ୍କୃତ ଆବର୍ଜନା ନିଷ୍କାସନ ଯୋଗୁଁ ଆମର ଜୀବନ ରେଖାଗୁଡ଼ିକ ଆଜି ମୃତ୍ୟୁମୁଖରେ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-30 ♦FRIDAY ♦24 JULY 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୩୦ ♦ଶୁକ୍ରବାର ♦୨୪ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


**ଅପେକ୍ଷାରେ ତିନିରଥ**

# ଆଜି ବାହୁଡ଼ିବେ ଦାରୁବ୍ରହ୍ମ



■ ପୁରୀ, ୨୩।୭ (ସମିସ): ଜନ୍ମବେଦୀରେ ଶେଷ ହୋଇଛି ମହାପ୍ରଭୁଙ୍କ ଲୀଳା। ଏବେ ରତ୍ନବେଦୀକୁ ବାହୁଡ଼ିବାକୁ ପ୍ରସ୍ତୁତ ହେଉଛନ୍ତି ଚତୁର୍ଦ୍ଧାବିଗ୍ରହ। ଶ୍ରୀଗୁଣ୍ଡିଚା ମନ୍ଦିରରେ ସାତ ଦିନ ରହଣି ପରେ ଭାଇଭଉଣୀଙ୍କୁ ସାଥୀରେ ଧରି ବାହୁଡ଼ିବେ କାଳିଆ ଠାକୁର। ଏଥିପାଇଁ ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ଦାରୁବ୍ରହ୍ମଙ୍କୁ ଅପେକ୍ଷା କରି ରହିଛନ୍ତି ତିନିରଥ। ଶନିବାର ରଥାରୂଢ଼ ହୋଇ ଦାରୁବିଗ୍ରହ ଯିବେ ଶ୍ରୀମନ୍ଦିର ଅଭିମୁଖେ। ତେବେ ଦକ୍ଷିଣମୋଡ଼ ହୋଇ ନାକଚଣା ଦ୍ୱାରରେ ଲାଗିଥିବା ତିନିରଥକୁ ମହାରଣା ସେବକ ଓ ରଥ ବିଶେଷଜ୍ଞ କମିଟି ଯାଞ୍ଚ କରିସାରିଛନ୍ତି। ସେପଟେ ବାହୁଡ଼ା ଯାତ୍ରା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି।

ଗୁରୁବାର ଥିଲା ସନ୍ଧ୍ୟା ଦର୍ଶନ। ସକାଳୁ ଆରମ୍ଭ ହୋଇଯାଇଥିଲା ଭକ୍ତଙ୍କ ଗହଳି। ଲମ୍ବା ଧାଡ଼ିରେ ବ୍ୟାରିକେଡ୍ ମଧ୍ୟ ଦେଇ ଶ୍ରଦ୍ଧାଳୁମାନେ ଜନ୍ମବେଦୀରେ ଦାରୁଦିଅଁଙ୍କୁ ଦର୍ଶନ କରିଥିଲେ। ଅନ୍ୟପକ୍ଷରେ ନୀତି ବି ସଅଳ ଚାଲିଥିଲା। ଏଥିସହ ଆଡ଼ପ ଅବଡ଼ା ବି ସଅଳ ବାହାରିଥିଲା। ଚଳିତ ବର୍ଷର ଶେଷ ଆଡ଼ପ ଅବଡ଼ା ପାଇଁ ଭକ୍ତମାନେ

## ମଧ୍ୟାହ୍ନ ୧୨ଟାରେ ପହଣ୍ଡି
## ଅପରାହ୍ଣ ୪ଟାରେ ରଥଟଣା

ବେଶ୍ ଭିଡ଼ ଜମାଇଥିଲେ। ବାହୁଡ଼ା ଯାତ୍ରା ପ୍ରସ୍ତୁତି ପାଇଁ ସନ୍ଧ୍ୟା ଦର୍ଶନ ପ୍ରଥମେ ସନ୍ଧ୍ୟା ୬ଟାରେ ବନ୍ଦ କରାଯାଇଥିଲା। କିନ୍ତୁ ଏହି ସମୟରେ ବ୍ୟାରିକେଡ୍ ଭିତରେ ଥିବା ଶହଶହ ଶ୍ରଦ୍ଧାଳୁ ଆକୁଳ ନିବେଦନ କରିବା ସହ ଅନେକ କାନ୍ଦି ପକାଇଥିଲେ। ପରବର୍ତ୍ତୀ ସମୟରେ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇ ପୁନଶ୍ଚ ଦ୍ୱାର ଖୋଲିଥିଲା। ସନ୍ଧ୍ୟା ୬ଟା ୪୦ରେ ଦର୍ଶନ ବନ୍ଦ କରାଯାଇ ସିଂହଦ୍ୱାର କବାଟ ବନ୍ଦ କରାଯାଇଥିଲା। ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାବିଗ୍ରହଙ୍କ ପହୁଡ଼ ଆଳତି ▶ପୃଷ୍ଠା-୭

**ବିଜେଡିର ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରସ୍ତୁତି**

# ଜିଲ୍ଲା ସଭାପତିଙ୍କ ସହ ନବୀନଙ୍କ ବୈଠକ



■ ଭୁବନେଶ୍ୱର, ୨୩।୭ (ସମିସ): ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ପୂର୍ବଥର ପରି ଆଖିଦୃଶିଆ ସଫଳତା ପାଇବାକୁ ବିଜେଡି ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରିଛି। ଏହିକ୍ରମରେ ବୁଧବାର ଦିଲ୍ଲୀରୁ ଫେରିବା ପରେ ଜିଲ୍ଲା ସଭାପତିମାନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି

## ଅଗଷ୍ଟ ୧୫ ସୁଦ୍ଧା ଜିଲ୍ଲା ଓ ବ୍ଲକ କମିଟି ପୁନର୍ଗଠନ ନିର୍ଦ୍ଦେଶ
## ଏସ୍ଆଇଆର୍‌ରେ ଯୋଗ୍ୟଙ୍କ ନାମ ନ କଟିବା ଉପରେ ଗୁରୁତ୍ୱ

ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାଙ୍ଗଠନିକ କାର୍ଯ୍ୟ, ପଞ୍ଚାୟତ ନିର୍ବାଚନ ଏବଂ ରାଜ୍ୟରେ ଜାରି ରହିଥିବା ଏସଆଇଆର ସମ୍ପର୍କରେ ଜିଲ୍ଲା ସଭାପତିମାନଙ୍କ ସହ ନବୀନ ଏହି ଅବସରରେ ବିସ୍ତୃତ ଆଲୋଚନା କରିଛନ୍ତି। ▶ପୃଷ୍ଠା-୭

## ତୀବ୍ର ହେଉଛି ନିଟ୍ ପ୍ରଶ୍ନପତ୍ର ପ୍ରଘଟ ପ୍ରତିବାଦ

# ଆଜି ଦେଶବ୍ୟାପୀ ଛାତ୍ର ଆନ୍ଦୋଳନ

■ ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟକୁ ନେଇ ତୀବ୍ର ହେବାରେ ଲାଗିଛି କକ୍ରୋଚ୍ ଜନତା ପାର୍ଟି (ସିଜେପି) ର ଆନ୍ଦୋଳନ। ଆଲୋଚନା ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଆମନ୍ତ୍ରଣକୁ ପ୍ରତ୍ୟାଖ୍ୟାନ କରିଛନ୍ତି ଆନ୍ଦୋଳନକାରୀ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଅଟଳ ଥିବା ଆନ୍ଦୋଳନକାରୀ ଆସନ୍ତାକାଲି ଦେଶବ୍ୟାପୀ ଛାତ୍ରଆନ୍ଦୋଳନ ପାଇଁ ଆହ୍ୱାନ ଦେଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅନ୍ୟପକ୍ଷରେ ନିଟ୍ ପରୀକ୍ଷା ବିଭ୍ରାଟ ନେଇ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଏବଂ ଅମାନୁଷିକ ଲାଠିମାଡ଼ ପାଇଁ ପୁଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଆଜି ଚତୁର୍ଥ ଦିନ ଧରି ସଂସଦ ଅଚଳ ରହିଛି। ▶ପୃଷ୍ଠା-୭


**କେନ୍ଦ୍ରମନ୍ତ୍ରୀଙ୍କ ଆଲୋଚନା ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ**

## ଚତୁର୍ଥ ଦିନ ବି ସଂସଦ ଅଚଳ



■ ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ନିଟ୍ ପରୀକ୍ଷା ବିଭ୍ରାଟ ଏବଂ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସଂସଦ ଆଜି ଚତୁର୍ଥ ଦିନ ଧରି ଅଚଳ ରହିଛି। ବିରୋଧୀ ଦଳର ସଭ୍ୟମାନେ ହଟ୍ଟଗୋଳ ଜାରି ରଖିବାରୁ ରାଜ୍ୟସଭା ଏବଂ ଲୋକସଭା ଗୋଟିଏ ମିନିଟ ବି ଚାଲି ପାରିନଥିଲା। ବାରମ୍ବାର ମୁଲତବୀ ପରେ ଉଭୟ ଗୃହକୁ ଆଜି ଦିନକ ପାଇଁ ମୁଲତବୀ କରି ନିଆଯାଇଛି। କେବଳ ଶିକ୍ଷା ମନ୍ତ୍ରୀଙ୍କର ଇସ୍ତଫା ନୁହେଁ, ଆନ୍ଦୋଳନକାରୀଙ୍କ ବିରୋଧରେ ଅମାନୁଷିକ ଓ ବର୍ବରୋଚିତ କାଣ୍ଡ ପାଇଁ ଦିଲ୍ଲୀ ପୁଲିସ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ବିରୋଧୀ ଦଳର ସଭ୍ୟମାନେ ଦାବି କରିଥିଲେ। ଅନ୍ୟପକ୍ଷରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଅଭିଯୋଗ କରିଛନ୍ତି ଯେ ସରକାର ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ବିରୋଧୀ ଦଳ ଆଲୋଚନାକୁ ଡରୁଛନ୍ତି। ତେବେ ଏହାସହିତ ▶ପୃଷ୍ଠା-୭

## ଛାତ୍ରଙ୍କୁ ସମର୍ଥନ ଜଣାଇ ଆନ୍ନାଙ୍କ 'ମୌନ ପ୍ରତିବାଦ'



■ ନୂଆଦିଲ୍ଲୀ/ଅହଲ୍ୟାନଗର, ୨୩।୭ (ଏଜେନ୍ସି): ଦେଶର ପରୀକ୍ଷା ବ୍ୟବସ୍ଥାରେ ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ମୁଦ୍ଦାକୁ ନେଇ ଦିଲ୍ଲୀରେ ଚାଲିଥିବା ଛାତ୍ର ଆନ୍ଦୋଳନକୁ ବିଶିଷ୍ଟ ସମାଜସେବୀ ତଥା ଗାନ୍ଧୀବାଦୀ ନେତା ଆନ୍ନା ହଜାରେ ସମର୍ଥନ ଜଣାଇଛନ୍ତି।। ମହାରାଷ୍ଟ୍ରର ଅହଲ୍ୟାନଗରଠାରେ ଗୁରୁବାରଠାରୁ ଏକ ମୌନ ଆନ୍ଦୋଳନ (ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ) ଆରମ୍ଭ କରିଛନ୍ତି। ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ହେଉଥିବା ଅନିୟମିତତା ଏବଂ ପ୍ରଶ୍ନପତ୍ର ଲିକ୍ ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ▶ପୃଷ୍ଠା-୭

# ଗଠନ ହେବ ଫାଷ୍ଟଟ୍ରାକ୍ କୋର୍ଟ: ପ୍ରଧାନମନ୍ତ୍ରୀ



■ ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଦେଶସାରା ଛାତ୍ର ଅନ୍ଦୋଳନ ଏବଂ ସଂସଦରେ ହଙ୍ଗାମା ମଧ୍ୟରେ ନିଟ୍ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ଦେଶର ଯୁବବର୍ଗଙ୍କୁ ବଡ଼ ପ୍ରତିଶ୍ରୁତି ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଶ୍ନପତ୍ର ଲିକ୍ ଦୋଷୀଙ୍କୁ କଠୋର ଦଣ୍ଡ ଦେବା ପାଇଁ ତ୍ୱରିତ ବିଚାର ଆଦାଲତ (ଫାଷ୍ଟଟ୍ରାକ୍ କୋର୍ଟ) ଗଠନ କରାଯିବ ବୋଲି ସେ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ପ୍ରଶ୍ନପତ୍ର ଲିକ୍ ମାମଲାର ଦ୍ରୁତ ଶୁଣାଣି ଏବଂ ଦୋଷୀଙ୍କୁ କଠୋର ଶାସ୍ତି ନିଶ୍ଚିତ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଥିବା କୌଣସି ବ୍ୟକ୍ତିଙ୍କୁ ଛଡ଼ାଯିବ ନାହିଁ। ଏହାପୂର୍ବରୁ ମଧ୍ୟ ପ୍ରଧାନମନ୍ତ୍ରୀ ଏହି ଘଟଣାକୁ ଘୋର ପାପ ବୋଲି ଆଖ୍ୟା ଦେଇଥିଲେ। ଅନ୍ୟପଟେ, ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣା ପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନିଜେ ଦେଶର ଯୁବବର୍ଗଙ୍କ ଭବିଷ୍ୟତକୁ ସବୁଠାରୁ ଅଧିକ କ୍ଷତି ପହଞ୍ଚାଇଛନ୍ତି। ଗତ ୧୦ ବର୍ଷ ମଧ୍ୟରେ ୧୫୦ରୁ ଅଧିକ ପ୍ରଶ୍ନପତ୍ର ଲିକ୍ ହୋଇଥିଲେ ସୁଦ୍ଧା ଜଣେ ହେଲେ ବି ଦୋଷୀ ପ୍ରମାଣିତ ହୋଇନାହାନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବରଖାସ୍ତ କରିବା ସହିତ ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ କ୍ଷମା ପ୍ରାର୍ଥନା କରନ୍ତୁ ବୋଲି ସେ ଦାବି କରିଛନ୍ତି। ଆନ୍ଦୋଳନକାରୀ ଛାତ୍ରଛାତ୍ରୀଙ୍କ ଉପରେ ଆକ୍ରମଣ କରିଥିବା ବ୍ୟକ୍ତିମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ସେ ଦାବି କରିଛନ୍ତି।






## ଦୁର୍ଘଟଣାରେ ଗଲା ୧୦ ଜୀବନ

**ଚମ୍ପୁଆ: ବାପାଙ୍କୁ ଡାକ୍ତରଖାନା ନେବାବେଳେ ଗଛରେ ପିଟି ହେଲା ଥାର୍; ୩ ମୃତ**

**ଢେଙ୍କାନାଳ: ପୋଖରୀରେ ପଶିଗଲା କାର୍; ୫ ବରଯାତ୍ରୀ ମୃତ**

**ବାରିକ୍‌ପୁର: ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀ ମୃତ**

**ବିଶୋଇରେ ଲଜ୍ଜା**


## ଶିଶୁକନ୍ୟାକୁ ଦୁଷ୍କର୍ମ !

■ ବିଶୋଇ, ୨୩।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅଞ୍ଚଳରୁ ଆସିଛି ଏକ ଅତ୍ୟନ୍ତ ଲଜ୍ଜାଜନକ ଓ ହୃଦୟବିଦାରକ ଘଟଣା। ଚକୋଲେଟ୍ ଲୋଭ ଦେଖାଇ ମାତ୍ର ସାଢ଼େ ଚାରିବର୍ଷର ଶିଶୁକନ୍ୟାକୁ ଜଣେ ଯୁବକ ଦୁଷ୍କର୍ମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ପୁଲିସ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ, ବିଶୋଇ ଥାନା ଅଞ୍ଚଳର ସାଢ଼େ ଚାରିବର୍ଷର ଶିଶୁକନ୍ୟା ଅଙ୍ଗନବାଡ଼ି କେନ୍ଦ୍ରରେ ଥିବା ସମୟରେ ଜଗନ୍ନାଥପୁର ପଞ୍ଚାୟତ ବଡାଯୋଡ଼ି ଗ୍ରାମର ଚମକା ପାଲେୟା (୨୧) ନାମକ ଜଣେ ଯୁବକ ତାକୁ ଚକୋଲେଟ୍ ଦେବା ପ୍ରଲୋଭନ ଦେଖାଇ ଅଙ୍ଗନବାଡ଼ିରୁ ନିଜ ଘରକୁ ଡାକି ନେଇଥିଲା। ସେଠାରେ ଶିଶୁ କନ୍ୟାକୁ ଉକ୍ତ ଯୁବକ ଦୁଷ୍କର୍ମ କରିଥିଲା। ଘଟଣା ପରେ ଶି ଶୁ ଟି ▶ପୃଷ୍ଠା-୭









# ରାସ୍ତା ଶୋଚନୀୟ; ବଢୁଛି ଦୁର୍ଘଟଣା



**ଯଖପୁରା,୨୩।୭(ସମିସ)**

୫୩ ନମ୍ବର ଜାତୀୟ ରାଜପଥଠାରୁ କଳିଙ୍ଗନଗର ଶିଳ୍ପାଞ୍ଚଳକୁ ପ୍ରବେଶ କରିବା ଓ ପ୍ରାୟ ସମସ୍ତ ଶିଳ୍ପାଞ୍ଚଳରେ ସଂଯୋଗ କରୁଥିବା ପଙ୍କପାଳ ବଙ୍ଗଳା ଛକଠାରୁ ଦାନଗଦି ମିଲଟାରୀ ଛକ ପର୍ଯ୍ୟନ୍ତ ଲମ୍ବି ଥିବା ବିଜୁ ପଟ୍ଟନାୟକ ମାର୍ଗର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବିଜୁପଟ୍ଟନାୟକ ନାମରେ ନାମିତ ଏହି ରାସ୍ତା ଉପରେ ପ୍ରତିଦିନ ଶହ ଶହ ସଂଖ୍ୟାରେ ଭାରିଯାନ ଶିଳ୍ପାନୁଷ୍ଠାନ ମାନଙ୍କୁ ଯିବାଆସିବା କରୁଥିବାରୁ ରାସ୍ତା ଭାଙ୍ଗିବା ସ୍ୱାଭାବିକ। ମାତ୍ର ରାସ୍ତାର ମରାମତି କରିବା ପାଇଁ ପ୍ରଶାସନ ଆଗଭର ନଥିବାରୁ ପ୍ରତିଦିନ ଏହି ରାସ୍ତାରେ କେଉଁଠି ନା କେଉଁଠି ଦୁର୍ଘଟଣା ଘଟୁଛି। ପଙ୍କପାଳ ବଙ୍ଗଳା ଛକଠାରୁ ଦାନଗଦି ମିଲଟାରୀ ଛକ ରାସ୍ତାର ଅବସ୍ଥା ଅନେକ ସ୍ଥାନରେ ଖରାପ ଥିବାବେଳେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ଭିସା ପ୍ଲାଣ୍ଟ ପାଖରେ। ପ୍ରତିଦିନ ଏହି ରାସ୍ତାରେ ହଜାର ହଜାର ସଂଖ୍ୟାରେ ଭାରିଯାନ ଚଳାଚଳ କରିବା ସହ ସ୍ଥାନୀୟ ଲୋକେ ମଧ୍ୟ ଯାତାୟାତ କରନ୍ତି। ଖାଲଖମାରେ ପଡ଼ି ଭାରିଯାନ ଯାତାୟାତ କରିପାରୁଥିବାବେଳେ ସେହି ରାସ୍ତାରେ କାର୍, ବାଇକ୍ ଆଦି ଛୋଟ ଗାଡ଼ି ଯିବାରେ ଘୋର ସମସ୍ୟା ହେଉଛି। ଏପରିକି ଆମ୍ବୁଲାନ୍ସଟିଏ ଗଲେ ଫସି ରହୁଥିବାବେଳେ ଅଟୋଗୁଡ଼ିକ ଓଲଟି ପଡୁଛି। ଯେତେବେଳେ ସାଧାରଣ ଲୋକ କାର, ମୋଟରସାଇକଲ ଆଦି ଛୋଟ ଛୋଟ ଯାନବାହାନ ରେ ଯାତାୟତ କରନ୍ତି ସେତେବେଳେ ଏହା ସେମାନଙ୍କ ପାଇଁ ଦୁର୍ଘଟଣା ର କାରଣ ସାଜିଥାଏ। ରାସ୍ତା ଉପରେ ପାଣି ପ୍ରବାହିତ ହେଉଥିବାରୁ କେଉଁଠି ଖାଲ କେଉଁଠି ଭଲ ଜାଣିନପାରି ରାସ୍ତା ଉପରେ ଥିବା ବଡ଼ ବଡ଼ ଗର୍ତ୍ତରେ ଅନେକ ଗାଡ଼ି ପଡ଼ି ଓଲଟି ଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ବିଜୁପଟ୍ଟନାୟକ ମାର୍ଗ ଦେଇ ଯାଉଥିବା ଏକ ୧୦୮ ଆମ୍ବୁଲାନ୍ସ ଭିସା ପ୍ଲାଣ୍ଟ ପାଖରେ ଥିବା ଜଳ ଉବୁଡୁବୁ ରାସ୍ତାରେ ପଡ଼ି ଆଉ ଆଗକୁ ଯିବାପାଇଁ ସକ୍ଷମ ହୋଇପାରିଲା ନାହିଁ। ଏହାଦେଖି ସ୍ଥାନୀୟ ଲୋକେ ଅନ୍ୟ ଏକ ଗାଡ଼ି ଓ ଲୁହା ଚେନ ଲଗାଇ ଉପରକୁ ଆଣିଥିଲେ। ଏହାର ପରେ ପରେ ରାସ୍ତାର ସେହି ସ୍ଥାନରେ ଏକ ମାଲ ବୋଝେଇ ଅଟୋ ପଡିଯିବାରୁ ଅଟୋଟି ସମ୍ପୂର୍ଣ୍ଣ ଓଲଟି ପଡ଼ିଥିଲା। ଏହି ସବୁ ଦୃଶ୍ୟ ଦେଖିଲା ପରେ ସରକାର ଗମନାଗମନ ସୁବିଧା ଉପରେ କେତେ ସଚେତନ ଅଛନ୍ତି ତାହା ସହଜରେ ଅନୁମାନ କରାଯାଇପାରେ। ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନକୁ ଆସିଲା ପରଠାରୁ ବିଜୁପଟ୍ଟନାୟକ ମାର୍ଗର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଲା। ମରାମତି ନାଁରେ କେବଳ ରାଜକୋଷରୁ ଅର୍ଥ ହେଉଥିବା ବେଳେ ରାସ୍ତାରେ ଉପଯୁକ୍ତ ମରାମତି କରାଯାଉନାହିଁ। ପ୍ରାୟ ସମୟରେ ଏହି ରାସ୍ତା ରେ ମରାମତି କରାଯାଇଥାଏ। ଏହାର କିଛିଦିନ ପରେ ସେହି ସ୍ଥାନ ର ରାସ୍ତା ଅଧିକ କ୍ଷତିଗ୍ରସ୍ତ ହେଉଥିବାର ଦେଖିବାକୁ ମିଳେ। ତେଣୁ ମରାମତି ନାଁରେ କେବଳ କାର୍ଯ୍ୟ କରୁଥିବା ଠିକାଦାର ଓ ବିଭାଗୀୟ ଅଧିକାରୀ ଲାଭବାନ ହେଉଛନ୍ତି ବୋଲି ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗ ଏହା ଉପରେ ଧ୍ୟାନଦେଇ କିପରି ରାସ୍ତା ଉପରେ ପାଣି ନଯାଏ ଓ ବର୍ଷା ଜଳ ନିଷ୍କାସିତ ହୋଇ ଯେପରି ପୋଲ ମାଧ୍ୟମରେ ଯିବ ତାହାର ତୁରନ୍ତ ବ୍ୟବସ୍ଥା କରିବାକୁ ସ୍ଥାନୀୟଲୋକେ ଦାବି କରିଛନ୍ତି।

**▶▶ ସ୍ଥାୟୀ ପ୍ରତିକାର କରୁନି ବିଭାଗ**

**▶▶ ଫସୁଛି ଆମ୍ବୁଲାନ୍ସ, ଓଲଟୁଛି ଅଟୋ**

## ଦିଲ୍ଲୀରେ ଛାତ୍ର ଆନ୍ଦୋଳନକୁ ପୁଲିସର ଦମନ ପ୍ରତିବାଦରେ ବିକ୍ଷୋଭ




**ଯାଜପୁର,୨୩।୭(ସମିସ):** ପରୀକ୍ଷା ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କୁ ଦୃଷ୍ଟାନ୍ତ ମୂଳକ ଶାସ୍ତି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ବିଶିଷ୍ଟ ବୈଜ୍ଞାନିକ ତଥା ପରିବେଶବିତ ସୋନମ ୱାଂଚୁକଙ୍କୁ ୨୧ଦିନ ଅନଶନ ଚାଲିଥିବା ସମୟରେ ବଳପୂର୍ବକ ପୁଲିସ୍ ଉଠାଇନେବା ପ୍ରତିବାଦରେ ଦିଲ୍ଲୀରେ ଆନ୍ଦୋଳନରତ ଯୁବ-ଛାତ୍ର ମାନଙ୍କ ଉପରେ ପୁଲିସର ବର୍ବର ଆକ୍ରମଣକୁ ବିରୋଧ କରି ଏଆଇଡିଏସ୍ ଓ ଏଆଇଡିୱାଇ ଓ ଓ ଏ ଆଇଏମ୍ଏସ୍ଏସ୍ ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା ସ୍ଥାନୀୟ ମେଡିକାଲ ଛକରୁ ବାହାରି ବଜାର ପରିକ୍ରମା କଲାପରେ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଏଆଇଡିୱାଇ ଓ ରାଜ୍ୟ ଉପ ସଭାପତି ଅଭିମନ୍ୟୁ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିବାଦ ସଭାରେ ଏଆଇଏମ୍ଏସ୍ଏସ୍ ପକ୍ଷରୁ ସୁଲୋଚନା ପ୍ରଧାନ, ତରଙ୍ଗିଣୀ ଦାସ, ରାଜଶ୍ରୀ ମହାନ୍ତି, ମାଧବୀ ମଲ୍ଲିକ, ଲବଙ୍ଗଲତା ଜେନା, ମମତା ସେଠୀ, ଏଆଇଡିୱାଇଓ ପକ୍ଷରୁ ରାଜ୍ୟ ସମ୍ପାଦକ କେଦାରନାଥ ସାହୁ, ଅକ୍ଷୟ ପଣ୍ଡା, ରାଧାବଲ୍ଲଭ ମଲ୍ଲିକ, ସୁବାସ ମଲ୍ଲିକ, ସରୋଜ ମହାପାତ୍ର, କିଶୋର ମଲ୍ଲିକ, ବିକ୍ରମ ଦାସ, ନିମାଇଁ ଚରଣ ମଲ୍ଲିକ, ଏଆଇଡିଏସ୍ଓ ପକ୍ଷରୁ ନିଗମାନନ୍ଦ ଦାସ, ମଧୁସୂଦନ ସେଠୀ ଓ ସମ୍ଭବ ବାରିକ ପ୍ରଭୃତି କେନ୍ଦ୍ର ସରକାରଙ୍କର ଶିକ୍ଷା ମାରଣ ନୀତିର ଦୃଢ଼ ନିନ୍ଦା କରିବା ସଙ୍ଗେ ସଙ୍ଗେ ଏନ୍‌ଟିଏକୁ ବାତିଲ କରିବା, ଛାତ୍ରମାନଙ୍କ ଉପରେ ଆକ୍ରମଣକାରୀ ପୁଲିସ୍ ଓ ଗୁଣ୍ଡାମାନଙ୍କୁ କଠୋର ଶାସ୍ତି ଦେବା ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଥିଲେ। ଯଦି ସରକାର ଦାବିଗୁଡ଼ିକୁ ମାନି ନ ନିଅନ୍ତି ତେବେ ଏହି ଆନ୍ଦୋଳନକୁ ବ୍ୟାପକ ଓ ଶକ୍ତିଶାଳୀ କରି ଗଢ଼ି ତୋଳିବାକୁ ବିକ୍ଷୋଭକାରୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

**ଜନଜାତି ଝିଅ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ**

## ଧାନ କ୍ଷେତରେ ପହଞ୍ଚି କୃତଜ୍ଞତା ଜଣାଇଲେ ପୂର୍ବତନ ମନ୍ତ୍ରୀ



**ଦାନଗଦି,୨୩।୭(ସମିସ) :** ଦାନଗଦି ବ୍ଲକ ନଡ଼ିଆଭଙ୍ଗା ପଞ୍ଚାୟତ ନାକେଦେଇପୁର ଗ୍ରାମର ଜଣେ ଜନଜାତି ଝିଅ ଲକ୍ଷ୍ମୀ ବାନାର ଚଳିତ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସର୍ବଭାରତୀୟ ସ୍ତରରେ ସେ ୯୬୬୯୯୨ ର୍ୟାଙ୍କ ରଖିଥିବା ବେଳେ ରାଜ୍ୟରେ ୪୯୪୧୩ ର୍ୟାଙ୍ଗ ରଖି ଡାକ୍ତରୀ ପଢ଼ିବାର ସଫଳତା ହାସଲ କରିଛନ୍ତି। ଗୁରୁବାର ପୂର୍ବାହ୍ନରେ ପୂର୍ବତନମନ୍ତ୍ରୀ ଇଓ ପ୍ରୀତିରଞ୍ଜନ ଘଡ଼ାଇ ଲକ୍ଷ୍ମୀ ଧାନକ୍ଷେତରେ କାମକରୁଥିବା ବେଳେ ତାଙ୍କ ନିକଟରେ ପହଂଚି ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି। ତାଙ୍କର ଏହି ସଫଳତା ପଛରେ ବାପା ସିପାଇ ବାନାରା ଓ ମା ଙ୍କର ଆଶୀର୍ବାଦ ଥିବା ସେ କହିଛନ୍ତି। ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନ ଥିବାରୁ ତାଙ୍କୁ କ୍ଷେତରେ କାମ କରିବା ସହ ଘରେ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡିଥିଲା ବୋଲି ସେ କହିଛନ୍ତି। ଜଣେ ଭଲ ଡାକ୍ତର ହୋଇ ଗରିବ ଲୋକଙ୍କ ପାଇଁ ସେବା କରିବେ ବୋଲି ଦୃଢ଼ତାର ସହ ସେ କହିଛନ୍ତି।

## ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ କମିଶନର ସଚିବଙ୍କ ଯାଜପୁର ଜିଲ୍ଲା ଗସ୍ତ

**ଯାଜପୁର,୨୩।୭(ସମିସ):** ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର ଆଜି ଏକ ଦିନିକିଆ ଗସ୍ତରେ ଯାଜପୁର ଜିଲ୍ଲା ପରିଦର୍ଶନ କରି ବିଭିନ୍ନ ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ। ପ୍ରଥମେ ସେ ରସୁଲପୁର ବ୍ଲକ ଅନ୍ତର୍ଗତ ଗୋପାଳପୁରର ଦାମଦୋରପୁର ଠାରେ ପ୍ରସ୍ତାବିତ ହ୍ୟାଣ୍ଡଲୁମ୍ ପାର୍କ ପାଇଁ ଚିହ୍ନଟ ସ୍ଥାନ ପରିଦର୍ଶନ କରିଥିଲେ। ପରେ ମା’ ତାରିଣୀ ବୁଣାକାର ସମବାୟ ସମିତି ଏବଂ ହିଙ୍ଗୁଳା ବୁଣାକାର ସମବାୟ ସମିତି ପରିଦର୍ଶନ କରି ଟସର ବସ୍ତ୍ର ପ୍ରସ୍ତୁତି ପ୍ରକ୍ରିୟା ଅବଲୋକନ କରିବା ସହ ବୁଣାକାରମାନଙ୍କ ସହ ଆଲୋଚନା କରିଥିଲେ। ଏହା ସହ ଗୋପାଳପୁରର ଟେରାକୋଟା କାରିଗରଙ୍କ ଘର ପରିଦର୍ଶନ କରି ସେମାନଙ୍କ କାର୍ଯ୍ୟ ମଧ୍ୟ ଦେଖିଥିଲେ। ଏହାପରେ ଗୋପାଳପୁର ଡାକବଙ୍ଗଳା ଠାରେ ଜିଲ୍ଲାପାଳଙ୍କ ଉପସ୍ଥିତିରେ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଲ୍ଲାପାଳ ହସ୍ତତନ୍ତ ସୋ-ରୁମ ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲେ। ଏହାଦ୍ୱାରା ସ୍ଥାନୀୟ ବୁଣାକାର ଓ କାରିଗରମାନଙ୍କୁ ଉନ୍ନତ ବଜାର ସୁବିଧା ମିଳିବା ସହ ସେମାନଙ୍କ ଉତ୍ପାଦର ପ୍ରଚାର-ପ୍ରସାର ବୃଦ୍ଧି ପାଇବ ଏବଂ ସେମାନଙ୍କ ଆୟ ବୃଦ୍ଧିରେ ସହାୟକ ହେବା ସହ ଏହି ସୋ-ରୁମ ଯାଜପୁରର ପାରମ୍ପରିକ ହସ୍ତତନ୍ତ ଓ ହସ୍ତଶିଳ୍ପକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ ବୋଲି ଜିଲ୍ଲାପାଳ ମତ ପ୍ରକାଶ କରିଥିଲେ। ଅପରାହ୍ନରେ ସେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଗଡ଼ମଧୁପୁର ପୁଞ୍ଜରେ କାଇଁଚ ହସ୍ତଶିଳ୍ପ କାରିଗରଙ୍କ ପାଇଁ ନିର୍ମିତ ସାଧାରଣ ସୁବିଧା କେନ୍ଦ୍ର ପରିଦର୍ଶନ କରି କାରିଗରମାନଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତ ଅବସରରେ ଜିଲ୍ଲାପାଳ ଶ୍ରୀ ଅମ୍ବର କୁମାର କର, ଉପ ଜିଲ୍ଲାପାଳ ଶ୍ରୀ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ନିର୍ଦ୍ଦେଶକ, ସେରିକଲ୍‌ଚର, ସୂର୍ଯ୍ୟନାରାୟଣ ପଟ୍ଟନାୟକ, ଡେପୁଟି ଡାଇରେକ୍ଟର, ଟେକ୍ସଟାଇଲ, ଗୋଲାପୀ ଗୋପରାଣୀ ମୁର୍ମୁ, ଡେପୁଟି ଡାଇରେକ୍ଟର, ହସ୍ତଶିଳ୍ପ, ଜ୍ୟୋତି ରଞ୍ଜନ ଜେନା, ରସୁଲପୁର, ଧର୍ମଶାଳାର ବିଡିଓମାନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



## ଭଙ୍ଗାରୁଜା ଓ ଟ୍ରକ୍ ଚୋରି ମାମଲାରେ ଯୁବକ କୋର୍ଟ ଚାଲାଣ

**ପାଣିକୋଇଲି,୨୩।୭(ସମିସ):** ପାଣିକୋଇଲି ଥାନା ମୂଳାପାଳ ପଞ୍ଚାୟତର କ୍ଷିରୋ ଗ୍ରାମରେ ମେଗା ପାନୀୟ ଜଳ ପ୍ରକଳ୍ପରେ ଏକ ବର୍ଷ ଧରି ଏର୍‌ଆର୍ ଆଡ୍‌ମିନ୍ ଭାବେ କୁଆଖିଆ ଥାନା ଅନ୍ତର୍ଗତ ଚଣ୍ଡିପୁର ଗ୍ରାମର ମୁନା ଜେନା କାର୍ଯ୍ୟ କରି ଆସୁଛନ୍ତି। ତାଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ୨୭୬/୨୬ ରୁଜୁ କରି ମୁଖ୍ୟ ଅଭିଯୁକ୍ତ କ୍ଷିରୋ ଗ୍ରାମର ସୁଶାନ୍ତ ବାଣ୍ଡ(୨୧)କୁ ଗିରଫ କରି ଅଦାଲତ ଚାଲାଣ କରିଛି। ଅଭିଯୋଗ ମୁତାବକ ଗତ ୧୫ ତାରିଖ ରାତି ସାଢେ ୧୧ଟା ସମୟରେ ସୁଶାନ୍ତ ବାଣ୍ଡ ଓ ଆଇଚର ଡ୍ରାଇଭର ଦର୍ପଣ ନାରାୟଣପୁର ଗ୍ରାମର ପ୍ରକାଶ କୁମାର ରାଉତ(୪୧) ମଦ୍ୟପାନ କରି ରାସ୍ତାରେ ଲାଗିଥିବା ଲାଇଟଗୁଡ଼ିକୁ ଟେକା ଫିଙ୍ଗି ଭାଙ୍ଗିଥିଲେ। ସୁରକ୍ଷାକର୍ମୀ ସଞ୍ଜୟ କୁମାର ଦାସ ଓ ଅଜୟ କୁମାର ଜେନାଙ୍କୁ ଆକ୍ରମଣ କରି ଆହତ କରିବା ସହ ମୋବଇଲ ଫୋନ ଛଡ଼ାଇନେଇ ଧମକ ମଧ୍ୟ ଦେଇଥିଲେ। ସେଠାରେ ଥିବା ରାଜେଶ ସାମଲ ନାମକ ବ୍ୟକ୍ତିଙ୍କ ଆଇଚର ଟ୍ରକ ( ଓଡି୦୫ ବି ୫ ୭୪୧୮) ସେଠାରୁ ଛଡ଼ାଇ ନେଇ ପଳାଇଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାସ୍ଥଳେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଆଇଚରର ଷ୍ଟାର୍ଟ ଅସୁବିଧା ହେବାରୁ ଉକ୍ତ ଆଇଚରକୁ ଏହି ଥାନା ଚାନ୍ଦପୁରସ୍ଥିତ କିଆ ସୋରୁମ ପଛ ପଟେ ଛାଡି ପଳାଇଥିଲେ। ପୁଲିସ ଖୋଜାଖୋଜି କରି ଆଇଚରକୁ ଥାନାକୁ ଆଣିଥିଲା। ସୁଶାନ୍ତ ଘରକୁ ଆସିଥିବା କୌଣସି ସୂତ୍ରରୁ ପୁଲିସ ଖବର ପାଇ ତାକୁ ଗିରଫ କରିଥିଲା। ପୂର୍ବ ଶତ୍ରୁତାରୁ ସେ ଏସବୁ କରିଥିବା ସ୍ୱୀକାର କରିଥିଲା। ପୁଲିସ ଆଜି ସୁଶାନ୍ତକୁ ଡାକ୍ତରୀ ପରୀକ୍ଷା କରିବା ପରେ ଅଦାଲତ ଚାଲାଣ କରାଯାଇଛି। ହେଲେ ଅନ୍ୟ ଅଭିଯୁକ୍ତ ପ୍ରକାଶ ଫେରାର ଥିବା ବେଳେ ଖୁବ ଶୀଘ୍ର ତାକୁ ଧରାଯିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।



## ସାମ୍ବାଦିକ ରାମକୃଷ୍ଣ ଦାସଙ୍କ ସ୍ମୃତିଚାରଣ ସଭା

**ବିଞ୍ଝାରପୁର,୨୩।୭(ସମିସ):** ବିଞ୍ଝାରପୁର ମାଟିରୁ ସବୁଦିନ ପାଇଁ ବିଦାୟ ନେଇ ଯାଇଥିବା ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ରାମକୃଷ୍ଣ ଦାସଙ୍କ ସ୍ମୃତିରେ ବିଞ୍ଝାରପୁର ସାମ୍ବାଦିକ ୟୁନିଅନ୍ ପକ୍ଷରୁ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ସେକ୍ ସନୱରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ୟୁନିଅନ୍‌ର ଉପଦେଷ୍ଟା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ତଥା ଜିଲ୍ଲା ପରିଷଦ ସଦସ୍ୟ ନନ୍ଦ କିଶୋର ସାମଲ ଏବଂ ବିଶିଷ୍ଟ ସମାଜସେବୀ ତଥା ଯୁବ ବିଜେଡି ସଭାପତି ଦିଲ୍ଲୀପ କୁମାର ରାଉଳ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ ସାମ୍ବାଦିକତା, ନିଷ୍ଠା ଓ ସମାଜ ପ୍ରତି ତାଙ୍କର ଅବଦାନକୁ ସ୍ମରଣ କରିଥିଲେ। ଶିକ୍ଷାବିତ୍ ଅକ୍ଷୟ କୁମାର ନାୟକ ସଭା ପରିଚାଳନା କରିଥିବାବେଳେ ପୂର୍ବତନ ସଭାପତି ଦେବ ପ୍ରସାଦ ସାହୁ, ସାଧାରଣ ସମ୍ପାଦକ ଗୁଲସନ ନୱାଜ ଅଲି ଖାଁ, ବରିଷ୍ଠ ସଦସ୍ୟ ସୀତାକାନ୍ତ ସାମଲ, ଅନଙ୍ଗ ଉଦୟ ବେଉରିଆ, ଅକ୍ଷୟ କୁମାର ନାୟକ, ସତ୍ୟରଞ୍ଜନ ମଲ୍ଲିକ, ସୁରେନ୍ଦ୍ର ସାମଲ, ବିଶ୍ୱଜିତ ନାୟକ, ଶଙ୍କର୍ଷଣ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସଭା ଆରମ୍ଭରେ ସ୍ୱର୍ଗତ ରାମକୃଷ୍ଣ ଦାସଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ବକ୍ତାମାନେ କହିଥିଲେ ଯେ, ସ୍ୱର୍ଗତ ରାମକୃଷ୍ଣ ଦାସଙ୍କ ପରଲୋକ ବିଞ୍ଝାରପୁରର ସାମ୍ବାଦିକତା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କର ନିଷ୍ଠା, କର୍ମଦକ୍ଷତା, ସତ୍ୟନିଷ୍ଠ ସାମ୍ବାଦିକତା ଏବଂ ସମାଜ ପ୍ରତି ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ସେମାନେ ମତ ପ୍ରକାଶ କରିଥିଲେ।




## ଧର୍ମଶାଳା ଶ୍ରୀଗୁଣ୍ଡିଚା ମନ୍ଦିରରେ ଭଜନ ସନ୍ଧ୍ୟା ଓ ସମ୍ବର୍ଦ୍ଧନା ପର୍ବ

**ଧର୍ମଶାଳା,୨୩।୭(ସମିସ):** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଧର୍ମଶାଳା ହାଟପଡ଼ିଆ ଠାରେ ଆଜି ଭଜନ ସନ୍ଧ୍ୟା ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଗୁଣ୍ଡିଚା ରଥ ଯାତ୍ରାରେ ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରୁ ଠାକୁର ୯ ଦିନ ଲାଗି ନିଜ ମାଉସୀ ଘରକୁ ଆସିଥିବା ବେଳେ ହାଟପଡିଆସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରେ ରହି ଆସୁଛନ୍ତି। ଏହି ଅବସରରେ ହାଟପଡିଆସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଜଗନ୍ନାଥମୟ ହୋଇ ଉଠିଛି। ଶ୍ରୀଗୁଣ୍ଡିଚା ମନ୍ଦିରରେ ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମକୁ ମୁନସୀ ମେଲଣ କମିଟି ପକ୍ଷରୁ ପରିଚାଳିତ କରାଯାଉଛି। ଠାକୁରଙ୍କୁ ଦର୍ଶନ କରିବା ଲାଗି ଭକ୍ତମାନେ ଏଠାରେ ରୁଣ୍ଡ ହେଉଥିବା ବେଳେ କମିଟି ପକ୍ଷରୁ ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଶିତ କରାଯାଉଛି। ଏହିକ୍ରମରେ ଆଜି ସନ୍ଧ୍ୟାରେ ସିଦ୍ଧିବିନାୟକ ଭଜନ ସନ୍ଧ୍ୟା ତରଫରୁ ଏଠାରେ ଏକ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଭଜନ ସନ୍ଧ୍ୟାରେ କଣ୍ଠଶିଳ୍ପୀ ସୁବ୍ରତ ତ୍ରିପାଠୀ ଅଂଶଗ୍ରହଣ କରି ଭଜନ ପରିବେଷଣ କରିଥିଲେ। ପରେ ପରେ ମୁନ୍‌ସୀ ମେଲଣ କମିଟି ପକ୍ଷରୁ ସ୍ଥାନୀୟ ଅଞ୍ଚଳର ଚହଟା ଗୋପୀନାଥ, ଚହଟା ବୃନ୍ଦାବନ ବିହାରୀ, ତୋରମୁହାଁ, ବାଲିଗରି, ନରସିଂହପୁର, ମଙ୍ଗଳପୁର, ନାଉପାଳ, ଭବାନୀପୁର ପ୍ରମୁଖ ସଂକୀର୍ତ୍ତନ ଦଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଏଠାରେ ପ୍ରତ୍ୟେକ ଦିନ ଚାଲିଥିବା ଆନନ୍ଦବଜାରରେ ପ୍ରସାଦ ପରିବେଷଣ ଦାୟିତ୍ୱରେ ରହିଥିବା ସ୍ୱେଚ୍ଛାସେବୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆସନ୍ତା କାଲି ବାହୁଡାଯାତ୍ରାରେ ତିନି ଠାକୁର ଶ୍ରୀଗୁଣ୍ଡିଚା ମନ୍ଦିରରୁ ବାହାରୀ ରଥାରୁଢ ହୋଇ ପୁଣି ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରକୁ ଫେରିଯିବେ। ବାହୁଡା ଯାତ୍ରାରେ ଧର୍ମଶାଳା ବିଧାୟକଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିବା ବେଳେ ବିଧାୟକ ଶ୍ରୀ ସାହୁ ଠାକୁର ରାଜା ଭାବେ ରଥରେ ଛେରା ପହଁରା କରିବେ ବୋଲି ଉଭୟ ଜଗନ୍ନାଥ ମନ୍ଦିର ଓ ମୁନସୀ ମେଲଣ କମିଟି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଗତ କିଛି ଦିନ ହେଲା ଚଳଚଞ୍ଚଳ ହୋଇପଡ଼ିଥିବା ହାଟପଡିଆସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିର କାଲିଠାରୁ ଜନଶୁନ୍ୟ ପାଲଟିଯିବ ପୁଣି ଅପେକ୍ଷା ଆର ବର୍ଷକୁ। ଶ୍ରୀ ଗୁଣ୍ଡିଚା ମନ୍ଦିରରେ ସପ୍ତାହେରୁ ଉର୍ଦ୍ଧ ଦିନ ଧରି ଅନୁଷ୍ଠିତ ସମସ୍ତ କାର୍ଯ୍ୟକ୍ରମକୁ ମୁନସୀ ମେଲଣ କମିଟିର ସଭାପତି ତଥା ଧର୍ମଶାଳା ଥାନା ଅଧିକାରୀ ଚିନ୍ମୟୀ ସାହୁ, କାର୍ଯ୍ୟକାରୀ ସବାପତି ଜଳଧର ମହାନ୍ତି, ସମ୍ପାଦକ ପ୍ରମୋଦ କୁମାର ଦାସ, ସହ ସମ୍ପାଦକ ପ୍ରବୋଧ କୁମାର ପାତ୍ର, କୋଷାଧ୍ୟକ୍ଷ ମନୋଜ ରାଉଳ, ଗଗନ ବରାଳ, ସନ୍ତୋଷ କୁମାର ଜେନା, ଅଶୋକ କୁମାର ସାହୁ, ସୂର୍ଯ୍ୟକାନ୍ତ ରାଉତ, ବିଚିତ୍ର କୁମାର ସ୍ୱାଇଁ, ଗଙ୍ଗାଧର ମହାରଣା, ଲକ୍ଷ୍ମୀକାନ୍ତ ସାହୁ, ରମେଶ ମହାନ୍ତି ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

## ରାଜରାସ୍ତାରେ ରୋଡ୍ ରୋମିଓଙ୍କ ପ୍ରାଦୁର୍ଭାବ

**କର୍ୟାଁଗୋଲା,୨୩।୭(ସମିସ):** ଦିନକୁ ଦିନ ଦଶରଥପୁର ବ୍ଲକ୍‌ରେ ରୋଡ୍ ରୋମିଓଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏମାନଙ୍କୁ ପୁଲିସର ଛାଟ କେବେ ପଡ଼ିବ ବୋଲି ବିଭିନ୍ନ ମହଲରେ ଆଲୋଚନା ହୋଇଛି। କଲେଜ, ବଜାର, ଛକମାନଙ୍କରେ, ବ୍ଲକ ଅଫିସ୍ ଅଞ୍ଚଳରେ ବାଇକ୍ ଧରି ଚକ୍କର କାଟିବା ସହ ସ୍କୁଲ, କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରୁଛନ୍ତି। କଲେଜ, ବେସରକାରୀ ଶିକ୍ଷାନୁଷ୍ଠାନ, ବଜାର ଅଞ୍ଚଳରେ ରୋଡ୍ ରୋମିଓ ଏବଂ ଅସାମାଜିକ ଯୁବକଙ୍କ ପ୍ରାଦୁର୍ଭାବ ସୀମା ଟପିବାରେ ଲାଗିଛି। ବେପାରୁଆ ଗାଡ଼ି ଚାଳନା ଯୋଗୁଁ ପ୍ରତିଦିନ ଛୋଟମୋଟ ଦୁର୍ଘଟଣା ଘଟୁଥିବା ବେଳେ ବିକଟାଳ ଶବ୍ଦ କରୁଥିବା ହର୍ଣ୍ଣ ସାଇଲେନସର୍ ଯୋଗୁଁ ଲୋକେ ଭୟଭୀତ ହୋଇପଡୁଛନ୍ତି। ପୂର୍ବାହ୍ନ ଓ ଅପରାହ୍ଣ ସମୟରେ ଏହି ବ୍ଲକ୍‌ର ବିଭିନ୍ନ ଛକ ମଙ୍ଗଳପୁର, ଦକ୍ଷିଣ ବନ୍ଧ, ବୋଉଳାଙ୍ଗ, କଁୟାଗୋଲା, ବିରିପଟା, କଲେଜ, ଦୁବକଣ, ସାମ୍ନା ଆଦି ଅଞ୍ଚଳରେ ଅନେକ ସମୟରେ ସ୍ପିଡ୍‌ରେ ଗାଡ଼ି ଚଳାଇବା ସହ ହଠାତ୍ ବ୍ରେକ୍ ମାରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବାରୁ ଯାତାୟାତ କରୁଥିବା ଲୋକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କିଛି ଅଞ୍ଚଳରେ ପୁଲିସ୍‌କୁ ଦେଖିଲେ ରୋଡ୍ ରୋମିଓ ଗାଡ଼ିକୁ କିଛି ସମୟ ପାଇଁ ମନ୍ଥର କରୁଥିବାବେଳେ ପୁଲିସ ଗଲା ପରେ ପୁଣି ଦ୍ରୁତ ଗତିରେ ଗାଡ଼ି ଚାଳନା କରୁଛନ୍ତି। ଯୁବତୀ ଓ ମହିଳାମାନଙ୍କୁ କମେଣ୍ଟ କରିବା ଦ୍ୱାରା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ସ୍କୁଲ, କଲେଜ, ବଜାର, ଟ୍ୟୁସନ ଯିବା ଆସିବା ବେଳେ କିଛି ଯୁବକ ହଇରାଣ ହରକତ କରୁଛନ୍ତି। ଏ ନେଇ ମଙ୍ଗଳପୁରରେ ନୂତନ ଭାବେ ଯୋଗ ଦେଇଥିବା ଥାନା ଅଧିକାରୀ ଭୁବନ ମୋହନ ସେଠୀଙ୍କୁ ପଚାରିବାରୁ ଏହା ଉପରେ କଡ଼ା ନଜର ରଖିବେ ବୋଲି ସେ କହିଛନ୍ତି। ଲହଡ଼ି ମାରୁଛି ବିଜୁ ପଟ୍ଟନାୟକ ଭିସା ପାଖ ରାସ୍ତା।

## ପାଣିକୋଇଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ



**ପାଣିକୋଇଲି,୨୩।୭(ସମିସ):** ପାଣିକୋଇଲିସ୍ଥିତ ମା’ ତାରିଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ଯୁକ୍ତ ୨ ର ନବାଗତା ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଛି। ରାଜ୍ୟ ସରକାରଙ୍କ ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ପକ୍ଷରୁ ଚଳିତ ବର୍ଷ ଯୁକ୍ତ ୨ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କୁ ଆଜି ଠାରୁ ଶିକ୍ଷାଦାନ ପାଇଁ ନିର୍ଦ୍ଦେଶ ଥିଲା। ଏହି ଅବସରରେ ବିଦ୍ୟାଳୟରେ ନୂତନ ଭାବେ ତିନି ବିଭାଗର ନାମଲେଖାଇଥିବା ୨୪୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସେମାନଙ୍କୁ ବିଦ୍ୟାଳୟ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ବସନ୍ତ ମଂଜରୀ ସାହୁ, ଅଧ୍ୟାପକ ସେମନାଥ ପତି, ବଳରାମ ପଣ୍ଡା, ସମରେନ୍ଦ୍ର ଦାସ, ଗୋପବନ୍ଧୁ ସାହୁ, ତୁଷାର ରଞ୍ଜନ ପୁହାଣ, ସୁଶାନ୍ତ କୁମାର ପଣ୍ଡା, ଅଧ୍ୟାପିକା ପ୍ରଭାମୟୀ ଜେନା, କଲ୍ୟାଣୀ ସାମଲ, ଡେମୋନେଷ୍ଟେଟର ଶାରଳା ଦାଶ, କର୍ମଚାରୀ ମଧୁସୂଦନ ପଣ୍ଡା, ଶାନ୍ତନୁ କୁମାର ପହୀ, ମହେଶ୍ୱର ସେଠୀ, ହିମାଦ୍ରୀ ନାଥ ଦାସ, ନକୁଳ ବେହେରା, ରମାକାନ୍ତ ଜେନା, ନୟନୀ ଖଣ୍ଡାଇ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ଖରିଫ ଋତୁ ନିମନ୍ତେ କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ**

## ୭୨୯ କୋଟି ଟଙ୍କା ଋଣ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ

**ଯାଜପୁର,୨୩।୭(ସମିସ)**

ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ଆଗାମୀ ଖରିଫ ଋତୁ ୨୦୨୬ ନିମନ୍ତେ ଜିଲ୍ଲା କୃଷି କାର୍ଯ୍ୟ ନିର୍ଦ୍ଧାରଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଅମ୍ବର କୁମାର କର କୃଷକ ମାନେ ଯେପରି ପ୍ରତ୍ୟେକ ଯୋଜନାର ସୁଫଳ ପାଇପାରିବେ ସେଥିପ୍ରତି କୃଷି ତଥା ଆନୁସଙ୍ଗିକ ବିଭାଗ ଅଧିକାରୀମାନେ ଯତ୍ନବାନ ହେବା ଆବଶ୍ୟକ। ଚଳିତ ବର୍ଷ ସମବାୟ ବ୍ୟାଙ୍କ୍ ପକ୍ଷରୁ ୭୨୯ କୋଟି ଶସ୍ୟ ଋଣ ଯୋଗାଇ ଦେବାକୁ ଧାର୍ଯ୍ୟ ଲକ୍ଷ୍ୟ କରାଯାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚଳିତ ମାସ ଶେଷ ସୁଦ୍ଧା ଜିଲ୍ଲାର ସମସ୍ତ ଋଣୀ ଓ ଅଣଋଣୀ ଚାଷୀଙ୍କୁ ପଞ୍ଜୀକୃତ କାର୍ଯ୍ୟ ଶେଷ କରିବାକୁ ବ୍ଲକ୍ କୃଷି ଅଧିକାରୀ, ସମବାୟ ବିଭାଗ ତଥା ବୀମା କମ୍ପାନୀ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଏବଂ ସାରର ସୁଷମ ବଣ୍ଟନ ପାଇଁ ତଦାରଖ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ ସଭାକାର୍ଯ୍ୟକୁ ଆଗେଇ ନେବା ସହ କାର୍ଯ୍ୟ ସୂଚୀ ଅନୁଯାୟୀ ୨୦୨୬ ମସିହା ଖରିଫ ଫସଲ ନିମନ୍ତେ ହୋଇଥିବା ଲକ୍ଷ୍ୟ ଧାର୍ଯ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ଯାଜପୁର ଜିଲ୍ଲାରେ ୨୦୨୬ ମସିହା ସୁଦ୍ଧା ସମୁଦାୟ ୧୦୬୨୮୦ ହେକ୍ଟର ଜମିରେ ଧାନ ଚାଷ, ସମୁଦାୟ ୧୨୦୦ ହେକ୍ଟର ଜମିରେ ମକା ଚାଷ, ସମୁଦାୟ ୧୦୩୦ ହେକ୍ଟର ଜମିରେ ମିଲେଟ୍ ଚାଷ, ସମୁଦାୟ ୭୩୦୫ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ଚାଷ, ସମୁଦାୟ ୧୧୦ ହେକ୍ଟର ଜମିରେ ତୈଳ ବୀଜ ଚାଷ, ୫୫୦ ହେକ୍ଟର ଜମିରେ ଝୋଟ ଚାଷ,୧୨୧୨୦ ହେକ୍ଟର ଜମିରେ ପନିପରିବା ଚାଷ ଏବଂ ସମୁଦାୟ ୨୩୯୦ ହେକ୍ଟର ଜମିରେ ମସଲା ଚାଷ କରାଯିବା, ୧୩୦ ଜମିରେ ଘାସ ଚାଷ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ୨୦୨୬ ମସିହା ସୁଦ୍ଧା ଯାଜପୁର ଜିଲ୍ଲାରେ ପ୍ରମୁଖ ଜଳ ସେଚନ, କ୍ଷୁଦ୍ର ଜଳସେଚନ, ବୃହତ୍ ଉଠା ଜଳ ସେଚନ, କ୍ଷୁଦ୍ର ଉଠା ଜଳସେଚନ ଏବଂ ଅନ୍ୟାନ୍ୟ ଉତ୍ସରୁ ସମୁଦାୟ ୧୧୪୯୧୭ ହେକ୍ଟର ଜମିରେ ଜଳସେଚନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୨୦୨୬- ୨୭ ମସିହା ମୃତ୍ତିକା ପରୀକ୍ଷା କରାଯାଇ ବ୍ଲକ୍ ୱାରୀ ୧୦୦୦୦ ନମୁନା ସଂଗ୍ରହ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଚଳିତ ଖରିଫ ଋତୁରେ ୨୮୫୦୦ ମେଟ୍ରିକ୍ ଟନ୍ ରାସାୟନିକ ସାର ଯଥା: ଫସଫରସ, ପଟାସ ଓ ଯବକ୍ଷାରଜାନ ଇତ୍ୟାଦି ବ୍ୟବହାର ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉକ୍ତ ବୈଠକରେ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା, କୃଷି ଯାନ୍ତ୍ରିକକରଣ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୃଷି ଋଣ ଇତ୍ୟାଦି ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରାଯାଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟା ପ୍ରକଳ୍ପ, ଯାଜପୁରର ରମାକାନ୍ତ ପରିଡ଼ା, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଯାଜପୁର ଗୋପୀନାଥ କର, ଜିଲ୍ଲା ମତ୍ସ୍ୟ ଅଧିକାରୀ ସୁବାସ ଚନ୍ଦ୍ର ସେଠୀ, ସହକାରୀ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା. ସୁଶାନ୍ତ କୁମାର ବେହେରା ସହକାରୀ ନିର୍ଦ୍ଦେଶକ ବିଭାଗୀୟ ଯୋଜନା ଓ କାର୍ଯ୍ୟସୂଚୀ ବିଷୟରେ ଗୃହକୁ ଅବଗତ କରାଇଥିଲେ। ଜିଲ୍ଲା ଉନ୍ନୟନ ପରିଚାଳକ, ନାବାର୍ଡ, ଅଗ୍ରଣି ବ୍ୟାଙ୍କ୍ ପରିଚାଳକ ଓ ସମସ୍ତ ଜଳସେଚନ, କୃଷି ତଥା ଆନୁସଙ୍ଗିକ ବିଭାଗର ଜିଲ୍ଲା ତଥା ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ସମାଜସେବୀ ଅନନ୍ତ କିଶୋର ଜେନାଙ୍କ ପରଲୋକ



**ଧର୍ମଶାଳା,୨୩।୭(ସମିସ):** ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପଞ୍ଚାୟତ ଇମାମନଗର ଗ୍ରାମର ସମାଜସେବୀ ଅନନ୍ତ କିଶୋର ଜେନାଙ୍କ ଗତକାଲି ରାତିରେ ହୃଦ୍‌ଘାତରେ ପଣ୍ଡୁଆସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୪ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ପତ୍ନୀ, ୨ ଭାଇ, ପୁଅ, ଝିଅ, ବୋହୂ, ଜ୍ୱାଇଁ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ଜେନା, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ତଥା ସାମ୍ବାଦିକ ବଟକୃଷ୍ଣ ପରିଡ଼ା, ସତ୍ୟସ୍ୱରୂପ ସାହୁ, ସମାଜସେବୀ କାହ୍ନୁଚରଣ ଦାଶ, ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ଦେବତା, ଦେବବ୍ରତ ରାଉତ, ଦିଲ୍ଲୀପ କୁମାର ଜେନା, ଡକ୍ଟର ରୁଦ୍ରନାରାୟଣ ପୃଷ୍ଟି, ଗ୍ରାମ ମୁରବୀ ସୁବାସ ଚନ୍ଦ୍ର ମହାରଣା, ବାଦଲ ମହାନ୍ତି ଓ ସାନଭାଇ ପବିତ୍ର ମୋହନ ଜେନାଙ୍କ ସହିତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ମରାଶରୀରକୁ ଏକ ଶୋଭାଯାତ୍ରାରେ ତାଙ୍କ ପୈତୃକ ଗ୍ରାମ ଇମାମ ନଗର ନିଆଯାଇ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଏକମାତ୍ର ପୁଅ ଅଜିତ କୁମାର ଜେନା ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଜେନା ହେଉଛନ୍ତି, ବରିଷ୍ଠ ସାମ୍ବାଦିକ ତଥା “ଗୋକର୍ଣ୍ଣିକା”ର ସମ୍ପାଦକ ରମାକାନ୍ତ ଜେନାଙ୍କ ମଝିଆଁ ଭାଇ। ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ୭ ମାସରେ ୧୦୫ ମହିଳା ଓ ନାବାଳିକା ନିଖୋଜ ମାମଲା

ଦୋଳସାହି,୨୩।୭ (ସମିସ): ଜନଗଣନା ଅନୁଯାୟୀ ପୁରୁଷ ତୁଳନାରେ ମହିଳାଙ୍କ ସଂଖ୍ୟା କମି କମି ଯାଉଛି। ତଥାପି ମହିଳାମାନେ ଅନେକ ପୁରୁଷଙ୍କ ସହ ସମ୍ପର୍କ ସ୍ଥାପନ କରୁଥିବାର ସୂଚନା ଆଲୋଚନାର ପ୍ରସଙ୍ଗ ସାଜିଛି। ସୂଚନାଯୋଗ୍ୟ, ତିହିଡ଼ି ଥାନା ଅଞ୍ଚଳର ବିଭିନ୍ନ ପଞ୍ଚାୟତରେ ଗତ ୭ ମାସ ଭିତରେ ୧୦୫ ମହିଳା ଓ ନାବାଳିକା ନିଖୋଜ ହୋଇଥିବା ପଞ୍ଜୀକରଣ ହୋଇଛି। ସେହିଭଳି ୫୦ରୁ ଅଧିକ ଫେରାର୍ ମହିଳା ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ବିଧିବଦ୍ଧ ସୂଚନା ନ ଥିବା ଜଣାଯାଇଛି। ଶୁଣାଯାଏ ମଧ୍ୟ ବୟସ୍କା ଦୁଇ ତିନୋଟି ସନ୍ତାନ ଥିବା ମହିଳା ଏହି କାର୍ଯ୍ୟରେ ସାମିଲ୍‌କୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରିଛି। ଭଦ୍ରକ ଏସ୍‌ପି ମନୋଜ ରାଉତଙ୍କ ନିର୍ଦ୍ଦେଶ କ୍ରମେ ତିହିଡ଼ି ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକଙ୍କ ତତ୍ତ୍ୱାବଧାନରେ ଏହି ୧୦୫ ଜଣଙ୍କ ମଧ୍ୟରୁ ୪୦ ଜଣଙ୍କୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି।

## ନିଟ୍ ପରୀକ୍ଷାରେ ସତ୍ୟଜିତ୍‌ଙ୍କ ସଫଳତା



ବାରିକପୁର,୨୩।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ନେରଡା ପଞ୍ଚାୟତ ଆଖୁଆପଦା ଗାଁର ଯୁବ ଉଦ୍ୟୋଗୀ ଗଣେଶ ଚନ୍ଦ୍ର ଜେନା ଓ ପୂର୍ବତନ ସରପଞ୍ଚ ତପସ୍ୱିନୀ ଜେନାଙ୍କ ସୁପୁତ୍ର ସତ୍ୟଜିତ୍ ଜେନା ସର୍ବଭାରତୀୟ ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସତ୍ୟଜିତ୍ ଜଣେ ମେଧାବୀ ଛାତ୍ର ଭାବେ ବେଶ୍ ଜଣାଶୁଣା ଥିବାବେଳେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ମଧ୍ୟ ସେ ୯୨% ମାର୍କ ରଖିଥିଲେ। ଚଳିତ ବର୍ଷ ନିଟ୍ ପରୀକ୍ଷାରେ ସେ ଆଶାତୀତ ସଫଳତା ହାସଲ କରିଥିବାବେଳେ ସହପାଠୀ ଓ ବନ୍ଧୁ ପରିଜନଙ୍କଠାରୁ ଆରମ୍ଭ କରି ସମସ୍ତେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଗ୍ରାମ ସମେତ ପଞ୍ଚାୟତ ଏବଂ ବ୍ଲକ୍ ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ସତ୍ୟଜିତ୍। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ପିତାମାତା ଓ ଭଗବାନଙ୍କ ଆଶୀର୍ବାଦ ଯୋଗୁଁ ସେ ସଫଳତା ପାଇଥିବା ନିଟ୍ କୃତକାର୍ଯ୍ୟ ମେଧାବୀ ଛାତ୍ର ସତ୍ୟଜିତ୍ କହିଛନ୍ତି।

## ଭଦ୍ରକରେ ସ୍ଥାପନ ହେବ ସ୍ୱତନ୍ତ୍ର ଏସ୍‌ସି-ଏସ୍‌ଟି କୋର୍ଟ

ଭଦ୍ରକ,୨୨।୭ (ସମିସ): ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି (ଏସ୍‌ଟି) ଅତ୍ୟାଚାର ନିରୋଧ ଆଇନ-୧୯୮୯ ଅଧୀନରେ ରୁଜୁ ହେଉଥିବା ମାମଲାଗୁଡ଼ିକର ଶୀଘ୍ର ଓ ସ୍ୱତନ୍ତ୍ର ବିଚାର ପାଇଁ ଭଦ୍ରକ ଜିଲ୍ଲାରେ ଏକ ଏକ୍ସକ୍ଲୁସିଭ୍ ସ୍ପେଶାଲ କୋର୍ଟ ସ୍ଥାପନ କରାଯିବ। ଏନେଇ ଓଡ଼ିଶା ସରକାରଙ୍କ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ସଂଖ୍ୟା-୨୬୩୯୫/ହୋମ୍ ଜାରି କରାଯାଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ସୁପାରିସ୍ କ୍ରମେ ରାଜ୍ୟର ୬ଟି ଜିଲ୍ଲାରେ ଏହି ସ୍ୱତନ୍ତ୍ର ଅଦାଲତ ସ୍ଥାପନ ହେଉଥିବାବେଳେ ଭଦ୍ରକ ମଧ୍ୟ ସେଥିରେ ସାମିଲ୍ ହୋଇଛି। ନୂତନ ଅଦାଲତର ନାମ 'ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍-ସମ୍-ସ୍ୱତନ୍ତ୍ର କୋର୍ଟ (ଏସ୍‌ସି ଆଣ୍ଡ ଏସ୍‌ଟି ପିଓଏ ଆକ୍ଟ), ଭଦ୍ରକ' ରହିବ। ଏସ୍‌ସି/ଏସ୍‌ଟି ଅତ୍ୟାଚାର ନିରୋଧ ଆଇନ ଅଧୀନରେ ରୁଜୁ ହେଉଥିବା ସମସ୍ତ ମାମଲାର ସ୍ୱତନ୍ତ୍ର ଶୁଣାଣି ଓ ବିଚାର ଏହି କୋର୍ଟରେ କରାଯିବ। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ପୀଡ଼ିତମାନେ ଶୀଘ୍ର ନ୍ୟାୟ ପାଇବା ସହ ଦୀର୍ଘଦିନ ଧରି ବିଚାରାଧୀନ ଥିବା ଏସ୍‌ସି/ଏସ୍‌ଟି ମାମଲାଗୁଡ଼ିକର ଦ୍ରୁତ ସମାଧାନ ହେବ ବୋଲି ଆଶା କରାଯାଉଛି। ଭଦ୍ରକ ବ୍ୟତୀତ ଗଞ୍ଜାମ (ବ୍ରହ୍ମପୁର), ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା (ଖୋର୍ଦ୍ଧା ରାଜସ୍ୱ ସବ୍‌ଡିଭିଜନ) ଏବଂ ପୁରୀ ଜିଲ୍ଲାରେ ମଧ୍ୟ ଏଭଳି ସ୍ୱତନ୍ତ୍ର କୋର୍ଟ ସ୍ଥାପନ କରାଯିବ। ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶକ୍ରମେ ବିଜ୍ଞପ୍ତିଟିକୁ ସରକାରୀ ଗେଜେଟ୍‌ରେ ପ୍ରକାଶ କରିବା ସହ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ କୁହାଯାଇଛି।

## ଭଦ୍ରକ ଶାଖା ଆଇଏମ୍‌ଏର ସମ୍ବର୍ଦ୍ଧନା ସଭା




ଭଦ୍ରକ,୨୩।୭ (ସମିସ): ଭଦ୍ରକ ଜିଲ୍ଲା ଭାରତୀୟ ଚିକିତ୍ସକ ସଂଘ ଶାଖା ତରଫରୁ ସମ୍ବର୍ଦ୍ଧନା ସଭା ଭଦ୍ରକ ସଭାଗୃହରେ ଆୟୋଜନ କରାଯାଇଥିଲା। ଭଦ୍ରକ ଆଇଏମ୍‌ଏର ସଭାପତି ବରିଷ୍ଠ ଭେଷଜ ଚିକିତ୍ସକ ଡା. ରବୀନ୍ଦ୍ର କୁମାର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଓଡ଼ିଶା ଆଇଏମ୍‌ଏ ଶାଖାର ସଭାପତି ବରିଷ୍ଠ ଡାକ୍ତର ହରେକୃଷ୍ଣ ନାୟକ ଯୋଗଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବରିଷ୍ଠ ଡାକ୍ତର ପ୍ରସନ୍ନ କୁମାର ସାହୁ ବକ୍ତା ଭାବରେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରମୋଦ କୁମାର ପ୍ରହରାଜ ଏବଂ ବରେଣ୍ୟ ଅତିଥି ଭାବେ ଭଦ୍ରକ ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏ ଯୋଗଦେଇଥିଲେ। ଜିଲ୍ଲାପାଳ ଡ. ରାଉତରାଏ ଏହି ମାସ ଚାକିରିରୁ ଅବସର ନେଉଥିବାରୁ ଭଦ୍ରକ ଆଇଏମ୍‌ଏ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲା। ସେହିଭଳି ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରସନ୍ନକୁମାର ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାପାଳ ଡ. ରାଉତରାଏ ତାଙ୍କ କାର୍ଯ୍ୟଦକ୍ଷତା ଯୋଗୁଁ ଲୋକଙ୍କ ପ୍ରିୟପାତ୍ର ହୋଇଥିଲେ ବୋଲି ଡା. ହରେକୃଷ୍ଣ ନାୟକ ତାଙ୍କ ବକ୍ତବ୍ୟରେ କହିଥିଲେ। ଡ. ରାଉତରାଏଙ୍କ ଜୀବନ ସଦାସର୍ବଦା କୁସୁମିତ ଓ ସରସ ସୁନ୍ଦର ହେଉ ବୋଲି ଡା. ରବୀନ୍ଦ୍ର କୁମାର ନାୟକ କାମନା କରିଥିଲେ। ତାଙ୍କ କାର୍ଯ୍ୟକଳାପକୁ ସମ୍ମୁଖରେ ପ୍ରକାଶ କରି ପ୍ରଶଂସା କରିବା ସହଜ ନୁହେଁ ବୋଲି ବରିଷ୍ଠ ଡାକ୍ତର ପ୍ରଦୀପ କୁମାର ନାୟକ ସଭାରେ କହିଥିଲେ। ସେହିଭଳି ଡା. ପ୍ରସନ୍ନ କୁମାର ସାହୁ, ଭଦ୍ରକ ଆଇଏମ୍‌ଏ ଶାଖା ସମ୍ପାଦକ ଡା. ରଣଜିତ ଖଟୁଆ, ରାଜ୍ୟ ଆଇଏମ୍‌ଏ ଶାଖା ଉପସଭାପତି ବରିଷ୍ଠ ଡାକ୍ତର ସୁଧୀରଞ୍ଜନ ନାୟକ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ ପ୍ରହରାଜ, ବରିଷ୍ଠ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ପ୍ରଫୁଲ୍ଲ ନନ୍ଦ, ବରିଷ୍ଠ ଶିଶୁ ବିଶେଷଜ୍ଞ ଡା. ଶତ୍ରୁଘ୍ନ ହାତୀ, ଭଦ୍ରକ ଆଇଏମ୍‌ଏ ଶାଖା କୋଷାଧ୍ୟକ୍ଷ ବରିଷ୍ଠ ଡାକ୍ତର ଝସକେତନ ମହାନ୍ତି ଜିଲ୍ଲାପାଳଙ୍କ ମାର୍ଗଦର୍ଶନ ଓ ପ୍ରେରଣା ସବୁଦିନ ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡା. ବିଜୟଲକ୍ଷ୍ମୀ ଧଳ, ଡା. ଭାଗ୍ୟଶ୍ରୀ ପଣ୍ଡା, ଡା. ଧନଞ୍ଜୟ ପଣ୍ଡା, ଡା. ଦେବରାଜ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ରଖିଥିଲେ।

### ମିଶନ ଶକ୍ତି କର୍ମଚାରୀଙ୍କ ୟୁନିଫର୍ମ ବଣ୍ଟନରେ ଅନିୟମିତତା

# ନିର୍ଦ୍ଦିଷ୍ଟ ଏକ ଏଜେନ୍ସିଠାରୁ କିଣିବାକୁ ବାଧ୍ୟ କରାଯାଉଛି

ଧାମନଗର,୨୩।୭ (ସମିସ)

ଧାମନଗର ବ୍ଲକ୍ ମିଶନ ଶକ୍ତି ବିଭାଗ ପକ୍ଷରୁ ନିଯୁକ୍ତ ମହିଳା ମିଶନ ଶକ୍ତି କର୍ମଚାରୀ (ଏମ୍‌ବିକେ, ବ୍ୟାଙ୍କ ମିତ୍ର ଓ ସିଆର୍‌ପି) ମାନଙ୍କୁ ୟୁନିଫର୍ମ ଯୋଗାଣରେ ଅନିୟମିତତା ହେଉଥିବା ଘଟଣା ସାମ୍ନାକୁ ଆସିଛି। ସେମାନେ କ୍ଷମତାରେ ଚାପି ହୋଇ ଗୁପ୍ତ ଭାବେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଭିଯୋଗ କରିଛନ୍ତି। ୟୁନିଫର୍ମ ବଣ୍ଟନରେ ଅନିୟମିତତା ହେବା ସହ ନିର୍ଦ୍ଦିଷ୍ଟ ଏକ ଏଜେନ୍ସିଠାରୁ କିଣିବାକୁ ବାଧ୍ୟ କରାଯାଉଛି। ଏଥିପାଇଁ ଦାୟୀ କିଏ ବୋଲି ପ୍ରଶ୍ନ ଉଠିବା ସହ ବ୍ଲକ୍ ଓ ଜିଲ୍ଲା ଅଧିକାରୀଙ୍କ ଭୂମିକାକୁ ତଦନ୍ତ ପାଇଁ ଦାବି ଉଠିଛି।

ସୂଚନାଯୋଗ୍ୟ ଯେ, ବ୍ଲକରେ ଏମ୍‌ବିକେ ୩୦, ବ୍ୟାଙ୍କ ମିତ୍ର ୧୬ ଓ ସିଆର୍‌ପି ପ୍ରାୟ ୩୭୦ ନିଯୁକ୍ତ ଥିବା ଜଣାଯାଇଛି। ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ପ୍ରତ୍ୟେକ କର୍ମଚାରୀଙ୍କୁ ୟୁନିଫର୍ମ ବାବଦକୁ ପ୍ରତ୍ୟେକଙ୍କୁ ୧ ହଜାର ଟଙ୍କା ସିଧାସଳଖ ବ୍ୟକ୍ତିଗତ ବ୍ୟାଙ୍କ ଆକାଉଣ୍ଟକୁ ଦିଆଯାଇଛି। ଏହି ୧ ହଜାର ଟଙ୍କାରେ ସେମାନେ ନିଜ ମନଇଚ୍ଛାରେ ଯେକୌଣସି ଦୋକାନ ବଜାରରୁ କିଣିବେ ବୋଲି ନିର୍ଦ୍ଦେଶ ରହିଛି। କିନ୍ତୁ ଧାମନଗର ବ୍ଲକ୍‌ରେ ଚଳିତ ବର୍ଷ ଉକ୍ତ ମହିଳା କର୍ମଚାରୀଙ୍କୁ ମିଳିଥିବା ୧ ହଜାର ଟଙ୍କାରେ ଏକ ନିର୍ଦ୍ଦିଷ୍ଟ ଏଜେନ୍ସି ନିକଟରୁ କିଣିବାକୁ ବ୍ଲକ୍ ବିପିସି ଏବଂ ବିପିଏମ୍ ବାଧ୍ୟ କରୁଛନ୍ତି ବୋଲି କିଛି ଏମ୍‌ବିକେ, ସିଆର୍‌ପି ନିଜ ନାମ ଗୋପନ ରଖି କହିବା




ସହ ନାମ ପ୍ରକାଶ କଲେ ଆମ ଚାକିରି ପ୍ରତି ବିପଦ ରହିଛି ବୋଲି ସେମାନେ କହିଥିଲେ। ଉକ୍ତ ଏଜେନ୍ସିଠାରୁ ନିମ୍ନମାନର ଦୁଇଟି ୟୁନିଫର୍ମ ଶାଢ଼ି କିଣିବାକୁ ମଧ୍ୟ ବାଧ୍ୟ କରାଯାଉଛି। ଏହା ପୂର୍ବରୁ ୟୁନିଫର୍ମ ବାବଦକୁ ଜିପିଏଲ୍‌ଏଫ୍ ଆକାଉଣ୍ଟକୁ ଟଙ୍କା ଆସୁଥିଲା, ସେଥିରୁ ନିଜ ନିଷ୍ପତ୍ତି ଅନୁଯାୟୀ କିଣାଯାଉଥିଲା। ସେହିପରି ନିଜ ନାମ ଗୋପନ ରଖି ଅନ୍ୟ ଜଣେ କର୍ମଚାରୀ କହିଛନ୍ତି, ବନ୍ତ କାଦବରାଙ୍ଗ ଅଞ୍ଚଳର ଗୋଟେ ଏଜେନ୍ସି ୟୁନିଫର୍ମ ଦେବ ସମସ୍ତେ ମିଶନ ଶକ୍ତି ଅଫିସକୁ ନେଇଯିବ। ବିଶେଷ କରି ବିପିସି ଓ ବିପିଏମ୍ ଏଠାରୁ ନେବାକୁ ବାଧ୍ୟ କରିଥିଲେ। ଯାହାକି ଇଚ୍ଛା ନ ଥିଲେ ବି ସମସ୍ତେ ୧ ହଜାର ଟଙ୍କା ଦେଇ ଦୁଇଟି ୟୁନିଫର୍ମ ନେଉଛନ୍ତି ଏବଂ ଯେଉଁ ୟୁନିଫର୍ମ ଦେଉଛନ୍ତି ଅତ୍ୟନ୍ତ ନିମ୍ନମାନର ସିନ୍ଥେଟିକ୍ ମ୍ୟାଟେରିଆଲ୍ ଅଟେ। ଅଭିଯୋଗକୁ ନେଇ ମଙ୍ଗଳବାର ବ୍ଲକ୍ ମିଶନ ଶକ୍ତି କାର୍ଯ୍ୟାଳୟରେ ଉଭୟ ବିପିଏମ୍ ମିନତୀ ସାମଲ ଓ ବିପିସି ସୁବ୍ରତ ନାୟକ ଉପସ୍ଥିତ ରହି ବିଭିନ୍ନ ପଞ୍ଚାୟତରୁ ଆସିଥିବା ମିଶନ ଶକ୍ତି ମହିଳା କର୍ମଚାରୀମାନଙ୍କୁ ୧ ହଜାର ଟଙ୍କା ନେଇ ନିମ୍ନମାନର ୨ଟି ୟୁନିଫର୍ମ ଦେଉଥିବା ଦେଖିବାକୁ ମିଳିଥିଲା।

ଏ ସଂକ୍ରାନ୍ତରେ ବିପିସି ଶ୍ରୀ ନାୟକ କହିଛନ୍ତି ୟୁନିଫର୍ମ ବଣ୍ଟନରେ ଆମର କୌଣସି ଭୂମିକା ନାହିଁ। ସେମାନେ ବନ୍ତ କାଦବରାଙ୍ଗ ଅଞ୍ଚଳର ଅନ୍ନପୂର୍ଣ୍ଣା ଟେକ୍ସଟାଇଲ୍ ସହ କଥାବାର୍ତ୍ତା ହୋଇ ନିଜେ ନିଜେ ନେଉଛନ୍ତି। କିଛି କର୍ମଚାରୀ ନିଜେ ନିଜେ ସେମାନଙ୍କୁ ଡାକି ସେଠାରୁ ନେଉଛନ୍ତି ବୋଲି ବିପିଏମ୍ ମିନତୀ ସାମଲ କହିଛନ୍ତି। ୟୁନିଫର୍ମ ବଣ୍ଟନ ବିଭାଗର କୌଣସି ସମ୍ପୃକ୍ତି ନାହିଁ। ଏଥିସହ ବ୍ଲକ୍‌ରେ ମୋଟ କେତେ ସଂଖ୍ୟକ ଏମ୍‌ବିକେ, ବ୍ୟାଙ୍କ ମିତ୍ର ଓ ସିଆର୍‌ପି ମହିଳା କର୍ମଚାରୀ କାର୍ଯ୍ୟରତ ଅଛନ୍ତି ବୋଲି ପଚାରିବାରୁ ସନ୍ତୋଷଜନକ ଉତ୍ତର ମିଳିପାରି ନ ଥିଲା। ଅନ୍ୟପକ୍ଷରେ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ଅଭିକ ନାରାୟଣ କହିଛନ୍ତି, ୟୁନିଫର୍ମ ମିଶନ ଶକ୍ତି ବିଭାଗ ପକ୍ଷରୁ ସପ୍ଲାଏ କରାଯାଇଛି। ଆମେ ବଣ୍ଟନ କରୁଛୁ। ବିଭାଗ ନିଯୁକ୍ତ କରିଥିବା ଏଜେନ୍ସି ସପ୍ଲାଏ ଦେଉଛି ଏବଂ ବ୍ଲକ୍ ଅଧିକାରୀଙ୍କୁ କେବଳ ବଣ୍ଟନ କରିବାକୁ କୁହାଯାଇଛି। ଏହାସହ ୟୁନିଫର୍ମ ବଣ୍ଟନ ନେଇ ସରକାରୀ ନିୟମ ରହିଛି କି ପଚାରିବାରୁ, ବିରକ୍ତ ହୋଇ ମୁଁ ଆପଣଙ୍କ ସହ ସେୟାର କରିବାକୁ ବାଧ୍ୟ ନୁହେଁ ବୋଲି କଥାକୁ ଏଡ଼ାଇ ଯାଇଥିଲେ। ଏଥିରୁ ସ୍ପଷ୍ଟ ଅନୁମାନ କରାଯାଏ, ଏହି ୟୁନିଫର୍ମ ବଣ୍ଟନ ନେଇ ବ୍ଲକ୍ ମିଶନ ଶକ୍ତି ବିଭାଗ ଓ ଜିଲ୍ଲା ମିଶନ ଶକ୍ତି ବିଭାଗ କଥା ମଧ୍ୟରେ କୌଣସି ତାଳମେଳ ରହୁ ନ ଥିବାରୁ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଭାଗର ସଚିବ, ଜିଲ୍ଲାପାଳ, ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି।

### ଆନ୍ଦୋଳନକାରୀଙ୍କୁ ଦିଲ୍ଲୀ ପୁଲିସର ବର୍ବର ଆକ୍ରମଣ

## ଭଦ୍ରକ ଓକିଲ ସଂଘର ବିକ୍ଷୋଭ ଓ ଏନ୍‌ଏଚ୍‌ଆର୍‌ସିଙ୍କୁ ଦାବିପତ୍ର

ଭଦ୍ରକ,୨୩।୭ (ସମିସ): ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଦିଲ୍ଲୀରେ ଚାଲିଥିବା ଐତିହାସିକ ଛାତ୍ର ଆନ୍ଦୋଳନ ଉପରେ ଦିଲ୍ଲୀ ପୁଲିସ ଅମାନୁଷିକ ଆକ୍ରମଣ କରି ଶହଶହ ଛାତ୍ର ନେତାଙ୍କୁ ଆଘାତ କରି ହସ୍ପିଟାଲରେ ପକାଇଛନ୍ତି। ଏହା ୧୯୭୫ ମସିହା ଜରୁରୀକାଳୀନ ପରିସ୍ଥିତିଠାରୁ ଆହୁରି ଭୟଙ୍କର ଆକ୍ରମଣ ବୋଲି ଭଦ୍ରକ ଓକିଲ ସଂଘ ଅଭିଯୋଗ କରିଛି। ଦିଲ୍ଲୀ ପୁରୁଷ ପୁଲିସ ପକ୍ଷରୁ ଐତିହାସିକ ଛାତ୍ର ଆନ୍ଦୋଳନରେ ଯୋଗ ଦେଇଥିବା ମହିଳା ଆନ୍ଦୋଳନକାରୀଙ୍କ ସମ୍ବେଦନଶୀଳ ଅଙ୍ଗ ଉପରେ ଆକ୍ରମଣ କରିବା ଘଟଣା ବିଶ୍ୱ ଦରବାରରେ ଭାରତର ଛବିକୁ ମଳିନ କରିଛି। ଏହି ଘଟଣା ପାଇଁ ଦାୟୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ସହ ଦିଲ୍ଲୀ ପୁଲିସର ଦାଗୀ ଅଫିସରମାନଙ୍କୁ ଗିରଫ କରାଯିବାକୁ ଭଦ୍ରକ ଓକିଲ ସଂଘ ଦାବି କରିଛି। ଉକ୍ତ ଦାବି ନେଇ ଓକିଲ ସଂଘ ପକ୍ଷରୁ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଏନ୍‌ଏଚ୍‌ଆର୍‌ସି (ଜାତୀୟ ମାନବାଧିକାର କମିସନ)ଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଆନ୍ଦୋଳନରେ ଭଦ୍ରକ ଓକିଲ ସଂଘ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାନ୍ତି,




ପୂର୍ବତନ ଓକିଲ ସଂଘ ସମ୍ପାଦକ ଦିବ୍ୟସିଂହ ନାୟକ, ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲର ପୂର୍ବତନ ସଭ୍ୟ ପବନ ଶର୍ମା, ଆଇନଜୀବୀ ସର୍ବଶ୍ରୀ ବିଜନ ଜେନା, ପ୍ରଫୁଲ୍ଲ ସାମଲ, ଅଶୋକ ନାୟକ, ପ୍ରଫୁଲ୍ଲ ପାଢ଼ୀ, ଧିରେନ୍ଦ୍ର ରାୟ, ସନ୍ତୋଷ ମହାପାତ୍ର, ଜାମିଲ୍ ଅହମ୍ମଦ, ନିଶିକାନ୍ତ ନାୟକ, ସନ୍ତୋଷ ନାୟକ, ବିକାଶ ନାଥ, ମହମ୍ମଦ ଜୟନୂଲ ଆବେଦିନ, ବିଜୟ ରାଉତ, ନାରାୟଣ ମହାନ୍ତି, ମାଧବାନନ୍ଦ ବେହେରା, ଦେବେନ୍ଦ୍ର ନାୟକ, କିଶୋର ଚନ୍ଦ୍ର ବଳ, ଅମ୍ରିତ୍ ପ୍ରିତମ୍ ନାୟକ, ଗୁରୁଜ୍ୟୋତି ମହାନ୍ତି, ଦେବବ୍ରତ ମହାପାତ୍ର, ପଦ୍ମିନୀ ବିଶ୍ୱାଳ, ପ୍ରତାପ ସେଠୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ଏହି ଆକ୍ରମଣକାରୀ ଓ ପାଶବିକ ଅତ୍ୟାଚାରୀ ପୁଲିସମାନଙ୍କୁ ଯଦି ଅବିଳମ୍ବେ ଗିରଫ କରା ନ ଯାଏ, ଆଗାମୀ ଦିନରେ ଭଦ୍ରକ ଜିଲ୍ଲା ବନ୍ଦ କରାଯିବ ବୋଲି ବରିଷ୍ଠ ଆଇନଜୀବୀ ପବନ ଶର୍ମା ଚେତାବନୀ ଦେଇଛନ୍ତି।

## ଭାରତୀୟ ମଜଦୁର ସଂଘର ୭୨ତମ ପ୍ରତିଷ୍ଠା ଦିବସ

ଭଦ୍ରକ,୨୨।୭ (ସମିସ): ଶ୍ରମିକମାନଙ୍କ ହିତ ସାଧନ ନିମନ୍ତେ ୧୯୫୫ ମସିହା ଆଜିର ଦିନରେ ପ୍ରତିଷ୍ଠିତ ହୋଇଥିବା ଭାରତୀୟ ମଜଦୁର ସଂଘ ନିରବଚ୍ଛିନ୍ନ ଭାବେ ଶ୍ରମିକଙ୍କ ପାଇଁ ଲଢ଼େଇ କରି ଆଜି ୭୧ ବର୍ଷ ପୂରଣ କରି ୭୨ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ତ୍ୟାଗ, ତପସ୍ୟା ଓ ବଳିଦାନର ମୂଳମନ୍ତ୍ରରେ ଦୀକ୍ଷିତ ଏହି ସଂଘର ପ୍ରତ୍ୟେକଟି ସଦସ୍ୟସଦସ୍ୟା ଏକ ହୋଇ ଗରିବ, ମଜଦୁରର ହକ୍ ପାଇଁ ଲଢ଼େଇ କରି ଆସିଛି ଏବଂ ଆଗାମୀ ଦିନରେ ମଧ୍ୟ କରି ଚାଲିଥିବ। ବିନା ଆନ୍ଦୋଳନରେ ମଣିଷ ତାହାର ହକ୍ ପାଇନାହିଁ। ଏହି ନୀତିକୁ ନେଇ ଭାରତୀୟ ମଜଦୁର ସଂଘ ଶ୍ରମିକମାନଙ୍କ ପାଇଁ ଲଢ଼େଇ କରି ଆସିଛି। ଅଙ୍ଗନବାଡ଼ି କର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ସେମାନଙ୍କ ସାମାଜିକ ସୁରକ୍ଷା, ଆଶାକର୍ମୀ, ପାଚିକା, ସହାୟିକା ଭଳି ସବୁ କ୍ଷେତ୍ରରେ କାର୍ଯ୍ୟରତ କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ସହ ଇଏସ୍‌ଆଇ, ଇପିଏଫ୍ ପରିସରଭୁକ୍ତ କରି ଚାକିରି ସର୍ତ୍ତାବଳୀ ଲାଗୁ କରିବାକୁ ଭାରତୀୟ ମଜଦୁର ସଂଘ ଆନ୍ଦୋଳନରତ। ଦେଶର ସର୍ବବୃହତ୍ ଶ୍ରମିକ ସଂଗଠନ ଭାବେ ଭାରତୀୟ ମଜଦୁର ସଂଘ ପରିଗଣିତ ହେଉଥିବାବେଳେ ଏହି ସଂଘ ରାଜ୍ୟର ସବୁ କ୍ଷେତ୍ରରେ ଅବହେଳିତ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ସଂଗ୍ରାମ ଜାରି ରଖିଛି ବୋଲି ଭାରତୀୟ ମଜଦୁର ସଂଘର ୭୨ତମ ପ୍ରତିଷ୍ଠା ଦିବସରେ ସଂଘ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ସହିଦ୍ ସ୍ମୃତି ଭବନରେ ଅନୁଷ୍ଠିତ ଉତ୍ସବକୁ ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏ, ମୁଖ୍ୟବକ୍ତା ଡିଭିଜନାଲ ଲେବର କମିସନର ଶଚ୍ଚିଦାନନ୍ଦ ଜେନା ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଜିଲ୍ଲା ସଭାପତି ମନୋଜ ବସନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲ୍ଲାର ମାଟ୍ରିକ୍ ପରୀକ୍ଷାରେ ଟପ୍ପର ଜନ୍ତୁଆଳି ହାଇସ୍କୁଲର ଛାତ୍ରୀ ସରିତା ନାୟକ ଓ ଇଂରାଜୀ ମିଡିୟମ୍‌ରେ



କାର୍ମେଲ ସ୍କୁଲର ଛାତ୍ର ଚିନ୍ମୟ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ, ଧାମରା ବନ୍ଦର କର୍ମଚାରୀ ସଂଘ, ଜିଲ୍ଲା ଆଶାକର୍ମୀ ସଂଘ, ବିଶ୍ୱକର୍ମା ମଜଦୁର ସଂଘ, ଭଦ୍ରକ ଜିଲ୍ଲା ବ୍ୟବସାୟୀ ମଜଦୁର ସଂଘ, ଭଦ୍ରକ ଜିଲ୍ଲା ଅଟୋ ଚାଳକ ସଂଘ, ଧାମରା ଟ୍ରକ୍ ଚାଳକ ସଂଘ, ଧାମରା ପୋର୍ଟ ଇଞ୍ଜିନିୟର୍ସ ଆଣ୍ଡ ଏମ୍ପ୍ଲୋଇଜ୍ ଆସୋସିଏସନ, ପାଚିକା ସହାୟିକା ମଜଦୁର ସଂଘ, ସ୍ୱାବଲମ୍ବୀ କାରିଗର ସଂଘ ଭଳି ବିଭିନ୍ନ ସଂଗଠନରୁ ଆରତୀ ପଣ୍ଡା, ଜାନକୀ ରାଉତ, ସର୍ଣ୍ଣଲତା ମଲ୍ଲିକ, ପୂର୍ଣ୍ଣିମା ସେଠୀ, ନିରୂପମା ପତ୍ରୀ, ମାନସୀ ଜେନା, ସୁନିତା ମହାପାତ୍ର, ବିଭୁତି ପାଣିଗ୍ରାହୀ, ପ୍ରିୟନାଥ ଧଳ, ସୂର୍ଯ୍ୟକାନ୍ତ ଦାସ ପ୍ରମୁଖ ଶତାଧିକ ସଦସ୍ୟସଦସ୍ୟା ଯୋଗଦେଇଥିଲେ। ଶେଷରେ ଜିଲ୍ଲା ସାଧାରଣ ସମ୍ପାଦକ ପରେଶନାଥ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

### ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍‌ଦଣ୍ଡ

ଭଦ୍ରକ,୨୩।୭ (ସମିସ): ଜଣେ ଯୁକ୍ତ ୨ ପାଠ ପଢୁଥିବା ନାବାଳିକାକୁ ଅପହରଣ କରି ସୁଦୂର ବେଙ୍ଗାଲୁରୁରେ ରଖି ଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ମାମଲାର ବିଚାର କରି ଭଦ୍ରକ ଅତିରିକ୍ତ ଜିଲ୍ଲା ଜଜ୍ (ଫାଷ୍ଟଟ୍ରାକ୍ ତଥା ପୋକ୍‌ସୋ କୋର୍ଟ) ମୀନତି କୁମାରୀ ପଣ୍ଡା ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇବା ସହିତ ୨୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲ୍‌ଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ଏଥି ସହିତ ପୀଡ଼ିତାଙ୍କୁ ୭ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରିବାକୁ ଆଦେଶ ଦେଇଛନ୍ତି।

ବିବରଣୀରୁ ପ୍ରକାଶ ଯେ, ଭଦ୍ରକ ଜିଲ୍ଲା କଶିଆ ସାମୁଦ୍ରିକ ଥାନା ଅନ୍ତର୍ଗତ ବିଦେଇପୁର ଗାଁର ଜଣେ ଯୁକ୍ତ ୨ ପଢୁଥିବା ନାବାଳିକା ଛାତ୍ରୀକୁ ୨୦୨୧ ମେ' ମାସ ୨ ତାରିଖ ଦିନ ବାସୁଦେବପୁର ଯାଇ ଆଉ ଘରକୁ ଫେରି ନ ଥିଲେ। ପରେ ପରିବାର ଲୋକେ ବହୁ ଖୋଜାଖୋଜି କରି ଝିଅକୁ ନ ପାଇ କଶିଆ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ପରେ ଜଣାପଡ଼ିଥିଲା ଯେ, ସେହି ଗାଁର ରାଜେନ୍ଦ୍ର ପ୍ରଧାନଙ୍କ ପୁଅ ମନୋଜ ପ୍ରଧାନ(୨୬) ନାମକ ଜଣେ ଯୁବକ ନାବାଳିକାକୁ ଅପହରଣ କରି ନେଇ ବେଙ୍ଗାଲୁରୁ ନେଇଯାଇଛି। ପରେ ଅପହୃତା ନାବାଳିକାଙ୍କ ବାପା କଶିଆ ମେରାଇନ୍ ଥାନାରେ ଏନେଇ ଏତଲା ଦେବା ପରେ ପୁଲିସ ଗତ ୬.୫.୨୦୨୧ରେ ଏକ ମାମଲା(ନଂ ୫୯/୨୧, ଭାରତୀୟ ପିଙ୍ଗଳ କୋର୍ଡର ଧାରା ୩୬୩, ୩୬୬, ୩୭୬ (୨)(ଏନ୍) ଓ ୬ ପୋକ୍ସୋ ଆକ୍ଟ) ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ବେଳେ ବେଙ୍ଗାଲୁରୁ ସହରରୁ ଅଭିଯୁକ୍ତ ପାଖରୁ ନାବାଳିକାକୁ ଉଦ୍ଧାର କରିବା ପରେ ମନୋଜକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ନାବାଳିକାକୁ ତା'ର ବାପାମାଆଙ୍କ ଜିମାରେ ଦେଇଥିଲା। କୋର୍ଟ ସମସ୍ତ ସାକ୍ଷ୍ୟ ପ୍ରମାଣ ନେବା ପରେ ଗୁରୁବାର ଅଭିଯୁକ୍ତ ମନୋଜକୁ ଉକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ତୁଷାରକାନ୍ତି ଜେନା ଏହି ମୋକଦ୍ଦମା ପରିଚାଳନା କରୁଥିଲେ।

**୨୦ହଜାର ଟଙ୍କା ଜରିମାନା ଓ ପୀଡ଼ିତାଙ୍କୁ ୭ ଲକ୍ଷ କ୍ଷତିପୂରଣ ନିର୍ଦ୍ଦେଶ**

## ଦୋଳସାହି ମଦ ଦୋକାନ ସ୍ଥାନାନ୍ତର ନେଇ ବଢୁଛି ଜନ ଅସନ୍ତୋଷ

ଦୋଳସାହି,୨୩।୭ (ସମିସ): ତିହିଡ଼ି ବ୍ଲକ୍ ଅଧୀନ ଦୋଳସାହି ପଞ୍ଚାୟତରେ ଅବସ୍ଥିତ ସରକାରୀ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ପାଇଁ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ତେବେ ଜିଲ୍ଲା ପ୍ରଶାସନ ଏ ପ୍ରସଙ୍ଗରେ ନିରବଦ୍ରଷ୍ଟା ଥିବାରୁ ବୁଦ୍ଧିଜୀବୀ ମହଲ ନିନ୍ଦା କରିଛି।

ସୂଚନାଯୋଗ୍ୟ, ଦୋଳସାହି ଓ ବୋଡକ ପୂର୍ତ୍ତ ବିଭାଗ ରାସ୍ତାକଡ଼ରେ ତଥା ଜନବସତି ମଧ୍ୟରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନ ସ୍ଥାନାନ୍ତର ଅଭିଯୋଗ ସାଧାରଣରେ ଦୀର୍ଘ ବର୍ଷ ଧରି ହୋଇଆସୁଥିଲା ବେଳେ ଗତ ମାସ କିଛି ବ୍ୟକ୍ତି ଏହି ମଦ ଦୋକାନ ସ୍ଥାନାନ୍ତର ପାଇଁ ଭଦ୍ରକ ଜିଲ୍ଲାପାଳ ଓ ଅବକାରୀ ଅଧୀକ୍ଷକଙ୍କଠାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଠିପି ବନ୍ଦ ବିଦେଶୀ ମଦ ଦୋକାନ ସମ୍ମୁଖରେ ଚାଖଣା ଦୋକାନରେ ମଦପିଇ ଦ୍ରୁତ ଗତିରେ ଏହି ରାସ୍ତା ଉପରକୁ ବାଇକ୍ ନେଇ ଆସୁଥିବାବେଳେ ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଥିଲା ବେଳେ ଏହି ମଦ୍ୟପମାନଙ୍କର ଶିକାର ସାଧାରଣ ଲୋକେ ହେଉଥିବା ଅଭିଯୋଗ ହେଉଛି। ଏହି ମଦ ଦୋକାନ ସନ୍ନିକଟରେ ଅନେକ ବିଦ୍ୟାଳୟ ଥିବାବେଳେ ଏହି ରାସ୍ତା ଦେଇ ଶହଶହ କଲେଜ ଛାତ୍ରଛାତ୍ରୀ ଯାତାୟାତ କରୁଥିବା ଜଣାଯାଇଛି। ସେହିପରି ଏହି ମଦ ଦୋକାନ ସ୍ଥାନାନ୍ତର ପାଇଁ ଅଭିଯୋଗ କରିବାକୁ ଦାବି ଉଠିଥିବାବେଳେ ପ୍ରଶାସନ କାହିଁକି ନିରବଦ୍ରଷ୍ଟା ସାଜିଛି ଆଲୋଚନା ହେଉଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ଜିଲ୍ଲା ବିକାଶ ପରିଷଦ ଓ ଟିପ୍ପର-ଟ୍ରକ୍ ମାଲିକ ସଂଘର ଆମରଣ ଅନଶନ

ଭଦ୍ରକ,୨୩।୭ (ସମିସ)

ଭଦ୍ରକ ଜିଲ୍ଲାପାଳଙ୍କ ସମ୍ମୁଖରେ ଭଦ୍ରକ ଜିଲ୍ଲା ବିକାଶ ପରିଷଦ ଓ ଭଦ୍ରକ ଜିଲ୍ଲା ଟିପ୍ପର ଓ ଟ୍ରକ୍ ମାଲିକ ସଂଘ ତରଫରୁ ଆମରଣ ଅନଶନରେ ସମସ୍ତ ସଭ୍ୟଗଣ ବସିଛନ୍ତି। ଦୀର୍ଘ ୧ ବର୍ଷ ଧରି ବିକ୍ଷୋଭ, ଆନ୍ଦୋଳନ ଓ ରେଳରୋକ, ରାସ୍ତାରୋକ ଗଣତାନ୍ତ୍ରିକ ପଦ୍ଧତିରେ କରିସାରିବା ପରେ ମଧ୍ୟ ଧାମରା ପୋର୍ଟ ଦ୍ୱାରା ପରିଚାଳିତ ପରିବହନ ଓ ଅନ୍ୟାନ୍ୟ ରୋଜଗାରକ୍ଷମ ବ୍ୟବସ୍ଥାରେ କୌଣସି ପ୍ରକାରର କାମଧନ୍ଦା ପାଇପାରିନାହୁଁ। ଆମ୍ଭେ ସମସ୍ତେ ଭଦ୍ରକ ଜିଲ୍ଲାର ମୂଳବାସିନ୍ଦା। ଏଥିରୁ ବଞ୍ଚିତ ହୋଇଥିଲେ ମଧ୍ୟ ଅପରପକ୍ଷରେ ଧାମରାଠାରେ ବସବାସ କରୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀ ସମସ୍ତ ପ୍ରକାରର ବନ୍ଦର ଭିତ୍ତିକ କାର୍ଯ୍ୟକୁ କବ୍‌ଜା କରିନେଇଛନ୍ତି। ଧାମରା ବନ୍ଦରର ସ୍ଥାପନା ସମୟରେ ଆମ୍ଭମାନଙ୍କର ପୋର୍ଟ ସପକ୍ଷରେ କରାଯାଇଥିବା କାର୍ଯ୍ୟକ୍ରମ ଓ ଜିଲ୍ଲା ପ୍ରଶାସନ ଓ ବନ୍ଦର କର୍ତ୍ତୃପକ୍ଷ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ଆଜି ପାଣିର ଗାର ସଦୃଶ ହୋଇଯାଇଛି।




ପୁଞ୍ଜିପତି ଓ ମୁନାଫାଖୋର୍ ଶିଳ୍ପପତିଙ୍କ ଷଡ଼ଯନ୍ତ୍ରର ଶିକାର ଆମେ ହୋଇଯାଇଛୁ। ଜିଲ୍ଲା ପ୍ରଶାସନ ଆମ୍ଭକୁ ଦେଇଥିବା ପ୍ରତିଶ୍ରୁତି ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଜିଲ୍ଲା ଟିପ୍ପର ଓ ଟ୍ରକ୍ ମାଲିକ ସଂଘର ଶତାଧିକ ଗାଡ଼ି ମାଲିକମାନେ ଧନ୍ଦା ନ ପାଇ ଗାଡ଼ିର କିସ୍ତି ପରିଶୋଧ କରିପାରୁନାହାନ୍ତି ଓ ମାନସିକ ଅସ୍ଥିରତା ମଧ୍ୟରେ ଜୀବନ ହାରିବାକୁ ଚିନ୍ତା କରୁଛନ୍ତି।

ଭଦ୍ରକ ଜିଲ୍ଲାର ୭ଟି ବ୍ଲକ୍ ଯଥା- ଭଦ୍ରକ ସହର, ଭଣ୍ଡାରିପୋଖରୀ, ବନ୍ଦ, ଧାମନଗର, ଚାନ୍ଦବାଲି ସଦର, ବାସୁଦେବପୁରର ସମସ୍ତ ମୂଳବାସିନ୍ଦାମାନେ କୌଣସି ପ୍ରକାରର ସୁଯୋଗ ପାଇପାରିନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଏ ସମସ୍ତ ପ୍ରକାର ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ବାସ୍ତବିକତାର ଚାପ ଦେବା ପାଇଁ ଶେଷ ପ୍ରଚେଷ୍ଟା 'ଆମରଣ ଅନାଶନ' ଭଳି ଚରମ ପଦକ୍ଷେପ ନେଇଥିବା ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଯେପର୍ଯ୍ୟନ୍ତ ଆମର ଦାବି ହାସଲ ନ ହେଇଛି, ସେମାନେ ଆମରଣ ଅନଶନ ଜାରି ରଖିବେ ବୋଲି ଚେତାବନୀ ଦେଇଛନ୍ତି। ଜିଲ୍ଲା ଟିପ୍ପର ଓ ଟ୍ରକ୍ ମାଲିକ ସଂଘ ଓ ଭଦ୍ରକ ଜିଲ୍ଲା ବିକାଶ ପରିଷଦର ସଭାପତି ଶୁଭେନ୍ଦୁ ରାୟମହାପାତ୍ର, ସମ୍ପାଦକ ଜ୍ୟୋତିପ୍ରକାଶ ମହାନ୍ତି, ଉପସଭାପତି ପ୍ରଫୁଲ୍ଲ ପୃଷ୍ଟି, ସଦସ୍ୟଗଣ ରଜତ ପତି, ସୌମ୍ୟରଞ୍ଜନ ବାରିକ, ଅମୀୟ ନାୟକ, ସୁଶାନ୍ତ ନାୟକ, ଲୋହିତ ନାୟକ, ସେକ୍ ରିଜାଉଲ ମୁସ୍ତଫା, ସୁବ୍ରତ କୁମାର ପାଲ, ପ୍ରଦୀପ କୁମାର ମଲ୍ଲିକ, ତାଳଧ୍ୱଜ ବେହୁରା, ରଥିଆ ବାରିକ, ଅଶୋକ ବାରିକ, ପ୍ରହ୍ଲାଦ ମହାକୁଡ଼, ଜ୍ଞାନରଞ୍ଜନ ବାରିକ, ପ୍ରଶାନ୍ତ ବାରିକ, ବଳରାମ ପରିଡ଼ା, ହେମନ୍ତ ନାୟକ, ସନ୍ଦୀପ ମହାକୁଡ଼, ରିୟାତ୍ ଖାନ୍ ପ୍ରମୁଖ ଏହି ଆମରଣ ଅନଶନରେ ସାମିଲ୍ ହୋଇଛନ୍ତି।

## ପୂର୍ବତନ ବ୍ଲକ୍ ସଭାପତିଙ୍କ ଶ୍ରଦ୍ଧାଞ୍ଜଳି ସଭା


ବାରିକପୁର,୨୩।୭ (ସମିସ): ଭଣ୍ଡାରିପୋଖରୀ ମୁନ୍‌ସୀ ମେଳଣ କମିଟି, ଭଣ୍ଡାରିପୋଖରୀ ମହୋତ୍ସବ ଓ ବରିଷ୍ଠ ନାଗରିକ ମଞ୍ଚ ସଭାପତି, ଅବସରପ୍ରାପ୍ତ ଶିକ୍ଷକ, ବିଜେଡିର ପୂର୍ବତନ ବ୍ଲକ୍ ସଭାପତି ସ୍ୱର୍ଗତ ଲକ୍ଷ୍ମୀଧର ନାୟକଙ୍କ ଦ୍ୱାଦଶ ଶ୍ରଦ୍ଧାଞ୍ଜଳି ସଭା ମଠସାହି ଚନ୍ଦ୍ରଭାନପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ନରହରି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ନାଟ୍ୟକାର ସୁଧାକର ନନ୍ଦ, ବିଜେପି ନେତା ବଦ୍ରିନାରାୟଣ ଧଳ, ଡ. ସୁରେନ୍ଦ୍ର ମିଶ୍ର, ଡ. ସୁଧୀର ଜେନା, ଡା. ସୁଧୀରଞ୍ଜନ ନାୟକ, ମାଧବାନନ୍ଦ ନାୟକ, ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ବସନ୍ତ ରାଉତ, ଶରତ ଚନ୍ଦ୍ର ମହାପାତ୍ର, ପବନ ନାୟକ, ଇଂ. ଅଭୟ ବିଶ୍ୱାଳ, ପ୍ରାକ୍ତନ ଶିକ୍ଷାଧିକାରୀ ଗୟାଧର




ପଣ୍ଡା, ପ୍ରକାଶ ମହାପାତ୍ର, ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ବରିଷ୍ଠ କଂଗ୍ରେସ ନେତା ଗୋଲକ ଚନ୍ଦ୍ର ବେହେରା, ରଜନୀକାନ୍ତ ଚନ୍ଦ, ଅନନ୍ତ ତ୍ରିପାଠୀ, ଲଳିତ ରାଉତ, ବିଜୟ ଶଙ୍କର ମହାନ୍ତି, ବିଜୟ ସ୍ୱାଇଁ, ଡ. ଯୋଗେଶ ଦାସ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଲକ୍ଷ୍ମୀଧର ନାୟକଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ବିୟୋଗ ଭଣ୍ଡାରିପୋଖରୀ ପାଇଁ ଅପୂରଣୀୟ କ୍ଷତି ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ପ୍ରକାଶିତ 'ଲୋକପ୍ରିୟ ଲକ୍ଷ୍ମୀଧର' ସ୍ମୃତି ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଜ୍ୟୋତିପ୍ରକାଶ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



'ବିଶ୍ୱର ଯେକୌଣସି ଅଞ୍ଚଳର ଦାରିଦ୍ର୍ୟ ସମଗ୍ର ମାନବ ସଭ୍ୟତା ପାଇଁ ଚେତାବନୀ।
-କୋଫି ଆନନ୍

## ଦିଲ୍ଲୀ-ଦୋଳନ

ଭାରତର ସଂସଦୀୟ ଇତିହାସରେ ଚଳିତ ମୌସୁମୀ ଅଧିବେଶନ ଏକ ସ୍ୱତନ୍ତ୍ର ଅଧ୍ୟାୟ ଲେଖିବାକୁ ଯାଉଛି। ଆରମ୍ଭରୁ କ୍ରମାଗତ ଚାରିଦିନ ଧରି ଗୃହ କାର୍ଯ୍ୟ ଚାଲିପାରିନାହିଁ। ନରେନ୍ଦ୍ର ମୋଦୀ ନେତୃତ୍ୱାଧୀନ ଏନ୍‌ଡିଏ ଶାସନର ବିଗତ ବାରବର୍ଷର ଶାସନ କାଳ ମଧ୍ୟରେ ପ୍ରଥମ ଥର ପାଇଁ ଏଭଳି ଆଭ୍ୟନ୍ତରୀଣ ଓ ବାହ୍ୟ ପ୍ରତିରୋଧ ଓ ବିକ୍ଷୋଭ ଦେଖିବାକୁ ମିଳିଛି, ଯେଉଁଥିରେ ସରକାରଙ୍କ ଦମ୍ଭ ଭାଙ୍ଗୁଥିବା ପ୍ରମାଣିତ ହୋଇଛି। ୨୦୨୧ରେ କୃଷକ ଆନ୍ଦୋଳନ ନିର୍ଣ୍ଣାୟକ ଥିଲା ଏବଂ ସରକାରଙ୍କୁ ଆଇନ ପ୍ରତ୍ୟାହାର କରିବାକୁ ବିବଶ କରିଥିଲା। କିନ୍ତୁ ତାହା କେବଳ ସଡ଼କ ପଥ ଏବଂ ଦେଶର କେତେକ ନିର୍ଦ୍ଦିଷ୍ଟ କୃଷକ ସଂଗଠନ ମଧ୍ୟରେ ସୀମିତ ଥିଲା। ଏବେ ସିଜେପି(କକ୍ରୋଚ୍ ଜନତା ପାର୍ଟି) ପକ୍ଷରୁ ଆରମ୍ଭ ହୋଇଥିବା ପ୍ରତିବାଦର ପ୍ରଭାବ ସଡ଼କ ପଥରୁ ସଂସଦ ପର୍ଯ୍ୟନ୍ତ ପଡ଼ିଛି। ବିରୋଧୀ ଦଳମାନଙ୍କୁ ଏକଜୁଟ୍ କରିଛି। ଏପରିକି ଏହି ପ୍ରତିବାଦ/ବିକ୍ଷୋଭର ପ୍ରଭାବ ସାରା ଦେଶକୁ ବ୍ୟାପିବାରେ ଲାଗିଛି। ଯେଉଁ ମୁଖ୍ୟଧାଡ଼ିର ଗଣମାଧ୍ୟମ ସଂସ୍ଥା ଏହାକୁ ପ୍ରଥମେ ଗୌଣ କରି ଦେଖାଇବାକୁ ଚେଷ୍ଟା କରିଥିଲେ ବା ଉଦ୍ଦେଶ୍ୟମୂଳକ ଭାବେ ଆଦୌ ଗୁରୁତ୍ୱ ଦେଉ ନ ଥିଲେ ସେମାନେ ଆଜି ଏହି ପ୍ରସଙ୍ଗକୁ ଶୀର୍ଷକ କରିବାକୁ ବାଧ ହୋଇଛନ୍ତି। ବିଶ୍ୱ ଗଣମାଧ୍ୟମର ସତର୍କ ଦୃଷ୍ଟି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଭାରତ ଉପରେ ନିବଦ୍ଧ ରହିଛି।

ପ୍ରାରମ୍ଭିକ ପର୍ଯ୍ୟାୟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଶାନ୍ତିପୂର୍ଣ୍ଣ ଭାବେ ଆରମ୍ଭ ହୋଇଥିବା ସିଜେପିର ଏହି ପ୍ରସ୍ତାବିତ ଆନ୍ଦୋଳନ ଅଭୂତପୂର୍ବ ଜନସମର୍ଥନ ଲାଭ କରିଛି। ଅପ୍ରତ୍ୟାଶିତ ଭାବେ ହଜାର ହଜାର ଛାତ୍ରଛାତ୍ରୀ ସ୍ୱଇଚ୍ଛାରେ ଏଥିରେ ଯୋଗ ଦେବାକୁ ଦେଶର ବିଭିନ୍ନ ପ୍ରାନ୍ତରୁ ଦିଲ୍ଲୀ ଧାଇଁ ଆସିଛନ୍ତି। ଅହିଂସା ପଥରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ପୁଲିସ ଓ ସୁରକ୍ଷା ବାହିନୀର ବର୍ବରୋଚିତ କାର୍ଯ୍ୟାନୁଷ୍ଠାନ ପରେ ଭିନ୍ନ ମୋଡ଼ ନେଇଛି। ନିର୍ଦ୍ଦଳୀୟ ଛାତ୍ରଛାତ୍ରୀଙ୍କ ଉପରେ ଏହି ଆକ୍ରମଣର ହଜାର ହଜାର ଦୃଶ୍ୟ-ଶ୍ରାବ୍ୟ ସମ୍ବଳିତ ଚିତ୍ର ସାମାଜିକ ଗଣମାଧ୍ୟମରେ ବିପୁଳ ସଂଖ୍ୟାରେ ପ୍ରସାରିତ ହେବା ପରେ ସିଜେପି ପ୍ରତି ଅକୁଣ୍ଠ ଜନସମର୍ଥନ ଓ ସମବେଦନା ବଢ଼ିବାରେ ଲାଗିଛି। ସରକାର ନିଜ ଜିଦ୍‌ରେ ଅଟଳ ରହିଥିବାରୁ ନିକଟ ଭବିଷ୍ୟତରେ ଏହାର ଆପୋସ ସମାଧାନ ଆଶା କ୍ଷୀଣ ହୋଇଛି। ଅପରପକ୍ଷରେ ଡାକ୍ତରଖାନାରେ ସୋନମ୍ ୱାଙ୍ଗଚୁକ୍‌ଙ୍କ ଅନଶନ ମଧ୍ୟ ଜାରି ରହିଛି।

ପ୍ରତିବାଦର ଏହି ଅପ୍ରତ୍ୟାଶିତ ମୌସୁମୀ ଦିଲ୍ଲୀ ଦରବାରକୁ ଦୋହଲାଇ ଦେଇଛି - ଏହା ସ୍ୱୀକାର କରିବାକୁ ହେବ। ନିଟ୍ ପ୍ରଶ୍ନପତ୍ର ପ୍ରଘଟ, ଦ୍ୱାଦଶ ବାର୍ଷିକ ପରୀକ୍ଷା ମୂଲ୍ୟାୟନରେ ବିଭ୍ରାଟ, ଶିକ୍ଷା ବ୍ୟବସ୍ଥାରେ ବିପର୍ଯ୍ୟୟ ଆଦି ପ୍ରତିବାଦରେ ସିଜେପି ପକ୍ଷରୁ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା। କିନ୍ତୁ ସରକାର ଏହାକୁ ଗୌଣ ଦୃଷ୍ଟିରେ ଦେଖିଲେ। ସେତେବେଳେ ସରକାରଙ୍କ ଗୁଇନ୍ଦା ବାହିନୀ ଓ ବିଶେଷଜ୍ଞ 'ପ୍ରତିବାଦ-ମୌସୁମୀ' ସମ୍ପର୍କରେ କରିଥିବା ପୂର୍ବାନୁମାନ ଓ ଦେଇଥିବା ସୂଚନାକୁ ଯଦି ସରକାର ଗୁରୁତ୍ୱର ସହ ନେଇଥା'ନ୍ତେ ତେବେ ଆଜି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ଏଭଳି ଅପ୍ରୀତିକର ସ୍ଥିତିର ସାମ୍ନା କରି ନ ଥା'ନ୍ତା। ସିଜେପିର ନ୍ୟାଯ୍ୟ ଦାବି ସମ୍ବଳିତ ଆନ୍ଦୋଳନକୁ ବିଦେଶୀ ଓ ବିଭାଜନକାରୀ ଶକ୍ତିର ପ୍ରାୟୋଜନ ଭାବେ ଆରୋପିତ କରିବାର ଅଗ୍ରହଣୀୟ ଓ ନିନ୍ଦନୀୟ ଉପକ୍ରମ ମଧ୍ୟ ଆରମ୍ଭ ହୋଇଛି। କିନ୍ତୁ ସରକାର ଏବଂ ତାଙ୍କ ସମର୍ଥକଙ୍କୁ ଏହା ସ୍ୱୀକାର କରିବାକୁ ପଡ଼ିବ ଯେ ବ୍ୟବସ୍ଥାଗତ ତ୍ରୁଟି ଓ ଅବହେଳାରୁ ଛାତ୍ରଛାତ୍ରୀ ଓ ବିଶାଳ ଯୁବବର୍ଗଙ୍କ ମଧ୍ୟରେ ଦିନକୁ ଦିନ ସୃଷ୍ଟି ହେଉଥିବା ଆକ୍ରୋଶ ଏବେ କେବଳ ଆଗ୍ନେୟଗିରିର ରୂପ ନେଇଛି। ଏହାକୁ ତୁରନ୍ତ ପ୍ରଶମିତ କରା ନ ଗଲେ ଏହାର ଲାଭା ସାରା ଦେଶକୁ ବ୍ୟାପି ଯାଇପାରେ। ଏବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସୀମିତ ଥିବା ଏହି ଆନ୍ଦୋଳନ ନେପାଳ ଓ ବାଂଲାଦେଶ ଭଳି ସରକାରଙ୍କ ଇସ୍ତଫା ଦାବି କରିପାରେ।

ବସ୍ତୁତଃ ସରକାରଙ୍କ ଅନେକ କୂଟନୈତିକ ଯୋଜନାକୁ ସିଜେପିର ଏହି ଆନ୍ଦୋଳନ ଓ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଫସର ଫଟାଇ ଦେଇଛି। 'ଅପରେସନ୍ ଲୋଟସ୍' ଜରିଆରେ ବିଭିନ୍ନ ଦଳୀୟ ସାଂସଦଙ୍କୁ ନିଜ ପକ୍ଷକୁ ଆଣିବାରେ ସମର୍ଥ ହୋଇଥିବା ବିଜେପି ଏହି ଅଧିବେଶନରେ ଏକାଧିକ ବିବାଦୀୟ ବିଲ୍‌କୁ ପାରିତ କରାଇ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ପ୍ରମାଣ କରିବାର ଦାମ୍ଭିକ ଯୋଜନାରେ ଥିଲା, ଯାହା ଆପାତତଃ ସାକାର ହେବା ଭଳି ଲାଗୁନାହିଁ। ସରକାର ଯଦି ପ୍ରଥମରୁ ଏ ସମ୍ପର୍କରେ ଆଲୋଚନା ପାଇଁ ପ୍ରସ୍ତୁତ ହୋଇଥା'ନ୍ତେ ତେବେ ଏଭଳି ସ୍ଥିତି ଉପୁଜି ନ ଥା'ନ୍ତା। ଏବେ ବିରୋଧୀ ଦଳ ନୂଆ ସର୍ତ୍ତ ଯୋଡ଼ିଛନ୍ତି। ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଆଲୋଚନା ହେବ ନାହିଁ ବୋଲି ବିରୋଧୀ ଦଳ ଜିଦ୍‌ରେ ଅଟଳ ଅଛନ୍ତି। ଯଦିବା ଚାପରେ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦିଅନ୍ତି ତେବେ ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଇସ୍ତଫା ଦାବି ପୁଣି ଉଠିବ। ତେଣୁ ଏତେ ଶୀଘ୍ର ଏହାର ସମାଧାନ ହେବାର ଆଶା ଦେଖାଯାଉ ନାହିଁ କି କେନ୍ଦ୍ର ସରକାରଙ୍କ ସଂଖ୍ୟାଗରିଷ୍ଠ ପ୍ରମାଣର ଇପ୍ସିତ ଆକାଂକ୍ଷା ଚରିତାର୍ଥ ହେବାର ସମ୍ଭାବନା ନାହିଁ।

ଏ ସବୁର ଉର୍ଦ୍ଧ୍ୱରେ ସିଜେପିର ଆନ୍ଦୋଳନରୁ ଅନେକ କିଛି ସକାରାତ୍ମକ ସନ୍ଦେଶ ମିଳିଛି। ଜୁଲାଇ ୨୧ ତାରିଖ ପର୍ଯ୍ୟନ୍ତ ସିଜେପିକୁ କାଁ ଭାଁ ଦଳୀୟ ଓ ବ୍ୟକ୍ତିସ୍ତରୀୟ ସମର୍ଥନ ମିଳୁଥିବା ବେଳେ ଏବେ ପ୍ରାୟ ସମସ୍ତ ବିରୋଧୀ ଦଳ ସମର୍ଥନ କରୁଛନ୍ତି। ଅନେକ ତାରକା, ବୁଦ୍ଧିଜୀବୀ, ନାଗରିକ ସମାଜ, ଏପରିକି ବିଜେପିର ସମର୍ଥକ ମଧ୍ୟ ଧୀରେ ଧୀରେ ସିଜେପି ସମର୍ଥନରେ ଏବଂ ସରକାରଙ୍କ ଆଭିମୁଖ୍ୟ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି। ଏଥିରୁ ଭାରତୀୟ ରାଜନୀତି ପାଣିପାଗରେ ଆଗକୁ କିଛି ନିର୍ଣ୍ଣାୟକ ପରିବର୍ତ୍ତନର ବାସ୍ନା ବାରି ହେଉଛି। ବିଶେଷକରି ଶାସକ ଦଳ ବିରୋଧରେ ବିରୋଧୀ ଦଳକୁ ଏକଜୁଟ୍ କରି ଆଗାମୀ ନିର୍ବାଚନମାନଙ୍କରେ ନିର୍ଣ୍ଣାୟକ ଲଢ଼େଇ କରିବାରେ ସିଜେପି ଆନ୍ଦୋଳନ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଛି। ଏହାକୁ ବିରୋଧୀ ଦଳ ବା ଇଣ୍ଡିଆ ମେଣ୍ଟର ସଦସ୍ୟମାନେ କିଭଳି ଉପଯୋଗ କରିପାରିବେ ତାହା ଭିନ୍ନ କଥା। କିନ୍ତୁ ଏକଛତ୍ରବାଦରେ ପ୍ରଭାବରେ ଭାରତର ସୁପ୍ତ ଗଣତନ୍ତ୍ର ଏହି ଆନ୍ଦୋଳନ ସହିତ କଡ଼ ଲେଉଟାଉଛି - ଏହାକୁ ସ୍ୱୀକାର କରିବାକୁ ହେବ।

## 'ଆଚ୍ଛାଦିନ'ରେ ଯନ୍ତ୍ରଣାର ଉତ୍ତରଣ

**ପଞ୍ଚାନନ କାନୁନ୍‌ଗୋ**

ସମସ୍ତଙ୍କର ସ୍ମରଣ ଥିବ ଗୋଟିଏ ସମୟରେ ଭାରତରେ ଏକ ବଡ଼ ସଂକଳ୍ପର ଚିତ୍କାର ଶୁଭୁଥିଲା। ତାହା ଥିଲା ଭାରତରେ ମୋଦୀ ସରକାର 'ଆଚ୍ଛାଦିନ' ଆଣିବ। ଏହାପରେ ଅମୃତକାଳ, ଅନିର୍ଦ୍ଦିଷ୍ଟକାଳର କଥା କୁହାଗଲା। ସବୁ ଏକ ଭେଳିକି ଓ ପ୍ରବଞ୍ଚନା ଭିତରେ ରହିଗଲା। ମଝିରେ ମଝିରେ ସ୍ୱାଧୀନତାର ୧୦୦ ବର୍ଷ ଅର୍ଥାତ୍ ୧୯୪୭ ମସିହା ସୁଦ୍ଧା 'ସବ୍‌କା ସାଥ୍, ସବ୍‌କା ବିକାଶ' ଆଧାରରେ ଏକ 'ବିକଶିତ ଭାରତ'ର କଥା କୁହାଯାଇଛି। ତାହା ଏବେକୁ ୨୦ବର୍ଷ ବାକି ଅଛି। ବର୍ତ୍ତମାନର ସ୍ଥିତିକୁ ଲକ୍ଷ୍ୟକଲେ ସାରାଦେଶର ଜନସାଧାରଣ ବିଶେଷତଃ ୮୦ ଭାଗରୁ ଉର୍ଦ୍ଧ୍ୱ ମଧ୍ୟବିତ୍ତ, ନିମ୍ନମଧ୍ୟବିତ୍ତ ଓ ସ୍ୱଳ୍ପ ଆୟକାରୀମାନେ ବିଭିନ୍ନ ପ୍ରକାର ଯନ୍ତ୍ରଣାରେ ଛଟପଟ ହେବା ଆରମ୍ଭ ହେଲାଣି। ସେମାନଙ୍କର ଆୟରେ ବୃଦ୍ଧି ଘଟୁନାହିଁ ଏବଂ କେତେକ ସ୍ଥଳରେ କମିବା ଆରମ୍ଭ ହୋଇଯାଇଛି। ଅପରପକ୍ଷରେ ଦରଦାମ୍ ବୃଦ୍ଧି ହେତୁ ସେମାନଙ୍କ ଦୈନନ୍ଦିନ ବ୍ୟୟ ବୃଦ୍ଧି ପାଇବାରେ ଲାଗିଛି। ରୋଷେଇ ଘରେ ବା ଖାଇବା ଥାଳିରେ ଏହାର ଚିତ୍ର ଅଧିକ ସ୍ପଷ୍ଟ ହେଉଛି। ଭାରତ ଅବଶ୍ୟ ଏପରି କୌଣସି ଯୁଦ୍ଧରେ ବର୍ତ୍ତମାନ ଅବତୀର୍ଣ୍ଣ ହୋଇନାହିଁ। କିନ୍ତୁ ବିଶ୍ୱରେ ଯୁଦ୍ଧର ଘନଘଟା କିଛି ନା କିଛି ପ୍ରାନ୍ତରେ ଘଟି ଚାଲିଛି। ତା'ର ପ୍ରତ୍ୟକ୍ଷ ପ୍ରଭାବ ଭାରତରେ ବିଶେଷ ଅନୁଭବ ନ ହେଉଥିଲେ ମଧ୍ୟ ପରୋକ୍ଷ ପ୍ରଭାବ ଯଥେଷ୍ଟ ପରିମାଣରେ ଦେଖିବାକୁ ମିଳୁଛି।

୨୦୧୯ ଓ ୨୦୨୦ରେ ବିଶ୍ୱରେ କୋଭିଡ୍ ମହାମାରୀ ଯୋଗୁଁ ମାନ୍ଦା ଅବସ୍ଥା ସୃଷ୍ଟି ହୋଇଥିଲା, ଯାହାକି ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଥିଲା। ପରବର୍ତ୍ତୀ ଅବସ୍ଥାରେ ରୁଷିଆ-ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା। ଏହାର ପ୍ରଭାବ ଭାରତରେ ବେଶୀ ପରିମାଣରେ ପଡ଼ି ନ ଥିଲା। ପରେ ପରେ ଇସ୍ରାଏଲ୍ ଓ ପାଲେଷ୍ଟାଇନ୍ ମଧ୍ୟରେ ଯୁଦ୍ଧ ୨୦୨୩ ମସିହାରୁ ଆରମ୍ଭ ହୋଇ କୌଣସି ଭାବେ ଆନୁଷ୍ଠାନିକ ସମାଧାନରେ ଏପର୍ଯ୍ୟନ୍ତ ବି ପହଞ୍ଚି ପାରିନାହିଁ। ଏପର୍ଯ୍ୟନ୍ତ ଆକ୍ରମଣ ଓ ପ୍ରତିଆକ୍ରମଣ ଲାଗି ରହିଛି। ଏହା ମଧ୍ୟରେ ଭାରତ ଓ ପାକିସ୍ତାନ ଭିତରେ ଛୋଟ ବଡ଼ ଅଳ୍ପ ସମୟ ପାଇଁ ପରସ୍ପର ଉପରେ ଆକ୍ରମଣ ଓ ପ୍ରତିଆକ୍ରମଣ ମଧ୍ୟ ଘଟିଯାଇଛି। ଏସବୁର କୁପ୍ରଭାବ ଭାରତ ଉପରେ ଅବା ଭାରତୀୟ ଅର୍ଥନୀତି ଉପରେ ପଡ଼ିନଥିଲା। ଏହାପୂର୍ବରୁ ୨୦୦୭-୦୮ ମସିହାରେ ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ପ୍ରାୟ ବର୍ଷାଧିକ ଲାଗି ରହିଥିଲା। ଏସବୁ ବ୍ୟବସ୍ଥା ଭାରତର ଅର୍ଥନୀତିକୁ କ୍ଷତି ପହଞ୍ଚାଇ ପାରିନଥିଲା।

ଏବେ କିନ୍ତୁ ଗତ କିଛିମାସ ହେବ ଆମେରିକା-ଇସ୍ରାଏଲ୍‌ର ଇରାନ୍ ଉପରେ ମିଳିତ ଆକ୍ରମଣ ମଧ୍ୟପ୍ରାଚ୍ୟ ଦେଶ ସମେତ ସମଗ୍ର ବିଶ୍ୱରେ କିଛି ନା କିଛି ଖରାପ ପ୍ରଭାବ ବିସ୍ତାର କରିଛି। ଏହାର ମୁଖ୍ୟକାରଣ ହେଉଛି ତୈଳ ଓ ଶକ୍ତି ଉତ୍ପାଦନକାରୀ କେନ୍ଦ୍ରଗୁଡ଼ିକର ଯୋଗାଣ ବ୍ୟବସ୍ଥାରେ ଇରାନ୍ ଯୁଦ୍ଧ ହେତୁ ଅନେକ ବିଘ୍ନ ଘଟିଛି। ମଧ୍ୟପ୍ରାଚ୍ୟରେ ଅସ୍ଥିରତା ଭାରତ ଅର୍ଥନୀତି ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି। ମଧ୍ୟପ୍ରାଚ୍ୟ ସାରାବିଶ୍ୱର ଶକ୍ତି (ତୈଳ ଓ ଗ୍ୟାସ୍) କେନ୍ଦ୍ରସ୍ଥଳୀ। ଭାରତର ତୈଳ ଓ ଶକ୍ତି ଆବଶ୍ୟକତା(୫୦% ରୁ ଅଧିକ ଅଶୋଧିତ ତୈଳ ଏବଂ ୯୦% ରୁ ଅଧିକ ଏଲ୍‌ପିଜି ଓ ୭୦% ତୈଳକୃତ ପ୍ରାକୃତିକ ଗ୍ୟାସ୍) ଏହି ଦେଶମାନଙ୍କରୁ ଆମଦାନୀ ଉପରେ ନିର୍ଭରଶୀଳ। ଯୁଦ୍ଧ ଯୋଗୁଁ ସେହିସବୁ ରାଷ୍ଟ୍ରରୁ ଆମଦାନୀ ବ୍ୟାହତ ହୋଇଥିବା ବେଳେ ରୁଷ୍ ଏହାର ଅନେକାଂଶ ଭରଣା କରିପାରିଥା'ନ୍ତା। କିନ୍ତୁ ଦୁଃଖର ବିଷୟ ଯେ ଏକ ସାର୍ବଭୌମ୍ୟ ସ୍ୱାଧୀନ ରାଷ୍ଟ୍ର ଭାବେ ଗର୍ବ କରୁଥିବା ଭାରତର ଆମେରିକା କଥାରେ ପରିଚାଳିତ ହେବା ପରି ଦେଖାଗଲା। ରୁଷିଆରୁ ଆମଦାନୀ କରାଯାଉଥିବା ଅଶୋଧିତ ତୈଳ ବ୍ୟାରେଲ୍ ପିଛା କମ୍ ଦରରେ ମିଳିଥାଏ। କିନ୍ତୁ ଚାପଗ୍ରସ୍ତ ଭାରତ ରୁଷିଆରୁ ଆମଦାନୀ ବନ୍ଦ କଲା। ପରବର୍ତ୍ତୀକାଳରେ ଏହା ମଧ୍ୟ ଦେଖାଗଲା ଯେ, ଭାରତ ଇରାନ୍, ଆମେରିକା ଯୁଦ୍ଧରେ ଫସିଯାଇ କେତେବେଳେ ଇରାନ୍ ସହିତ ଓ କେତେବେଳେ ଆମେରିକା ସହିତ ରହିଲା। ଇରାନ୍ ରପ୍ତାନୀ କରୁଥିବା ଉଚ୍ଚଦରର ଅଶୋଧିତ ତୈଳ ଆଣିବାକୁ ବାଧ ହେଉଥିଲା ବେଳେ ସମୁଦ୍ର ପଥରେ ଇରାନ୍ ଅକ୍ତିଆରରେ ଥିବା ହର୍ମୁଜ୍‌ରେ ଯୁଦ୍ଧର ଘନଘଟା ଓ ଅସ୍ଥିରତା ହେତୁ ତୈଳବାହୀ ଜାହଜ ଏହି ଜଳପଥକୁ ଅତିକ୍ରମ କରିବା ସୁବିଧାଜନକ ହେଲାନାହିଁ।

ଏକଦା ଭାରତର ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥଶାସ୍ତ୍ରୀ ଭବିଷ୍ୟତରେ ଏଭଳି ବିପଦର ଆଶଙ୍କା ଥିବା ଜାଣି ଦେଶ ଭିତରେ ତୈଳ ଭଣ୍ଡାର ନିର୍ମାଣର କାର୍ଯ୍ୟ ଆରମ୍ଭ କରିଥିଲେ, ଯାହା ୭୦ ଦିନ ତୈଳ ଆବଶ୍ୟକତା ପୂରଣ କରିପାରିଥା'ନ୍ତା। ୨୦୧୪ ମସିହାରେ କେନ୍ଦ୍ରରେ ଶାସନ ପରିବର୍ତ୍ତନ ହେବା ପରେ ଯୁଦ୍ଧ କ୍ଷେତ୍ରରେ ବ୍ୟୟ ବୃଦ୍ଧି କରାଯାଇଥିଲେ ମଧ୍ୟ ତୈଳ ଭଣ୍ଡାର ସୃଷ୍ଟିର କୌଣସି ସୂଚନା ମିଳିଲା ନାହିଁ। ଓଡ଼ିଶାର ଚଣ୍ଡିଖୋଲ ଠାରେ ପ୍ରସ୍ତାବିତ ବିରାଟ ତୈଳ ଭଣ୍ଡାର ଯୋଜନା ଶୀତଳଭଣ୍ଡାରକୁ ଚାଲିଗଲା। ଜମି ଅଧିଗ୍ରହଣ ଲାଗି ତତ୍କାଳୀନ ରାଜ୍ୟ ସରକାର ସହଯୋଗ କରୁ ନଥିବା ତୈଳ ମନ୍ତ୍ରଣାଳୟ ସେତେବେଳେ ଅଭିଯୋଗ କରିଥିବା ବେଳେ ଏବେ କେନ୍ଦ୍ର ଓ ରାଜ୍ୟରେ ବିଜେପି ସରକାର ଅଛି। ତଥାପି ସେ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ।

ପୃଥିବୀର ଅନେକ ଦେଶରେ ତୈଳ ଭଣ୍ଡାର ନିର୍ମାଣ କରାଯାଇ ବିପତ୍ତି ସମୟର ମୁକାବିଲା କରିବାକୁ ବ୍ୟବସ୍ଥା ହୋଇଛି। ଚୀନ୍‌ରେ ୨୧୮ ଦିନର, ଜାପାନରେ ୨୫୦ ଦିନର ଆବଶ୍ୟକତା ମେଣ୍ଟାଇବା ପାଇଁ ସେହି ଦେଶମାନଙ୍କରେ ବୃହତ୍ ତୈଳଭଣ୍ଡାରମାନ ନିର୍ମାଣ କରାଯାଇଛି। ଏବେ ଅଶୋଧିତ ତୈଳର ଦର ବିଶ୍ୱ ଦରବାରରେ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଆମ ଦେଶ ଆମଦାନୀ କରୁଥିବା ତୈଳ ଦର ବ୍ୟାରେଲ୍ ପିଛା ବର୍ତ୍ତମାନ ୧୧୦ ରୁ ୧୨୦ ଡଲାର୍ ପର୍ଯ୍ୟନ୍ତ ଗଲାଣି। ଆଶଙ୍କା କରାଯାଏ ଯେ, ଆସନ୍ତା ୧୫-୨୦ ଦିନ ମଧ୍ୟରେ ଏହି ଦର ୧୫୦ ଡଲାର୍ ଛୁଇଁବ। ଏହାର ସିଧାସଳଖ ପ୍ରଭାବ ରୋଷେଇ ଘର ଉପରେ ପଡ଼ିବ।

ତେଲ ଦର ବୃଦ୍ଧିକୁ ଲକ୍ଷ୍ୟ କରି ସରକାର ବିଦ୍ୟୁତ୍‌ଚାଳିତ ଗାଡ଼ି ଚଳାଇବାକୁ ପରାମର୍ଶ ଦେଲେଣି। ମଧ୍ୟବିତ୍ତ ପରିବାର ଯେଉଁ ଗାଡ଼ି ଖଣ୍ଡିଏ, ଦ୍ୱିଖଣ୍ଡ ରଖି ବ୍ୟବହାର କରୁଥିଲା ତା'କୁ ବିକ୍ରି କରି ନୂଆ ଗାଡ଼ି କିଣିବାର ସାମର୍ଥ୍ୟ ଅଛି କି ନାହିଁ ଏବଂ ସବୁ ତୈଳ ଯୋଗାଣକାରୀ ଷ୍ଟେସନ୍‌ଗୁଡ଼ିକ ବିଦ୍ୟୁତ୍‌ଚାଳିତ ଗାଡ଼ିକୁ ଯଥାସମ୍ଭବ ବିଦ୍ୟୁତ୍ ଯୋଗାଇବା କେତେଦୂର ସମ୍ଭବ ସେକଥା ସରକାର ବୋଧହୁଏ ଏପର୍ଯ୍ୟନ୍ତ କଳନା କରିପାରିନାହାନ୍ତି। ତୈଳ ଯୋଗାଣ ଜନିତ ସମସ୍ୟା ସହିତ ଓଡ଼ିଶାରେ ବିଦ୍ୟୁତ୍ ସମସ୍ୟା ଅଧିକ ଘନୀଭୂତ ହେଉଥିବା ଲକ୍ଷ୍ୟ କରାଯାଇଛି। ଏ ବାବଦ ଖର୍ଚ୍ଚ ବୋଝ ସମସ୍ତ ପରିବାର ଉପରେ ବଢ଼ିବାରେ ଲାଗିଛି। ଓଡ଼ିଶା ଭାରତର ସବୁଠାରୁ ବଡ଼ ନିର୍ଭରଶୀଳ ରାଜ୍ୟ। ଆଳୁ, ପିଆଜ ଠାରୁ ଆରମ୍ଭ କରି ଅନେକ ପନିପରିବା, ଫଳ, ଡାଲି, ତେଲ, ମାଛ, ଅଣ୍ଡା ସମେତ ପିନ୍ଧିବା ପାଇଁ ପୋଷାକପତ୍ର ବାହାର ରାଜ୍ୟରୁ ଆମଦାନୀ କରିଥାଏ। ପରିବହନ ଖର୍ଚ୍ଚ ବଢ଼ିବା ଦ୍ୱାରା ଆମଦାନୀ ଖର୍ଚ୍ଚ ବଢ଼ିବାରେ ଲାଗିଛି। ଅଧିକନ୍ତୁ, ପ୍ରତ୍ୟେକ ପରିବାରର ରୋଷେଇ ଘରେ ବ୍ୟବହାର ହେଉଥିବା ଜାଳେଣୀର ଦର ମଧ୍ୟ ବଢ଼ିବାରେ ଲାଗିଛି। ଏହିସବୁ କାରଣରୁ ପ୍ରତ୍ୟେକ ପରିବାରର ବ୍ୟୟ ବୃଦ୍ଧି ପାଉଛି ଏବଂ ଜନଜୀବନ ଅସ୍ଥିର ହେବାରେ ଲାଗିଲାଣି। ଏପରିକି ରାସ୍ତା କଡ଼ର ଢାବାରେ ଶସ୍ତା ବା ସୁଲଭ ମୂଲ୍ୟରେ ଖାଇବା ଥାଳିଟିଏ ଯୋଗାଡ଼ କରିବା କଷ୍ଟକର ବ୍ୟାପାର ହୋଇଛି। ମୁଲିଆ, ମଜୁରିଆ ରୋଜଗାରଶୂନ୍ୟ ହେବାକୁ ବାଧ ହେଉଛନ୍ତି।

ଏହିପରି ସମୟରେ ରାଜ୍ୟ ସରକାରଙ୍କ ଯେଉଁ ପ୍ରମୁଖ ଦାୟିତ୍ୱଟି ଅଛି, ତାହା ହେଉଛି ପେଟ୍ରୋଲ୍, ଡିଜେଲ୍ ଉପରେ ଆଦାୟ ହେଉଥିବା ଟିକସ କମାଇଦେବା। ସେହିପରି କେନ୍ଦ୍ର ସରକାର ମଧ୍ୟ ତାଙ୍କର ଏକ୍ସସାଇଜ୍ ଡ୍ୟୁଟି କମାଇଦେବାର ଆବଶ୍ୟକତା ରହିଛି। ଯାହାଫଳରେ ପରିବହନ ଖର୍ଚ୍ଚ କମିବ ଅବା ସ୍ଥିର ରହିବ। ଦରଦାମ୍ ବଢ଼ିବ ନାହିଁ। ଲୋକଙ୍କ ଦୈନନ୍ଦିନ ଜୀବନ ଉପରେ ଅଧିକ ଚାପ ପଡ଼ିବ ନାହିଁ। ବର୍ତ୍ତମାନ ପାଇଁ ଏହିପରି ପଦକ୍ଷେପକୁ ପ୍ରାଥମିକତାର ସହିତ ବିଚାର କରାଯିବା ଦରକାର। ଅତି ବଡ଼ ସଂକଳ୍ପ ନେଇଥିବା ଆଚ୍ଛାଦିନ୍ ଲୋକ ସମ୍ମୁଖରୁ ଉଭେଇ ଯାଇଛି। ତା' ପରିବର୍ତ୍ତେ ଦୁର୍ଯୋଗର ଦିନ ଆସିଲା ଓ ମଣିଷ ଜୀବନକୁ ଆକ୍ରାନ୍ତ କରିବାରେ ଦେଖାଦେଲାଣି। ତେଣୁ ଏକ ସଂକଳ୍ପବଦ୍ଧ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ପରିବହନ ଖର୍ଚ୍ଚରେ କିଛି ରିହାତି ବ୍ୟବସ୍ଥା କରାଯାଇ ବସ୍‌ରେ ଯାଉଥିବା ସାଧାରଣ ଯାତ୍ରୀଙ୍କର ବସ୍ ଭଡ଼ା ବୃଦ୍ଧିକୁ ରୋକାଯାଇପାରିବ। ସେହିପରି ଟ୍ରକ୍‌କୁ ମଧ୍ୟ ଯୋଗାଯାଉଥିବା ପେଟ୍ରୋଲ୍ ବା ଡିଜେଲ୍‌ରେ କିଛି ରିହାତି ଦିଆଯାଇ ପରିବହନ ଖର୍ଚ୍ଚ ସୀମା ଭିତରେ ସୀମିତ ରଖାଗଲେ ଦରଦାମ୍ ବୃଦ୍ଧି ରୋକିବାରେ ତୁରନ୍ତ ବ୍ୟବସ୍ଥା ହୋଇପାରିବ। ଏହି ସମସ୍ତ କାର୍ଯ୍ୟଗୁଡ଼ିକୁ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ଗ୍ରହଣ କଲେ ବର୍ତ୍ତମାନ ପାଇଁ ଉପୁଜୁଥିବା ସମସ୍ୟାର ଗୋଟିଏ ଅସ୍ଥାୟୀ ସମାଧାନ ହୋଇପାରିବ ବୋଲି ଆଶା କରାଯାଏ।

ଭୁବନେଶ୍ୱର, ମୋ: ୯୪୩୮୩୬୦୮୪୯

## ସାମାଜିକ ଗଣମାଧ୍ୟମ ଓ ପରିବର୍ତ୍ତିତ ପରିଦୃଶ୍ୟ!

**ମାନସ କୁମାର କର**

ସୂଚନା ପ୍ରବାହରେ ଗତ ଦୁଇ ଦଶନ୍ଧି ମଧ୍ୟରେ ଘଟିଥିବା ବିପ୍ଳବ ଅଭୂତପୂର୍ବ। ଏକଦା ସକାଳର ଖବରକାଗଜ, ରେଡିଓର ସମ୍ବାଦ ବୁଲେଟିନ୍ କିମ୍ବା ଟେଲିଭିଜନର ପ୍ରାଇମ୍-ଟାଇମ୍ ହିଁ ଜନସାଧାରଣଙ୍କ ପାଇଁ ସତ୍ୟର ପ୍ରମୁଖ ଦ୍ୱାର ଥିଲା। ଆଜି ସେହି ଦ୍ୱାର ଲକ୍ଷ ଲକ୍ଷ ମୋବାଇଲ ଫୋନ୍‌ର ପରଦାରେ ବିସ୍ତାରିତ। ପ୍ରତ୍ୟେକ ନାଗରିକଙ୍କ ହାତରେ ଥିବା ସ୍ମାର୍ଟଫୋନ୍ କେବଳ ଯୋଗାଯୋଗର ଉପକରଣ ନୁହେଁ; ଏହା ଏକ କ୍ୟାମେରା, ଏକ ସମ୍ବାଦକକ୍ଷ, ଏକ ପ୍ରସାରଣ କେନ୍ଦ୍ର ଏବଂ ଅନେକ ସମୟରେ ସତ୍ୟର ନିରବ ସାକ୍ଷୀରେ ପରିଣତ ହୋଇଛି। ସାମାଜିକ ଗଣମାଧ୍ୟମର ଏହି ଉଦୟ କେବଳ ପ୍ରଯୁକ୍ତିର ସଫଳତା ନୁହେଁ; ଏହା ଗଣତନ୍ତ୍ରର ଶକ୍ତି-ସନ୍ତୁଳନକୁ ମଧ୍ୟ ନୂଆ ଭାବେ ପରିଭାଷିତ କରିଛି। ସୂଚନାର ଏକଚାଟିଆ ଅଧିକାର ଆଉ କୌଣସି ସଂସ୍ଥା ହାତରେ ନାହିଁ। ଆଜି ଘଟଣାସ୍ଥଳରେ ଉପସ୍ଥିତ ସାଧାରଣ ନାଗରିକ ମଧ୍ୟ ଇତିହାସର ପ୍ରଥମ ସାକ୍ଷୀ ହୋଇପାରୁଛନ୍ତି।

ଏହି ପରିବର୍ତ୍ତିତ ବାସ୍ତବତାର ସବୁଠାରୁ ଚର୍ଚ୍ଚିତ ଉଦାହରଣ ସମ୍ପ୍ରତି ଦିଲ୍ଲୀରେ ଦେଖିବାକୁ ମିଳିଛି। ଉଚ୍ଚଶିକ୍ଷା, ନିଯୁକ୍ତି ଓ ପ୍ରବେଶ ପରୀକ୍ଷା, ସମ୍ପର୍କିତ ବିଭିନ୍ନ ଦାବିକୁ ନେଇ ରାଜଧାନୀରେ ବିପୁଳ ସଂଖ୍ୟକ ଛାତ୍ରଛାତ୍ରୀ ଓ ଯୁବକ-ଯୁବତୀ ପ୍ରତିବାଦରେ ସାମିଲ ହୋଇଛନ୍ତି। ସଂସଦ ମାର୍ଗ ଏବଂ ଜନ୍ତର-ମନ୍ତର ଅଞ୍ଚଳରେ ପୁଲିସ ପକ୍ଷରୁ ବ୍ୟାରିକେଡ୍ ଲଗାଯାଇଛି। ପ୍ରତିବାଦକାରୀମାନେ ଆଗକୁ ବଢ଼ିବାକୁ ଉଦ୍ୟମ କରିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇଛି। ଧସ୍ତାଧସ୍ତି, ଟଣାଓଟରା ଓ ବଳପ୍ରୟୋଗର ଦୃଶ୍ୟ ଅନେକ ମୋବାଇଲ କ୍ୟାମେରାରେ କଏଦ ହୋଇଛି। ସବୁଠାରୁ ଅଧିକ ଆଲୋଡ଼ନ ସୃଷ୍ଟି କରିଛି କେତେକ ଭାଇରାଲ ଭିଡିଓ। ସେଥିରୁ ଗୋଟିଏରେ ଜଣେ ମହିଳା ପ୍ରତିବାଦକାରୀଙ୍କୁ ଜଣେ ବରିଷ୍ଠ ପୁଲିସ ଅଧିକାରୀ ଚାପୁଡ଼ା ମାରୁଥିବା ଭଳି ଦୃଶ୍ୟ ଦେଖାଯାଇଛି। ଅନ୍ୟ ଭିଡିଓରେ ସାଧା ପୋଷାକରେ ଥିବା କେତେକ ବ୍ୟକ୍ତି ପୁଲିସ ସହ ମିଶି ପ୍ରଦର୍ଶନକାରୀଙ୍କୁ କାବୁ କରୁଥିବା ଦୃଶ୍ୟ ପ୍ରସାରିତ ହୋଇଛି। କେଉଁଠି ଛାତ୍ରଛାତ୍ରୀଙ୍କୁ ତଳେ ଘୋଷାଡ଼ି ନେବା, କେଉଁଠି ବଳପୂର୍ବକ ପୁଲିସ ଗାଡ଼ିରେ ବସାଇବା, ଆଉ କେଉଁଠି ମହିଳା ପ୍ରତିବାଦକାରୀଙ୍କ ସହ ଅସଦାଚରଣର ଅଭିଯୋଗ ଉଠିଛି। ଏହି ସବୁ ଦୃଶ୍ୟ ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଛି ଏବଂ ପ୍ରଶାସନିକ ଆଚରଣକୁ ନେଇ ଅନେକ ପ୍ରଶ୍ନ ସୃଷ୍ଟି କରିଛି।

ଏହି ଦୃଶ୍ୟଗୁଡ଼ିକ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିଥିଲା ପ୍ରଥମେ ସାମାଜିକ ଗଣମାଧ୍ୟମ ଜରିଆରେ। ଅନେକ ସ୍ୱାଧୀନ ସାମ୍ବାଦିକ, ନାଗରିକ ସାମ୍ବାଦିକ ଓ ପ୍ରତ୍ୟକ୍ଷଦର୍ଶୀ ନିଜ ମୋବାଇଲରୁ ସେଗୁଡ଼ିକୁ ପ୍ରସାରଣ କରିଥିଲେ। ଅନ୍ୟପକ୍ଷରେ ଅନେକ ଦର୍ଶକଙ୍କ ମନରେ ଏହି ଧାରଣା ସୃଷ୍ଟି ହେଲା ଯେ ଦେଶର କେତେକ ମୁଖ୍ୟଧାରାର ଟେଲିଭିଜନ ଚ୍ୟାନେଲ ଏହି ଘଟଣାକୁ ସେହି ପରିମାଣର ଗୁରୁତ୍ୱ ଦେଇ ନ ଥିଲେ। କେହି କହିଲେ, ପ୍ରାଇମ୍-ଟାଇମ୍ ଚର୍ଚ୍ଚାରେ ଏହା ଗୌଣ ରହିଗଲା; ଆଉ କେହି ଅଭିଯୋଗ କଲେ ଯେ ଘଟଣାର ମୂଳ ପ୍ରସଙ୍ଗ ଅପେକ୍ଷା ଅନ୍ୟ ବିଷୟକୁ ଅଧିକ ସ୍ଥାନ ଦିଆଗଲା। ଏହି ସମାଲୋଚନାର ସତ୍ୟାସତ୍ୟ ନେଇ ଭିନ୍ନମତ ଥାଇପାରେ, କିନ୍ତୁ ଏହା ନିଶ୍ଚିତ ଯେ ସାମାଜିକ ଗଣମାଧ୍ୟମ ଏହି ଘଟଣାକୁ ଜାତୀୟ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆଣିଦେଇଥିଲା।

ବିଶ୍ୱ ଇତିହାସରେ ଆରବ ବସନ୍ତ, ହଂକଂର ଗଣଆନ୍ଦୋଳନ, ଇରାନର ମହିଳା ଆନ୍ଦୋଳନ, ୟୁକ୍ରେନ୍ ଯୁଦ୍ଧ ଭଳି ଅନେକ ଘଟଣାରେ ପାରମ୍ପରିକ ଗଣମାଧ୍ୟମଠାରୁ ଦ୍ରୁତ ଗତିରେ ସୂଚନା ପହଞ୍ଚାଇଛି ସାମାଜିକ ଗଣମାଧ୍ୟମ। ଏହା ନାଗରିକ ସାମ୍ବାଦିକତାକୁ ଏକ ନୂଆ ମର୍ଯ୍ୟାଦା ଦେଇଛି। କିନ୍ତୁ ପ୍ରତ୍ୟେକ ଆଲୋକ ସହ ଅନ୍ଧକାର ମଧ୍ୟ ରହିଥାଏ। ସାମାଜିକ ଗଣମାଧ୍ୟମ ସତ୍ୟର ବାହକ ହୋଇପାରେ, କିନ୍ତୁ ସେହି ମଞ୍ଚ ମିଥ୍ୟା, ଗୁଜବ ଓ ଅପପ୍ରଚାରର ବାହନ ମଧ୍ୟ ହୋଇପାରେ। ଅନେକ ସମୟରେ କୌଣସି ଭିଡିଓର ଏକ ଅଂଶକୁ ପ୍ରସଙ୍ଗରୁ ବାହାର କରି ପ୍ରସାରଣ କରାଯାଏ, ପୁରୁଣା ଘଟଣାକୁ ନୂଆ ବୋଲି ଦର୍ଶାଯାଏ କିମ୍ବା ଅପ୍ରମାଣିତ ଦାବିକୁ ସତ୍ୟ ଭାବେ ପ୍ରଚାର କରାଯାଏ। ବର୍ତ୍ତମାନ କୃତ୍ରିମ ବୁଦ୍ଧିମତ୍ତା ଓ ଡିପ୍‌ଫେକ୍ ପ୍ରଯୁକ୍ତି ଏହି ଆହ୍ୱାନକୁ ଆହୁରି ଗମ୍ଭୀର କରିଦେଇଛି। ତେଣୁ ସାମାଜିକ ଗଣମାଧ୍ୟମକୁ ସମ୍ପୂର୍ଣ୍ଣ ସତ୍ୟର ପର୍ଯ୍ୟାୟ ବୋଲି ଧରିନେବା ଯେପରି ଭୁଲ, ସେହିପରି ଏହାକୁ ସମ୍ପୂର୍ଣ୍ଣ ଅବିଶ୍ୱସନୀୟ କହିବା ମଧ୍ୟ ଅନ୍ୟାୟ।

ଏହି ପରିପ୍ରେକ୍ଷୀରେ ମୁଖ୍ୟଧାରାର ଗଣମାଧ୍ୟମର ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ। ସାମ୍ବାଦିକତାର ଧର୍ମ କେବଳ ଖବର ପରିବେଷଣ ନୁହେଁ; ସତ୍ୟର ଯାଞ୍ଚ, ପ୍ରସଙ୍ଗର ବିଶ୍ଳେଷଣ ଏବଂ ଜନସ୍ୱାର୍ଥର ସୁରକ୍ଷା ମଧ୍ୟ ତାହାର ଅବିଚ୍ଛିନ୍ନ ଦାୟିତ୍ୱ। ଯଦି ଗଣମାଧ୍ୟମ ଉପରେ ପକ୍ଷପାତର ଅଭିଯୋଗ ବଢ଼େ, ତେବେ ଲୋକଙ୍କ ବିଶ୍ୱାସ ସ୍ୱାଭାବିକ ଭାବରେ ବିକଳ୍ପ ମଞ୍ଚ ଆଡ଼କୁ ନଇଁବ। ସରକାର ଓ ପ୍ରଶାସନ ପାଇଁ ମଧ୍ୟ ଏହା ଏକ ସ୍ପଷ୍ଟ ସନ୍ଦେଶ। ସୂଚନାକୁ ଲୁଚାଇବାର ଯୁଗ ଶେଷ ହୋଇଯାଇଛି। ଆଜି ପ୍ରତ୍ୟେକ ଘଟଣାକୁ କେହି ନା କେହି ରେକର୍ଡ କରୁଛନ୍ତି ଏବଂ ସେହି ଦୃଶ୍ୟ କ୍ଷଣକ ମଧ୍ୟରେ ବିଶ୍ୱବ୍ୟାପୀ ପହଞ୍ଚିଯାଉଛି। ତେଣୁ ଗଣତନ୍ତ୍ରରେ ବଳପ୍ରୟୋଗ ଅପେକ୍ଷା ସଂଳାପ, ଗୋପନୀୟତା ଅପେକ୍ଷା ସ୍ୱଚ୍ଛତା ଏବଂ ଅହଂକାର ଅପେକ୍ଷା ଜବାବଦେହିତା ଅଧିକ ପ୍ରଭାବଶାଳୀ।

ଦିଲ୍ଲୀ ଘଟଣା ଆମକୁ ଏକ ଗଭୀର ସତ୍ୟର ସାମ୍ନା କରାଇଛି। ଆଜି ଗଣତନ୍ତ୍ରର ସବୁଠାରୁ ବଡ଼ ପ୍ରହରୀ କେବଳ ସମ୍ବାଦ ସଂସ୍ଥା ନୁହେଁ; ସଚେତନ ନାଗରିକ ମଧ୍ୟ। କିନ୍ତୁ ନାଗରିକଙ୍କ ସ୍ୱାଧୀନତା ସହ ତାଙ୍କର ଦାୟିତ୍ୱ ମଧ୍ୟ ସମାନ ଭାବେ ବଢ଼ିଯାଏ। ସତ୍ୟକୁ ଯାଞ୍ଚ କରିବା, ଅପପ୍ରଚାରକୁ ପ୍ରତ୍ୟାଖ୍ୟାନ କରିବା ଏବଂ ବିବେକ ସହ ସୂଚନାର ବ୍ୟବହାର କରିବା - ଏହି ତିନୋଟି ହିଁ ଡିଜିଟାଲ ଯୁଗର ନାଗରିକଙ୍କ ଧର୍ମ। ଏବେ ସାମାଜିକ ଗଣମାଧ୍ୟମ କେବଳ ସୂଚନାର ନୂତନ ମାଧ୍ୟମ ନୁହେଁ; ଗଣତନ୍ତ୍ରର ଏକ ନୂଆ ଆଇନା। ସେହି ଆଇନାରେ ସମାଜ, ସରକାର, ଗଣମାଧ୍ୟମ ଓ ନାଗରିକ ସମସ୍ତଙ୍କ ମୁହଁ ପ୍ରତିଫଳିତ ହୁଏ। ସେହି ପ୍ରତିଫଳନକୁ ସତ୍ୟ, ସ୍ୱଚ୍ଛ ଓ ବିଶ୍ୱସନୀୟ ରଖିବାର ଦାୟିତ୍ୱ ଆମ ସମସ୍ତଙ୍କର। ଗଣତନ୍ତ୍ରର ଶକ୍ତି କେବଳ ମତଦାନରେ ନୁହେଁ, ବରଂ ସତ୍ୟ ପ୍ରତି ସମାଜର ସାମୂହିକ ଅଙ୍ଗୀକାରବଦ୍ଧତାରେ ନିହିତ।

କୋଣାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

## ମାନବବାଦର ମହାନାୟକ ଶ୍ରୀଜଗନ୍ନାଥ

**ତନୁଜା ରାଉତ**

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ଅନନ୍ତକୋଟି ବ୍ରହ୍ମାଣ୍ଡର ସ୍ରଷ୍ଟା ଓ ସର୍ବବ୍ୟାପୀ ତତ୍ତ୍ୱର ଆଧାର ପରଂବ୍ରହ୍ମ ହେଉଛନ୍ତି ଅବିନଶ୍ୱର, ଅବର୍ଣ୍ଣନୀୟ ଓ ଅପ୍ରକାଶ୍ୟ। ନିର୍ଗୁଣ ଓ ନିରାକାର ତତ୍ତ୍ୱର ଆକାର ଶୂନ୍ୟବ୍ରହ୍ମଲୀଳା ସଂରଚନା କରିବାକୁ ଯାଇ ସଗୁଣ ଓ ସାକାର ଦାରୁବ୍ରହ୍ମ ରୂପେ ମର୍ତ୍ତ୍ୟବୈକୁଣ୍ଠ ନୀଳାଚଳ ଧାମରେ ବିରାଜିତ। ସେ ରୂପାତୀତ ଓ ଗୁଣାତୀତ ହେଲେ ହେଁ ନଶ୍ୱର ଦାରୁ ମଧ୍ୟରେ ମାନବୀୟ ଲୀଳାରେ ନିମଗ୍ନ। ନରଙ୍କ ଗହଣରେ ଲୀଳା କରୁଥିବା ଲୀଳାମୟ ଶ୍ରୀଜଗନ୍ନାଥ ରହସ୍ୟମୟ ତତ୍ତ୍ୱର ଅପସାରଣ କରି ନରରୂପୀ ନାରାୟଣ ରୂପେ ମହିମାବନ୍ତ। ଏ ଦୃଷ୍ଟିରେ ମାନବିକ ଦୃଷ୍ଟିଭଙ୍ଗୀ ଓ ଜୀବନଦର୍ଶନ ଉପରେ ଜଗନ୍ନାଥ ସଂସ୍କୃତି ବିଶେଷ ପର୍ଯ୍ୟବେସିତ ଓ ପ୍ରତିଫଳିତ।

ବ୍ରହ୍ମ ହେଉଛି ମଜ୍ଜା, ଦାରୁ ଶରୀର ହେଉଛି ଅସ୍ଥି, କର୍ପୁର ଲେପନ ହେଉଛି ମେଦ, ଚନ୍ଦନ-କର୍ପୁର-କସ୍ତୁରୀ, କୁଙ୍କୁମ ଏକତ୍ର ଲେପନ ହେଉଛି ମାଂସ, ନାଲି ରଙ୍ଗର ଚେହେଲି ବସ୍ତ୍ର ହେଉଛି ରକ୍ତ, ପରସ୍ତ ପରସ୍ତ ଶୁକ୍ଳ ବସନ ଓ ଚନ୍ଦନ ଲେପନ ହେଉଛି ଚର୍ମ ଓ ଝୁଣାଯୁକ୍ତ ରାଶିତେଲ କର୍ପୁର ଲେପନକୁ ଝିଲ୍ଲୀ ମାନ୍ୟରେ ସପ୍ତାବରଣ ସେବା ହୁଏ। ଅତଏବ ମହାପ୍ରଭୁ ମାନବ ରୂପରେ ବ୍ରହ୍ମସ୍ୱରୂପ ଆତ୍ମା ବହନ କରନ୍ତି। ସେ ମାନବତାରେ ନିଜକୁ ହଜାଇ ଦେବା ପାଇଁ ଏବଂ ମାନବର ସୃଷ୍ଟି ପରିପୁଷ୍ଟ କରିବାରେ ନିଜକୁ ୧୨ ବର୍ଷରେ ଥରେ କାୟା ଓ ବ୍ରହ୍ମ ପରିବର୍ତ୍ତନ କରିଥା'ନ୍ତି।

ମହାପ୍ରଭୁଙ୍କର ଅଲୌକିକତା ଓ ମାନବୀୟ ଲୀଳାରେ ଅନେକ ଗୋପନୀୟତା ଥିଲେ ମଧ୍ୟ ଭକ୍ତ ଏହି ଲୀଳାକୁ ଜାଣିବା ପାଇଁ ସଦାସର୍ବଦା ବ୍ୟାକୁଳ। ଯବଶାସ୍ତ୍ର ଅନୁଯାୟୀ ମହାପ୍ରଭୁ ପ୍ରତି ବୁଧବାର କ୍ଷୌର କର୍ମ (ବନକ ଲାଗି) ହୁଅନ୍ତି। ଅର୍ଥାତ୍ ପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ହୁଏ। ଶୀତ ହେଲେ ଘୋଡ଼ି ହୁଅନ୍ତି। ଗରମ ହେଲେ ଚନ୍ଦନ ଲଗାଇ ଚାପ ଖେଳନ୍ତି। ଚାମର ସେବା ହୁଅନ୍ତି। ବିଡ଼ିଆ ପାନ ମଣୋହି ହୁଅନ୍ତି। ପଣା ପିଅନ୍ତି। ୧୦୮ ଗରା ସୁନାକୂଅ ପାଣିରେ ଗାଧୋଇ ଜ୍ୱରରେ କମ୍ପନ୍ତି। ଅଣସର ନୀତି ପାଳିତ ହୁଏ। ଯେଉଁବର୍ଷ ନବ କଳେବର ହୁଏ, ସେବର୍ଷ ଅଣସର ଦେଢ଼ମାସ ହେଉଥିବାରୁ ଏହାକୁ ମହାଅଣସର କୁହାଯାଏ। ପ୍ରଥମ ଭାଗରେ ମୂର୍ତ୍ତି ନିର୍ମାଣ, ବ୍ରହ୍ମସ୍ଥାପନ ଆଦି କର୍ମ, ଦ୍ୱିତୀୟ ଭାଗରେ ଶୁଦ୍ଧିକ୍ରିୟା ଓ ତୃତୀୟ ଭାଗରେ ପ୍ରତିବର୍ଷ ପରି ଅଣସର ନୀତି ପାଳିତ ହେଉଥାଏ। ଏହାପରେ ଠାକୁରମାନଙ୍କର ନବଯୌବନ ଦର୍ଶନ ଏବଂ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ରଥଯାତ୍ରା ଅନୁଷ୍ଠିତ ହୁଏ।

ସେ ଦଇତାରୀ, ଦୀନବନ୍ଧୁ। ସେ ସର୍ବନାମ, ସେ ଅନ୍ତର୍ଯ୍ୟାମୀ, ସର୍ବତ୍ର ବିରାଜିତ। ସେ ଭାବଗ୍ରାହୀ, ଭାବବିନୋଦିଆ। ତାଙ୍କ ପାଖରେ ସଂସାରର ସବୁ ତତ୍ତ୍ୱ ତୁଚ୍ଛ, ସବୁ ଜ୍ଞାନ ହେୟ। କେବଳ ବିଶ୍ୱାସ, ଭରସାର ଦିଅଁ ସେ। ଜଗନ୍ନାଥ ସଂସ୍କୃତିରେ ଜାତି ଧର୍ମ ସଂପ୍ରଦାୟର ଭେଦଭାବ ନାହିଁ। ତାଙ୍କର ଅମୃତମୟ ଚେତନାରେ ଘଟିଛି ବିଶ୍ୱର ସବୁ ଧର୍ମ, ଦର୍ଶନ ତତ୍ତ୍ୱ ଓ ମତର ଅଦ୍ଭୁତ ସମନ୍ୱୟ। ଶାକ୍ତ, ବୈଷ୍ଣବ, ଗାଣପତ୍ୟ, ଶବର, ବୌଦ୍ଧ, ଜୈନ, ସୌର ସବୁ ଧର୍ମ ଓ ସଂପ୍ରଦାୟର ସେ ଆରାଧ୍ୟ ଦେବତା। ତାଙ୍କର ସଂସ୍କୃତି ବିଶ୍ୱ ସଂସ୍କୃତି। ଧର୍ମ ମାନବଧର୍ମ। ଓଡ଼ିଆ ଜାତିର ପ୍ରତିନିଧି ଗଜପତି ମହାରାଜା ଶ୍ରୀଜଗନ୍ନାଥଙ୍କୁ ସ୍ୱର୍ଣ୍ଣମୁଦ୍ରା ଭେଟି ଦେଇ ନୂତନ ଅଙ୍କ ପ୍ରଚଳନ କରାନ୍ତି।

ଓଡ଼ିଆ ଜାତି ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ମଣିମା, ମହାବାହୁ, ମହାପ୍ରଭୁ, ରାଜାଧିରାଜ ପ୍ରଭୃତି ବହୁ ନାମରେ ସମ୍ବୋଧିତ କରିଥାନ୍ତି। ପ୍ରଭାତ ଅବକାଶ ଠାରୁ ଜୟମଙ୍ଗଳ ଆରତି, ତଡ଼ପଲାଗି, ମଇଲମ, ଗୋପାଳବଲ୍ଲଭ, ରାଜଭୋଗ, ଟଙ୍କଭୋଗ, ସକାଳଧୂପ, ମଧ୍ୟାହ୍ନଧୂପ, ଭୋଗମଣ୍ଡପ, ସନ୍ଧ୍ୟାଧୂପ, ବଡ଼ସିଂହାର ଓ ପହଡ଼ ପର୍ଯ୍ୟନ୍ତ ତିନିଧୂପ ଓ ପଞ୍ଚ ଅବକାଶ ରୀତିନୀତିରେ ଓଡ଼ିଆ ସେବକବୃନ୍ଦ ତାଙ୍କୁ ରାଜକୀୟ ସେବା କରି ଆସୁଛନ୍ତି। ସକଳ ଓଡ଼ିଆ ସେବାରେ ସୌଭାଗ୍ୟଲାଭ କରିବା ନିମିତ୍ତ ଭିନ୍ନ ଭିନ୍ନ ବୃତ୍ତି ଅବଲମ୍ବନ କରିଥିବା ଛତିଶ ପାଟକଙ୍କୁ ସେବାର ସୁଯୋଗ ଦିଆଯାଇ ଏହାକୁ ଛତିଶା ପାଟକ ନିଯୋଗ କୁହାଯାଉଛି।

ଓଡ଼ିଆ ମହାକବି ଜୟଦେବ ଲଳିତ କୋମଳ ପଦାବଳୀରେ ଶ୍ରୀଗୀତଗୋବିନ୍ଦ ରଚନା କରି ଶ୍ରୀଜଗନ୍ନାଥଙ୍କ ମହାତ୍ମ୍ୟ ବୃଦ୍ଧି କରିଛନ୍ତି। ମହାବାହୁଙ୍କ କରୁଣାରୁ ତାଙ୍କରି ମନ୍ଦିରରେ ବଳରାମ ଦାସ ରାମାୟଣ ଓ ଜଗନ୍ନାଥ ଦାସ ଭାଗବତ ରଚନା କରିଛନ୍ତି, ଯାହା ସାମବେଦ ସଦୃଶ ପ୍ରସିଦ୍ଧି ଲାଭ କରିଛି। ଓଡ଼ିଆ ପରମ୍ପରାରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ବାରମାସରେ ତେରପର୍ବର ଭିଆଣ ହେଉଛି। ବୈଶାଖ ମାସରେ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ଚନ୍ଦନଚାପ ନରେନ୍ଦ୍ର ପୁଷ୍କରିଣୀରେ ଅନୁଷ୍ଠିତ ହୁଏ। ଜ୍ୟେଷ୍ଠ ମାସରେ ସ୍ନାନଯାତ୍ରା ଓ ଆଷାଢ଼ ମାସରେ ଶ୍ରୀଗୁଣ୍ଡିଚା ଯାତ୍ରାରେ ଚତୁର୍ଦ୍ଧାମୂରତି ଶ୍ରୀମନ୍ଦିର ଛାଡ଼ି ଗୁଣ୍ଡିଚା ମନ୍ଦିରକୁ ନବଦିନ ଯାତ୍ରା କରନ୍ତି। ଶ୍ରାବଣ ମାସରେ ଚିତାଲାଗି ପର୍ବ, ବଳଭଦ୍ର ଜନ୍ମ, ଭାଦ୍ରବରେ ଜନ୍ମାଷ୍ଟମୀ, ରାହୁରେଖା ଲାଗି, ନନ୍ଦୋତ୍ସବ, ବଣଭୋଜି, ବକାସୁର ବଧ ଓ କାଳୀୟଦଳନ ପ୍ରଭୃତି ଅନୁଷ୍ଠିତ ହୋଇଥାଏ। ଆଶ୍ୱିନ ମାସରେ ଶାକ୍ତ ଗୁଣ୍ଡିଚା, ଦ୍ୟୁତକ୍ରୀଡ଼ା ହୋଇଥାଏ। ଦ୍ୟୁତକ୍ରୀଡ଼ାରେ ପ୍ରଭୁ ହାରିଯାଇ ଲକ୍ଷ୍ମୀଙ୍କ ମନ୍ଦିରରେ ମାଧବ ରୂପରେ ସାତଦିନ ବନ୍ଧା ପଡ଼ନ୍ତି, ଯାହା ଓଡ଼ିଆଙ୍କ ଜୀବନଶୈଳୀ ସହିତ ସମ୍ବନ୍ଧିତ। କାର୍ତ୍ତିକ ମାସରେ ରାଇ ଦାମୋଦର ବ୍ରତ, ରାଜବେଶ, ଲକ୍ଷ୍ମୀନାରାୟଣ ବେଶ, ରାଧା ଦାମୋଦର ବେଶ, ତ୍ରିବିକ୍ରମ ବେଶ, ବାଙ୍କଚୂଡ଼ା, ଠିଆକିଆ ଆଦି ବେଶ ହୋଇଥା'ନ୍ତି। ମାର୍ଗଶୀର ମାସରେ ଦୀପଦାନ ପିତୃଶ୍ରାଦ୍ଧ ବା ଦେବଦୀପାବଳୀ ଓ ପୋଡ଼ଲାଗି ହୋଇଥାଏ। ପୌଷ ମାସରେ ଜଗନ୍ନାଥଙ୍କର ଅଭିଷେକ ଓ ରାଜବେଶ ହୋଇଥାଏ। ଏହିସବୁ ଯାତ୍ରା ଓ ପର୍ବପର୍ବାଣି ଓଡ଼ିଆ ଜାତିର ନିଜସ୍ୱ।

ବ୍ରହ୍ମବିଚାରରେ ସେ ଅବ୍ୟକ୍ତ, ଅଚନ୍ତ୍ୟ, ଅବର୍ଣ୍ଣନୀୟ ହେଲେ ହେଁ ଓଡ଼ିଆ ଚେତନାରେ ସେ ରକ୍ତମାଂସ ଦେହୀ ମାନବ ସଦୃଶ୍ୟ। ସେ ଦେବତା ହେଲେ ହେଁ ସମସ୍ତ ପ୍ରକାର ମାନବୀୟ ଲୀଳା କରିଥା'ନ୍ତି। ସାଧାରଣ ମଣିଷଟେ ପରି ଖାଆନ୍ତି, ଶୁଅନ୍ତି, ଯାତ୍ରା କରନ୍ତି, ଥଟ୍ଟା ପରିହାସର ଶରବ୍ୟ ହୁଅନ୍ତି, ପଖାଳ ପାଣି ଖାଆନ୍ତି, ଟଙ୍କ ତୋରାଣି ପିଅନ୍ତି, ପାନ ମସଲା ଖାଆନ୍ତି ଏବଂ ସାଧାରଣ ମଣିଷଟେ ପରି ମୃତ୍ୟୁବରଣ କରନ୍ତି। ଏମିତିଆ ଦିଅଁ ସାରା ବିଶ୍ୱରେ ମିଳିବେ ନାହିଁ, ଯିଏ ଓଡ଼ିଆ ଜାତିର ପ୍ରାଣ, ହୃତସ୍ପନ୍ଦନ। ଓଡିଆଙ୍କ ଚିନ୍ତା, ଚେତନା, ଚଳଣି, ଚାହାଣୀ, ଭାଷା, ସାହିତ୍ୟ, ସଂସ୍କୃତି, ସଂଗୀତ, ନୃତ୍ୟ, ଭାସ୍କର୍ଯ୍ୟ, ଇତିହାସ, ରାଜନୀତି ପ୍ରତ୍ୟେକଙ୍କର ଆଧାର ହେଉଛନ୍ତି ଶ୍ରୀଜଗନ୍ନାଥ। ତାଙ୍କରି ବାହୁଛାୟା ତଳେ ସକଳ ଓଡ଼ିଆ ସୁରକ୍ଷିତ ଓ ନିର୍ଭର ହୋଇ ଗାଇଛନ୍ତି - 'ଡର କାହାକୁ, ଭୟ କାହାକୁ କାଳିଆ ଅଛି ମୋ ଚଉବାହାକୁ।'

ଅଧ୍ୟାପିକା(ରଘୁନାଥଜୀଉ ମହାବିଦ୍ୟାଳୟ)
କଟକ, ମୋ: ୭୦୦୮୮୫୧୭୧୩



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଦୁର୍ଘଟଣାରେ ଚାଲିଗଲା ୧୦ ଜୀବନ

## ବିବାହ ଯାତ୍ରା ହେଲା ଶେଷଯାତ୍ରା: ପୋଖରୀକୁ ପଶିଗଲା କାର୍; ୫ ମୃତ

ଢେଙ୍କାନାଳ,୨୩।୭(ସମିସ): ଢେଙ୍କାନାଳ ସଦରଥାନା ପଞ୍ଚୁପଟି-ଛାଟିଆ ରାସ୍ତାର ଛାଟିଆ ନିକଟରେ ଥିବା ଏକ ପୋଖରୀରେ ବୁଧବାର ବିଳମ୍ବିତ ରାତିରେ ଏକ ବରଯାତ୍ରୀ ଗାଡ଼ି ଭାରସାମ୍ୟ ହରାଇ ପଶିଯିବାରୁ ଶ୍ୱାସରୁଦ୍ଧ ହୋଇ ୫ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ମୋଟଙ୍ଗା ଥାନା ବାଙ୍ଗୁରସିଂହ ଗ୍ରାମର ରବିନାରାୟଣ ସାହୁଙ୍କ ପୁଅ ଶ୍ରୀରାମ ସାହୁ (୨୮), ନୃସିଂହ ଚରଣ ସ୍ୱାଇଁଙ୍କ ପୁଅ ଚନ୍ଦ୍ରକାନ୍ତ ସ୍ୱାଇଁ (୨୬), ଅନନ୍ତଚରଣ ସାହୁଙ୍କ ପୁଅ ଅବିନାଶ ସାହୁ (୨୮), ବୀରକିଶୋର ସାହୁଙ୍କ ପୁଅ ରାକେଶ ସାହୁ (୨୮) ଓ ଢେଙ୍କାନାଳ ବନମାଳୀପ୍ରସାଦର ଅପର୍ତି ସାହୁଙ୍କ ପୁଅ ଅଭିଜିତ ସାହୁ (୨୫)। ଅଭିଜିତ ସାହୁ ବରର ମାଉସୀ ପୁଅ ଭାଇ ବୋଲି ଜଣାପଡ଼ିଛି। ଅନ୍ୟପଟେ ଗାଡ଼ିରେ ଥିବା ଅନ୍ୟ ୨ଜଣ ମୋଟଙ୍ଗା ଥାନା ବାଙ୍ଗୁରସିଂହ ଗ୍ରାମର ବଟକୃଷ୍ଣ ସାହୁଙ୍କ ପୁଅ ବବୁଲୁ ଓରଫ ବିଶ୍ୱଜିତ ସାହୁ ଓ ରାସବିହାରୀ ସାହୁଙ୍କ ପୁଅ ସୌମ୍ୟରଞ୍ଜନ ସାହୁଙ୍କୁ ଗ୍ରାମବାସୀ ବହୁ କଷ୍ଟରେ ଉଦ୍ଧାର କରିଥିଲେ।

ବାଙ୍ଗୁରସିଂହ ଗ୍ରାମର ସନ୍ତୋଷ କୁମାର ସାହୁଙ୍କ ପୁଅ ଅଭିଷେକ ସାହୁଙ୍କର ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଇନ୍ଦିପୁର ଗ୍ରାମର ରୋହିତ କୁମାର ପୃଷ୍ଟିଙ୍କ ଝିଅ ସହିତ ବୁଧବାର ବିବାହ ଉତ୍ସବ ଥିଲା। ଏଥିରେ ଯୋଗଦେବାକୁ ବାଙ୍ଗୁରସିଂହ ଗ୍ରାମରୁ ବରଯାତ୍ରୀ ଦଳ ବିଭିନ୍ନ ଗାଡ଼ିରେ ଯାଇଥିଲେ। ସେଥିମଧ୍ୟରୁ ଗୋଟିଏ ମହିନ୍ଦ୍ରା ଏକ୍ସୟୁଭି କାର ଟାଇଁପୁରକୁ ଆସି ଅନ୍ୟ ଦୁଇ ବରଯାତ୍ରୀଙ୍କୁ ନେଇ ଇନ୍ଦିପୁର ଗ୍ରାମକୁ ଯାଉଥିଲା। ବିବାହ ଭୋଜି ଖାଇ ସେହି କାରରେ ୭ ଜଣ ରାତିରେ ଫେରୁଥିଲେ। କାର ଇନ୍ଦିପୁର ମୁଖ୍ୟ ରାସ୍ତାରୁ ଛାଟିଆଠାରୁ ପଞ୍ଚୁପଟି ରାସ୍ତାଦେଇ ୫୫ନଂ ଜାତୀୟ ରାଜପଥକୁ ଆସୁଥିବା ବେଳେ ଅନ୍ଧାର ରାତିରେ ଛାଟିଆ ଗ୍ରାମ ଶେଷମୁଣ୍ଡରେ ଥିବା ଏକ ପୋଖରୀ ଭିତରେ ଭାରସାମ୍ୟ ହରାଇ ପଶିଯାଇଥିଲା। କାରରେ ଥିବା ୫ ବରଯାତ୍ରୀଙ୍କର ପାଣି ଭିତରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ସେହିପରି ମୃତଦେହଗୁଡ଼ିକ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇ ତଦନ୍ତ ଆରମ୍ଭ କରିଛି। ଏହି ଦୁଃଖଦ ଘଟଣାକୁ ବାଙ୍ଗୁରସିଂହ ଓ ଇନ୍ଦିପୁର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୋଖରୀ ନିକଟରେ କୌଣସି ଫଳକ ଲାଗି ନ ଥବାରୁ ବୁଲାଣି ରାସ୍ତାରେ ଏଭଳି ଦୁର୍ଘଟଣା ଘଟିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ବାପାଙ୍କୁ ଡାକ୍ତରଖାନା ନେଉଥିବା ବେଳେ ଗଛରେ ପିଟିହେଲା ଥାର୍; ୩ ମୃତ

ଚମ୍ପୁଆ, ୨୩।୭(ସମିସ): ଅସୁସ୍ଥ ବାପାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନେଉଥିବା ବେଳେ ଅଧା ରାସ୍ତାରେ ଛକିଥିଲା କାଳ। ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୩ ଜଣଙ୍କର ମୃତ୍ୟୁ ଘଟିଛି। ଘଟଣାଟି ଗୁରୁବାର କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନାଞ୍ଚଳରେ ଶୋକର ଚାଦର ବିଛାଇ ରଖିଛି। ସୂଚନା ଅନୁସାରେ, ଚମ୍ପୁଆ ଥାନା ରଜିଆ ନିକଟରେ ବୁଧବାର ରାତି ପ୍ରାୟ ୧୦ଟା ସମୟରେ ଏକ ଥର୍ ଗାଡ଼ି ଭାରସାମ୍ୟ ହରାଇ ରାସ୍ତାକଡ଼ ଗଛରେ ପିଟି ହୋଇଥିଲା। ଏହି ଗାଡ଼ିରେ ପରିବାରର ଭାସ୍କର ଆପଟ (୫୫), କଇଁଫୁଲ ଆପଟ (୬୦) ଏବଂ ତ୍ରିଲୋଚନ ଆପଟ (୬୦)ଙ୍କ ସହ ପୁଅ ରଞ୍ଜିତ (୩୫) ମଧ୍ୟ ରହିଥିଲେ। ଦୁର୍ଘଟଣାରେ ପ୍ରଥମ ତିନି ଜଣଙ୍କର ମୃତ୍ୟୁ ଘଟିଥିଲା ବେଳେ ରଞ୍ଜିତ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜୀବନ ସହ ସଂଘର୍ଷ କରୁଛନ୍ତି। ପରିବାରର ମୁଖ୍ୟ ଭାସ୍କର ଅସୁସ୍ଥ ଥିବାରୁ ରିମୁଳିରୁ ଚମ୍ପୁଆ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇ ଆସୁଥିଲେ। ରଜିଆ ନିକଟରେ ପହଞ୍ଚିବା ବେଳେ ଗାଡ଼ିଟି ହଠାତ୍ ଭାରସାମ୍ୟ ହରାଇ ରାସ୍ତାକଡ଼ର ଏକ ବଡ଼ ଗଛରେ ପ୍ରଚଣ୍ଡ ବେଗରେ ପିଟି ହୋଇଥିଲା। ଖବର ପାଇ ଚମ୍ପୁଆ ଅଗ୍ନିଶମ ବାହିନୀ ଓ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୀର୍ଘ ସମୟ ଧରି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ଆହତମାନଙ୍କୁ ଗାଡ଼ିରୁ ବାହାର କରି ଚମ୍ପୁଆ ଉପଖଣ୍ଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଭାସ୍କର ଆପଟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଅନ୍ୟ ତିନିଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ କଇଁଫୁଲ ଆପଟ ଓ ତ୍ରିଲୋଚନ ଆପଟଙ୍କ ମୃତ୍ୟୁ ଘଟିଥିବା ବେଳେ ରଞ୍ଜିତ ଆପଟଙ୍କ ଚିକିତ୍ସା ଜାରି ରହିଛି।

## ଅଜଣା ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀ ମୃତ

ବାରିକପୁର,୨୩।୭(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଯଶୋଟିକିରି ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ୨ ଜଣ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ଗତ ବୁଧବାର ରାତି ପ୍ରାୟ ୩ଟା ବେଳେ ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳର ରତ୍ନାକର ଦାସ (୨୩) ଓ ଚନ୍ଦନ କୁମାର ସ୍ୱାଇଁ (୨୪) ଏକ ବୁଲେଟ୍ ବାଇକ୍ ଯୋଗେ ପାଣିକୋଇଲି ପଟୁ ବାଲେଶ୍ୱର ଅଭିମୁଖେ ଆସୁଥିଲେ। ଏହି ସମୟରେ ଅଜଣା ଗାଡ଼ି ବୁଲେଟ୍‌କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଆମ୍ବୁଲାନ୍ସ ଓ ପୁଲିସ ସହାୟତାରେ ଯୁବକ ଦ୍ୱୟଙ୍କୁ ମେଡିକାଲ ନିଆଯାଇଥିବା ବେଳେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ବୁଲେଟ୍‌କୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

■ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣା

## ୩ ମାସ ପରେ କାର୍ଯ୍ୟାନୁଷ୍ଠାନ, କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ସମୂହ ବଦଳି

ବାରିପଦା,୨୩।୭(ସମିସ): ରାସଗୋବିନ୍ଦପୁର ବ୍ଲକ୍ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ଗତ ଏପ୍ରିଲ ମାସରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବିବାଦୀୟ ହୋଇପଡ଼ିଥିବା ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀ ସମୂହକୁ ବଦଳି କରାଯାଇଛି। ଏ ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୩୪୫୫/୨୧ ଜୁଲାଇ ୨୦୨୬ରେ ୭ ଜଣଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବାବେଳେ ସେମାନଙ୍କ ସ୍ଥାନରେ ନୂତନ ଭାବେ ବିଭିନ୍ନ ବିଦ୍ୟାଳୟରୁ ଏଠାରେ ନିଯୁକ୍ତ କରାଯାଇଛି। ଖୁବଶୀଘ୍ର ବଦଳି ହୋଇଥିବା ସମସ୍ତଙ୍କୁ ନିଜ ନିଜ ବିଦ୍ୟାଳୟରେ ଯୋଗଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ମୁତାବକ, ଏପ୍ରିଲ ୧୪ ତାରିଖରେ କାକବନ୍ଧସ୍ଥ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟରେ ୧୫୨ ଜଣ ଛାତ୍ରଛାତ୍ରୀ ବିଷାକ୍ତ ଖାଦ୍ୟ ଖାଇ ଗୁରୁତର ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀ ରୂପାଲୀ ବେଶ୍ରାଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏହାକୁ ନେଇ ମୃତ ଛାତ୍ରୀଙ୍କ ଘର ନୁଣଚାଟି ଗ୍ରାମ ନଳଗଜା ନିକଟରେ ଗ୍ରାମବାସୀଙ୍କ ଦ୍ୱାରା ରାସ୍ତାରୋକ ହୋଇଥିଲା। ସେହିପରି କାକବନ୍ଧ ସ୍କୁଲ ନିକଟରେ ମଧ୍ୟ ଗ୍ରାମବାସୀ ରାସ୍ତାରୋକ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଶତାଧିକ ଲୋକ ସ୍କୁଲ ପରିସରରେ ପଶି ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ଶାନ୍ତିଶୃଙ୍ଖଳା ରକ୍ଷା କରିବାକୁ ଯାଇଥିବା ପୁଲିସ ମଧ୍ୟ ଉତ୍ତ୍ୟକ୍ତ ଲୋକଙ୍କ ରୋଷର ଶିକାର ହୋଇଥିଲେ। ପରିସ୍ଥିତି ଅଣାୟତ ହେବାରୁ ବ୍ୟାପକ ପୁଲିସ ଫୋର୍ସ ମୃତୟନ କରାଯାଇଥିଲା। ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ବିଜେଡି ପକ୍ଷରୁ ଘୋର ବିରୋଧ କରାଯାଇଥିଲା। ପରେ ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକ ଜୟନ୍ତ ପାଣିଗ୍ରାହୀଙ୍କୁ ନିଲମ୍ବିତ କରାଯିବା ସହିତ ରାଜ୍ୟ ସରକାରଙ୍କ ପକ୍ଷରୁ ମୃତ ଛାତ୍ରୀଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇ ଆରଡିସି ତଦନ୍ତ ଆଦେଶ ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଆରଡିସି ତଦନ୍ତ ପରେ ରିପୋର୍ଟ ପ୍ରଦାନ କରିଥିଲେ। ତେବେ ଘଟଣା ଘଟିବା ୩ ମାସ ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ କର୍ମଚାରୀଙ୍କୁ ସମୂହ ବଦଳି କରାଯାଇଛି। କାକବନ୍ଧ ବିଦ୍ୟାଳୟର ଶକୁନ୍ତଳା ମହାନ୍ତିଙ୍କୁ ଦେବଶୋଳ ଆଶ୍ରମ, ଚିତ୍ତରଞ୍ଜନ ଜେନାଙ୍କୁ ଭୋଲାଗଡିଆ ଆଶ୍ରମ, ଅଭିଳାଷ ଦେଙ୍କୁ ମୋହନପୁର ଆଶ୍ରମ ସ୍କୁଲ, ସୋନାଲୀ ଗିରିଙ୍କୁ ନଳଗଜା ହାଇସ୍କୁଲ, ରତନ କୁମାର ପ୍ରଧାନଙ୍କୁ ବ୍ରାହ୍ମଣମରା ଆଶ୍ରମ ସ୍କୁଲ, ମାନସୀରାଣୀ ଜେନାଙ୍କୁ ହାଟସାହି ଆଶ୍ରମ ଓ ନିବେଦିତା ଦାସଙ୍କୁ କୋଠାବାଡ଼ି ଆଶ୍ରମ ସ୍କୁଲକୁ ବଦଳି କରାଯାଇଛି। ସେମାନଙ୍କ ସ୍ଥାନରେ ଜୟସ୍ମିତା ହାତୀ, ଦେବସ୍ମିତା ପଢିଆରୀ, ବାହ୍ମା କିଶୋର, ମଧୁସ୍ମିତା ସାମଲ, ଗୋପାଳ ବାସ୍କେ, ଇତିଶ୍ରୀ ନାୟକ ଓ ଦିଲ୍ଲୀପ ସିଂଙ୍କ କାକବନ୍ଧକୁ ବଦଳି ହୋଇଛି।

AFFIDAVIT
I, SOFIA BANO , aged about 47 years, W/o-ABDUL SAMAD, Res-WARD NO-7, LALSAHB PADA, NEAR POST OFFICE, KHARIAR, DIST- NUADAPADA, PIN-766107, ODISHA, declared by this Affidavit No.855/2026 Dated. 23.07.2026, That now onwards I shall Be Known as **SOFIA BANU** for all future Purposes .

## ଅବଶିଷ୍ଟାଂଶ

### ଆଜି ବାହୁଡ଼ିବେ...

ସରିବା ପରେ ଶ୍ରୀମୁଖ ଖଣ୍ଡୁଆ ନୀତି ସମ୍ପନ୍ନ ହୋଇଥିଲା। ଏହାପରେ ମହାପ୍ରଭୁଙ୍କ ବାହୁଟକଣ୍ଟ, ଚାରବନ୍ଧା ଓ କୁସୁମୀ ଲାଗି ନୀତି ପାଇଁ ଆରମ୍ଭ ହୋଇଥିଲା ପ୍ରସ୍ତୁତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିର୍ଦ୍ଧାରିତ ନୀତି ନିର୍ଘଣ୍ଟ ଅନୁଯାୟୀ, ଶୁକ୍ରବାର ଭୋର୍ ୪ଟାରେ ମଙ୍ଗଳ ଆଳତି ହେବ। ଠାକୁର ଖେଚୁଡ଼ି ଭୋଗ ଖାଇସାରି ଶ୍ରୀମନ୍ଦିର ଅଭିମୁଖେ ବାହାରିବେ। ପୂର୍ବାହ୍ଣ ୧୧ଟା ୪୫ରେ ମଙ୍ଗଳାର୍ପଣ ହୋଇ ମଧ୍ୟାହ୍ନ ୧୨ଟାରେ ବାହୁଡ଼ା ପହଣ୍ଡି ଆରମ୍ଭ ହେବ। ଅପରାହ୍ଣ ସାଢ଼େ ୨ଟାରୁ ସାଢ଼େ ୩ଟା ମଧ୍ୟରେ ଛେରାପହଁରା ନୀତି ବଢ଼ି ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ କରାଯିବା ଲାଗି ନୀତି ନିର୍ଘଣ୍ଟ ହୋଇଛି। ରଥଟଣା ସରିବା ପରେ ରଥ ଉପରେ ମହାପ୍ରଭୁଙ୍କ ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ଏହା ପରଦିନ ଅର୍ଥାତ୍ ଶନିବାର ରଥ ଉପରେ ସୁନାବେଶ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଦାରୁବିଗ୍ରହଙ୍କ ବାହୁଡ଼ା ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ଲାଗି ପୁଲିସ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। କଡ଼ା ସୁରକ୍ଷା ବଳୟରେ ରହିଛି ପୁରୀ ସହର।

### ଆଜି ଦେଶବ୍ୟାପୀ...

ପ୍ରଶ୍ନପତ୍ର ବିଭ୍ରାଟ ପ୍ରତିବାଦରେ ଯନ୍ତରମନ୍ତରରେ ସିଜେପିର ଆନ୍ଦୋଳନ ଆଜି ୩୪ତମ ଦିବସରେ ପହଞ୍ଚିଥିବା ବେଳେ ଏହାର ଅବସାନ ନିମନ୍ତେ କେନ୍ଦ୍ର ସରକାର ଆନ୍ଦୋଳନକାରୀ ପ୍ରତିନିଧିମାନଙ୍କୁ ଆଲୋଚନା ପାଇଁ ପୁନର୍ବାର ନିମନ୍ତ୍ରଣ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଗୁରୁବାର ସୂଚନା ଦେଇଛନ୍ତି ଯେ, ସରକାରଙ୍କ ପକ୍ଷରୁ ଚାରୋଟି ଆନୁଷ୍ଠାନିକ ପ୍ରସ୍ତାବ ପଠାଯାଇଛି ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କ ବାସଭବନ କିମ୍ବା କାର୍ଯ୍ୟାଳୟରେ ସେମାନେ ଆଲୋଚନା ପାଇଁ ଆସିପାରିବେ। ତେବେ ସିଜେପି ଏହାକୁ ପ୍ରତ୍ୟାଖ୍ୟାନ କରିବା ସହ ଯନ୍ତରମନ୍ତରରେ ସରକାର ଆଲୋଚନା କରନ୍ତୁ ବୋଲି ଅଡ଼ି ବସିଛନ୍ତି।

ସୋମବାର ସିଜେପିର ପ୍ରତିନିଧିମାନଙ୍କ ସହ ହୋଇଥିବା ଆଲୋଚନା ବିଫଳ ହେବା ପରେ, ସରକାର ପୁଣି ଥରେ ବାଟ ବାହାର କରିବାକୁ ଚେଷ୍ଟା କରୁଛନ୍ତି। ଜିତେନ୍ଦ୍ର ସିଂହ କହିଛନ୍ତି ଯେ, ସରକାର ସେମାନଙ୍କ ସୁବିଧା ଅନୁସାରେ ଯେକୌଣସି ସମୟରେ ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି। ତେବେ କେନ୍ଦ୍ର ମନ୍ତ୍ରୀଙ୍କ ନିମନ୍ତ୍ରଣକୁ 'କୋକ୍ରୋଚ ଜନତା ପାର୍ଟି' (ସିଜେପି) ପ୍ରତ୍ୟାଖ୍ୟାନ କରିଛି। ସିଜେପି ପକ୍ଷରୁ କୁହାଯାଇଛି ଯେ ସେମାନେ ମଧ୍ୟ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। କିନ୍ତୁ ଏହି ଆଲୋଚନା ମନ୍ତ୍ରୀଙ୍କ ବାସଭବନ କିମ୍ବା କାର୍ଯ୍ୟାଳୟ ପରିବର୍ତ୍ତେ ଯନ୍ତର ମନ୍ତର କିମ୍ବା କୌଣସି ନିରପେକ୍ଷ ସ୍ଥାନରେ ହେଉ। ସିଜେପିର ମୁଖ୍ୟ ପ୍ରବକ୍ତା ସୌରଭ ଦାସ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଏବଂ ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ଦାବିରେ ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇଛନ୍ତି। ତେଣୁ ମନ୍ତ୍ରୀମାନେ ନିଜେ ଜନତାଙ୍କ ଅଦାଲତକୁ ଆସି ଆଲୋଚନା କରିବା ଉଚିତ୍। ସୁରକ୍ଷା ଦୃଷ୍ଟିରୁ ସରକାର ଚାହିଁଲେ ଆନ୍ଦୋଳନ ସ୍ଥଳ ନିକଟବର୍ତ୍ତୀ କୌଣସି ନିରପେକ୍ଷ ସ୍ଥାନରେ ଏହି ବୈଠକ କରାଯାଇପାରିବ।

ଆନ୍ଦୋଳନର ଅବସାନ ଲାଗି ସରକାର କୌଣସି ସକରାତ୍ମକ ପଦକ୍ଷେପ ନେଉନାହାନ୍ତି ବୋଲି ସିଜେପି ଅଭିଯୋଗ କରିଛି। ତେଣୁ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ଇସ୍ତଫା ଦାବିରେ ଆସନ୍ତାକାଲି ଦେଶବ୍ୟାପୀ ଛାତ୍ର ଆନ୍ଦୋଳନ କରିବା ପାଇଁ ସିଜେପି ପକ୍ଷରୁ ଆହ୍ୱାନ ଦିଆଯାଇଛି। ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ କରିବାକୁ ଏହାର ପ୍ରତିଷ୍ଠାତା ଅଭିଜିତ ଦିପକେ ପରାମର୍ଶ ଦେଇଛନ୍ତି। ଇତିମଧ୍ୟରେ ଆଜି ଦେଶର ବିଭିନ୍ନ ଭାଗରେ କକ୍ରୋଚ୍ ଆନ୍ଦୋଳନ ବ୍ୟାପିବାରେ ଲାଗିଛି। ପାଟନା ସମେତ ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, କେରଳ, ଆସାମର ବିଭିନ୍ନ ସହରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆସନ୍ତାକାଲିର ଆନ୍ଦୋଳନ ଆହ୍ୱାନକୁ ନେଇ କେନ୍ଦ୍ର ସମସ୍ତ ରାଜ୍ୟ ସରକାରଙ୍କୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଚତୁର୍ଥ ଦିନ...

ସେ ସ୍ପଷ୍ଟ କରିଛନ୍ତି ଯେ ଆଲୋଚନା ପାଇଁ କୌଣସି ସର୍ତ୍ତକୁ ଗ୍ରହଣ କରାଯିବ ନାହିଁ।

ସଂସଦ ମୁଲତବୀ ହେବାପରେ ସଂସଦ ବାହାରେ ସରକାର ଓ ବିରୋଧୀ ଦଳର ସାଂସଦ ମୁହାଁମୁହିଁ ହୋଇଥିବାର ଦେଖାଯାଇଥିଲା। ମକର ଦ୍ୱାର ସମ୍ମୁଖରେ ଏକତ୍ରିତ ହୋଇ ସେମାନେ ପରସ୍ପର ବିରୋଧରେ ସ୍ଲୋଗାନ ଦେଇଥିଲେ। ବିରୋଧୀ ଦଳମାନେ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ସ୍ଲୋଗାନ ଦେଉଥିବା ବେଳେ ଏନ୍‌ଡିଏ ସାଂସଦ କହିଥିଲେ ଯେ ବିରୋଧୀ ଦଳମାନେ ଛାତ୍ର ଆନ୍ଦୋଳନର ରାଜନୀତିକରଣ କରୁଛନ୍ତି।

### ଛାତ୍ରଙ୍କୁ ସମର୍ଥନ...

ଦାବି କରି କୋକ୍ରୋଚ୍ ଜନତା ପାର୍ଟି (ସିଜେପି) ଓ ଅନ୍ୟ ଛାତ୍ର ସଂଗଠନଗୁଡ଼ିକ ଦିଲ୍ଲୀରେ ବିକ୍ଷୋଭ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ବରିଷ୍ଠ ଗାନ୍ଧୀବାଦୀ ନେତା ଆନ୍ନା ହଜାରେ ସରକାରଙ୍କୁ ଚେତାବନୀ ଦେଇଛନ୍ତି ଯେ, ଶିକ୍ଷା ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ଆସ୍ଥା ଫେରାଇ ଆଣିବା ପାଇଁ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଆଯାଉ। ଛାତ୍ରଛାତ୍ରୀଙ୍କ ଦାବି ସମ୍ପୂର୍ଣ୍ଣ ଯୁକ୍ତିଯୁକ୍ତ ବୋଲି ଦର୍ଶାଇ ସେ ଏହି ମୌନ ପ୍ରତିବାଦ ଆରମ୍ଭ କରିଛନ୍ତି।

### ଜିଲ୍ଲା ସଭାପତିଙ୍କ...

ବିଜେଡି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଅଗଷ୍ଟ ୧୫ ସୁଦ୍ଧା ଜିଲ୍ଲା ଓ ବ୍ଲକ କମିଟି ଗଠନ କରିବାକୁ ନବୀନ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ସେହିପରି ରାଜ୍ୟରେ ଜାରି ରହିଥିବା ଏସଆଇଆରର ଦ୍ୱିତୀୟ ପର୍ଯ୍ୟାୟରେ ଯେପରି ଜଣେ ବି ଯୋଗ୍ୟ ଭୋଟରର ନାମ ବାଦ ନପଡେ ସେଥିପ୍ରତି ସଜାଗ ରହି ଦଳର ବୁଥ୍ ସ୍ତରୀୟ ଏଜେଣ୍ଟମାନଙ୍କୁ ସଚେତନ କରାଯିବ। ଏହାକୁ ଗୁରୁତର ସହ ଗ୍ରହଣ କରି ଏସଆଇଆର ଉପରେ ଧ୍ୟାନ କେନ୍ଦ୍ରୀୟ କରିବାକୁ ନବୀନ ପରାମର୍ଶ ଦେଇଛନ୍ତି। ସମ୍ପ୍ରତି ରାଜ୍ୟରେ ବିଜେପି ସରକାରଙ୍କ ବିରୋଧରେ ସାଧାରଣରେ ବ୍ୟାପକ ଜନ ଅସନ୍ତୋଷ ରହିଛି। ଚାଷୀ ଠାରୁ ଆରମ୍ଭ କରି ମହିଳା, ଯୁବକ ସମସ୍ତେ ନିରାଶା ମଧ୍ୟରେ ରହିଛନ୍ତି। ତେଣୁ ଏପରି ସମୟରେ ସାଧାରଣ ଲୋକଙ୍କର ସୁବିଧା, ଅସୁବିଧାରେ ଛିଡ଼ା ହୋଇ ସେମାନଙ୍କୁ ସହାୟତା ପ୍ରଦାନ ସହ ରାଜ୍ୟ ସରକାରଙ୍କର ଦୋଷ, ଦୁର୍ବଳତା ବିରୋଧରେ ସ୍ୱର ଉତ୍ତୋଳନକୁ ତୀବ୍ର କରିବାକୁ ସେ ପରାମର୍ଶ ଦେଇଛନ୍ତି। ବିଜେଡି ସବୁବେଳେ ଛାତ୍ରମାନଙ୍କ ସହ ରହିଛି ଓ ଛାତ୍ରମାନଙ୍କୁ ଆମର ନୈତିକ ସମର୍ଥନ ଜାରି ରହିବ ବୋଲି ନବୀନ ଏହି ଅବସରରେ ସ୍ପଷ୍ଟ କରିଛନ୍ତି।

ବୈଠକ ସମ୍ପର୍କରେ ଦଳର ବରିଷ୍ଠ ବିଧାୟିକା ତଥା ପିଏସି ସଦସ୍ୟା ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଗତକାଲି ନବୀନ ନିବାସରେ ଅନୁଷ୍ଠିତ ବୈଠକରେ ସଭାପତି ଏକାଧିକ ନିର୍ଦ୍ଦେଶ ଦେଇଥିବା ବେଳେ ଏହାକୁ ଆମେ କାର୍ଯ୍ୟକାରୀ କରିବୁ। ତୃଣମୂଳସ୍ତରରେ ଆମର ସଂଗଠନ କିଭଳି ସୁଦୃଢ଼ ହବ, ୱାର୍ଡ କମିଟିଠାରୁ ଆରମ୍ଭ କରି ବର୍ତ୍ତମାନ ଯେଉଁ ଏସ୍‌ଆଇଆର ଚାଲିଛି, ସେନେଇ ବ୍ୟାପକ ଆଲୋଚନା ହୋଇଛି। ଏସଆଇଆର କାମ କେମିତି ତ୍ୱରାନ୍ୱିତ ହବ ଏବଂ ଜଣେ ବି ଯୋଗ୍ୟ ଭୋଟର ଯେପରି ତାଲିକାରୁ ବାଦ୍ ନ ପଡ଼ନ୍ତି ସେନେଇ ବିଜେଡିର ଏଜେଣ୍ଟମାନେ କିପରି କାର୍ଯ୍ୟ କରିବେ ସେ ବିଷୟରେ ଆଲୋଚନା ହେଲ ବୋଲି ସେ ସୂଚନା ପ୍ରଦାନ କରିଛନ୍ତି। ଅପରପକ୍ଷେ ନବୀନଙ୍କ ସହ ବୈଠକ ପରେ ଆମେ ବେଶ୍ ଉତ୍ସାହିତ ଅଛୁ ବୋଲି ଯୋଗ ଦେଇଥିବା ଜିଲ୍ଲା ସଭାପତିମାନେ ମତବ୍ୟକ୍ତ କରିଛନ୍ତି। ନବୀନଙ୍କ ପରାମର୍ଶ ଏବଂ ନିର୍ଦ୍ଦେଶ ଆମକୁ ସଂଗଠନ ସ୍ତରରେ ଅଧିକ କ୍ରିୟାଶୀଳ ଭାବରେ କାର୍ଯ୍ୟ କରିବାକୁ ପ୍ରେରଣା ଦେଇଛି। ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନରେ ଦଳ ଗତ ନିର୍ବାଚନ ତୁଳନାରେ ଆହୁରି ଭଲ ପ୍ରଦର୍ଶନ କରିବ ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

### ଶିଶୁକନ୍ୟାକୁ ଦୁଷ୍କର୍ମ...

ଘରକୁ ଯାଇ ମାଆଙ୍କୁ ସମସ୍ତ କଥା ଜଣାଇଥିଲା। ଏହାପରେ ଗ୍ରାମରେ ଏକ କ୍ଷମାପ୍ରାର୍ଥନା କିମ୍ବା ମଧ୍ୟସ୍ଥତା ବୈଠକ ବସିଥିଲା। ଯେଉଁଥିରେ ଅଭିଯୁକ୍ତ ଚମକା ପାଲେୟା ନିଜର ଦୋଷ ସ୍ୱୀକାର କରିଥିବା ଜଣାପଡିଛି। ପରେ ଉକ୍ତ ଘଟଣାକୁ ନେଇ ସମ୍ପୃକ୍ତ ଅଙ୍ଗନବାଡିର ଶିକ୍ଷୟିତ୍ରୀ ବିଶୋଇ ସ୍ୱମନିତ ଶିଶୁ ବିକାଶ କାର୍ଯ୍ୟାଳୟକୁ ଖବର ଦେବା ପରେ ସିଡିପିଓ ଶ୍ରୀମତୀ ବିଟୁ ଟୁଡୁ ଘଟଣାସ୍ଥଳରେ ପହଞ୍ଚି ଶିଶୁ କନ୍ୟାକୁ ପଚରାଉଚରା କରିବା ସହିତ ତାଙ୍କ ସହଯୋଗ କ୍ରମେ ପୀଡ଼ିତା ଓ ତାଙ୍କ ପରିବାରକୁ ବିଶୋଇ ଥାନାକୁ ଆଣିଥିଲେ। ପରେ ପୀଡିତାଙ୍କ ମାଆ ବିଶୋଇ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଆଧାର କରି ବିଶୋଇ ଥାନା ପୁଲିସ ଅଭିଯୁକ୍ତକୁ ଗିରଫ କରି ୧୬୪/୨୬ରେ ଏକ ମମଲା ରୁଜୁ କରି ଉଭୟ ଅଭିଯୁକ୍ତ ଓ ପୀଡିତାକୁ ଡାକ୍ତରୀ ମାଇନା କରି ଅଭିଯୁକ୍ତକୁ ପକ୍‌ସୋ କୋର୍ଟକୁ ଚାଲାଣ କରିଥିବା ବିଶୋଇ ଥାନା ଅଧିକାରୀ ଶରତ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି। ଏଭଳି ଜଘନ୍ୟ ଅପରାଧକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଓ ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଅଭିଯୁକ୍ତକୁ କଠୋର ଦଣ୍ଡ ଦାବି କରିଛନ୍ତି ପୀଡିତାର ପରିବାର ଲୋକ।

■ କେଜିଭିବି ହଷ୍ଟେଲରେ ଝାଡ଼ାବାନ୍ତି

## ୩୦ ଜଣ ଆକ୍ରାନ୍ତ, ୧୯ ଛାତ୍ରୀ ମେଡିକାଲରେ ଭର୍ତ୍ତି

ବାରିପଦା/ରାଇରଙ୍ଗପୁର, ୨୩।୭(ସମିସ): ବିଜାତଳା ବ୍ଲକ ସରଗଡ଼ାସ୍ଥ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିଭିବି)ର ପୂର୍ଣ୍ଣେଶ୍ୱର ହଷ୍ଟେଲରେ ଝାଡ଼ାବାନ୍ତି ଆତଙ୍କ ଦେଖାଦେଇଛି। ଦୂଷିତ ଜଳ କିମ୍ବା ଖାଦ୍ୟ ଯୋଗୁଁ ବିଦ୍ୟାଳୟର ୩୦ରୁ ଊର୍ଦ୍ଧ୍ୱ ଛାତ୍ରୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିବାବେଳେ ଏହାକୁ ନେଇ ସମଗ୍ର ଅଞ୍ଚଳରେ ଚିନ୍ତା ଓ ଭୟର ବାତାବରଣ ସୃଷ୍ଟି ହୋଇଛି। ସନ୍ଧ୍ୟା ସମୟରେ ଖବର ପାଇବା ମାତ୍ରେ ବିଜାତଳା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତୁରନ୍ତ ହଷ୍ଟେଲରେ ପହଞ୍ଚି ଅସ୍ଥାୟୀ କ୍ୟାମ୍ପ କରି ପ୍ରାଥମିକ ଚିକିତ୍ସା ଓ ସ୍ୱାସ୍ଥ୍ୟ ପରୀକ୍ଷା ଜାରି ରଖିଛନ୍ତି। ତେବେ ଆକ୍ରାନ୍ତଙ୍କ ମଧ୍ୟରୁ ୧୯ ଜଣ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ସେମାନଙ୍କୁ ତୁରନ୍ତ ରାଇରଙ୍ଗପୁର

### ସ୍ଥିତି ଅନୁଧ୍ୟାନ କଲେ ବିଡିଓ ଓ ବିଇଓ

ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେଠାରେ ସ୍ୱତନ୍ତ୍ର ଡାକ୍ତରୀ ଦଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେମାନଙ୍କ ଚିକିତ୍ସା ଚାଲିଛି। ଘଟଣାକୁ ଦୃଷ୍ଟିରେ ରଖି ବିଜାତଳା ବିଡିଓ ବଂଶୀଧର ଖୋସଲା ଓ ବିଇଓ ଦିଲ୍ଲୀପ କୁମାର ନନ୍ଦ ରାଇରଙ୍ଗପୁର ମେଡିକାଲରେ ପହଞ୍ଚି ଆକ୍ରାନ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିବା ସହ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ଡାକ୍ତରୀ ଦଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସମ୍ପର୍କରେ ବିଜାତଳା ବିଇଓ ଦିଲ୍ଲୀପ କୁମାର ନନ୍ଦ କହିଛନ୍ତି ଯେ, କେଜିବିବିରେ ଛାତ୍ରୀମାନେ ଅସୁସ୍ଥ ହେବା ଖବର ପାଇବା କ୍ଷଣି ତୁରନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଛି ଓ ବର୍ତ୍ତମାନ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସମସ୍ତ ୧୯ ଜଣ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପୂର୍ଣ୍ଣ ସ୍ଥିର ରହିଛି। ଅନ୍ୟପଟେ ହୋଷ୍ଟେଲରେ ରହୁଥିବା ଅନ୍ୟ ସୁସ୍ଥ ଛାତ୍ରୀଙ୍କୁ ସଂକ୍ରମଣରୁ ବଞ୍ଚାଇବା ପାଇଁ ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯିବା ସହ ବିଶୁଦ୍ଧ ପାନୀୟ ଜଳ ଓ ସ୍ୱଚ୍ଛ ଖାଦ୍ୟ ଯୋଗାଣ ନିଶ୍ଚିତ କରିବାକୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି।

## କ୍ଷେପଣାସ୍ତ୍ର 'କୁଶ'ର ପ୍ରଥମ ସଫଳ ପରୀକ୍ଷଣ

ବାଲେଶ୍ୱର, ୨୩।୭ (ସମିସ): ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ଯୋଡ଼ି ହୋଇଯାଇଛି। ପ୍ରତିରକ୍ଷା ଗବେଷଣା ଓ ବିକାଶ



ସଂଗଠନ (ଡିଆରଡିଓ) ପକ୍ଷରୁ ଓଡ଼ିଶା ଉପକୂଳର ଡ. ଏପିଜେ ଅବଦୁଲ କଲାମ ଦ୍ୱୀପରୁ ଲମ୍ବ ଦୂରଗାମୀ ଭୂପୃଷ୍ଠରୁ ଆକାଶମାର୍ଗରେ ଆକ୍ରମଣ ପାଇଁ ଉଦ୍ଦିଷ୍ଟ 'କୁଶ' କ୍ଷେପଣାସ୍ତ୍ରର ପ୍ରଥମ ସଫଳ ପରୀକ୍ଷଣ କରାଯାଇଛି। ପ୍ରତିରକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପ୍ରେସ ବିଜ୍ଞପ୍ତି ଅନୁସାରେ, "କୁଶ' କ୍ଷେପଣାସ୍ତ୍ର ପରୀକ୍ଷଣ ସମୟରେ ନିର୍ଦ୍ଧାରିତ ସମସ୍ତ ଲକ୍ଷ୍ୟ ସଫଳତାର ସହ ପୂରଣ ହୋଇଛି। ପ୍ରତିରକ୍ଷା ସଚିବ ତଥା ପ୍ରତିରକ୍ଷା ଗବେଷଣା ଓ ବିକାଶ ବିଭାଗ (ଆର୍ ଆଣ୍ଡ ଡି)ର ସଚିବ ଏବଂ ଡିଆରଡିଓର ଅଧ୍ୟକ୍ଷ ରାଜେଶ କୁମାର ସିଂହ ପରୀକ୍ଷା ସମୟରେ ସମସ୍ତ କାର୍ଯ୍ୟକଳାପ ଉପରେ ନଜର ରଖିଥିଲେ।

OFFICE OF THE PRINCIPAL,
GUNUPUR COLLEGE, GUNUPUR
DIST- RAYAGADA (ODISHA) Pin Code-765022, Ph. No- 9861690925
NO.674/GC/2026 Date. 13.07.2026
**Quotation Call Notice**
Quotations are invited from interested Supplier / Manufacturer for **Supply of Xerox Machine** to Gunupur College, Gunupur.
The detailed specification of Xerox Machine is as under.
**A3 Digital photo copy machine with, Print Scan copy with NETWORKING, DADF AND DUPLEXING PRINT WIFI and mobile print, Make-Canon, 20CPM** estimate toner yield 10000 per cartridge Drum approx life sixty thousand copy. Fully Automatic Digital A3 all in one copier.
So interested manufacturer / Supplier should send their quotation price **within 7 days** from date of publication of ad.
**Principal, Gunupur College, Gunupur**

CDA
କଟକ ଉନ୍ନୟନ କର୍ତ୍ତୃପକ୍ଷ
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-12
13001/11263/2627
**ସୂଚନା**
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-13 ରେ ପ୍ଲଟ୍ ନଂ-13-1E/55 ଟିକୁ ଏମ୍.ଡି. ୟୁସୁଫ, ପିତା-ଏମ୍. ଡି. ଇସ୍ମାଇଲ ଏବଂ ଏମ୍. ଡି. ଅବଦୁଲ କରିମ ପିତା-ଏମ୍. ଡି. ୟୁସୁଫ, ସା-ନିମଚଉଁରି, ସେଣ୍ଟ୍ରାଲ କୋ-ଓପରେଟିଭ ବ୍ୟାଙ୍କ ପାଖ, ପୋ-ଚାନ୍ଦିନୀଚୌକ, ଥା-ଲାଲବାଗ, ଜିଲ୍ଲା- କଟକ-୭୫୩୦୦୨ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନଗ୍ରାହୀ ଏମ୍.ଡି. ୟୁସୁଫ ଏବଂ ଏମ୍. ଡି . ଅବଦୁଲ କରିମ ଉକ୍ତ ପ୍ଲଟ ଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଚୌଧୁରୀ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପିତା-ମୀନକେତନ ସ୍ୱାଇଁ, ସା-ନୀଳାମ୍ବରପୁର, ପୋ-ଅରଖପୁର, ଥା-ବଡ଼ଚଣା, ଜିଲ୍ଲା-ଯାଜପୁର ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।
ଉକ୍ତ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ । ତପ୍ରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।
OIPR- 13001/13037/1/26-27/0079 ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

NOTICE
(above 18 yeras of age)
By virtue of an affidavit sworn before Notary Public, Udala, Mayurbhanj , dated 21-07-2026 I, Malati Soren, Villege- Kirkichia, P.O- Khunta, P.S- Khunta, Dist-Mayurbhanj, Pin- 757019, Odisha declare that I have changed my name from Malati Saren to Malati Soren. Henceforth, I shall be known as **Malati Soren** for all purposes.
(Malati Soren)

AFFIDAVIT
By virtue of an affidavit sworn before Executive Magistrate, Keonjhar, S.L. No. 05 on dated 23/07/2026, I **BABULI MUNDA**, S/o Bata Munda resident of At- Ukuchabeda, Po- Basantapur, P.S: Pandapada, Dist: Keonjhar, Odisha, PIN: 758014, declare that I have changed my name from **LAKSHMIDHAR MUNDA (Old Name)** to **BABULI MUNDA (New Name)**. Henceforth, I shall be known as **BABULI MUNDA** for all purposes.
Sd- **BABULI MUNDA**

ପୂର୍ବ ତଟ ରେଳପଥ
ଶୁଦ୍ଧିପତ୍ର ସଂ. 04
ଟେଣ୍ଡର ବିଜ୍ଞପ୍ତି ସଂ. EPC-CE CONIVBBS2026016, ତା.18.04.2026 ରିଖ
ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି ସନ୍ଦର୍ଭରେ ନିମ୍ନଲିଖିତ ରୂପାନ୍ତରଣ କରାଯାଇଛି, ଯାହାପ୍ରତି ଦୟାକରି ଧ୍ୟାନ ଦେବା ଆବଶ୍ୟକ ।

| ବିଷୟ | ପ୍ରକାଶିତ ଅନୁଯାୟୀ (ଶୁଦ୍ଧିପତ୍ର ସଂ.03) | ବର୍ତ୍ତମାନ ପଢ଼ାଯିବ |
|---|---|---|
| ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ | ତା.03.08.2026 12:00 ଘଟିକା | ତା.18.08.2026 12:00 ଘଟିକା |

ବିସ୍ତୃତ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-146/CJ/26-27

GOVERNMENT OF ODISHA
DEPARTMENT OF WATER RESOURCES,
O/O THE SUPERINTENDING ENGINEER,
ANGUL IRRIGATION DIVISION, ANGUL.
e-Mail Id – eeangulirrigation@gmail.com
32001/592/2627
'e'-Procurement Notice No. SE-AID-7/2026-27
The Superintending Engineer, Angul Irrigation Division, Angul on behalf of the Governor of Odisha invites online **percentage rate basis bid in single cover** system through e-procurement for the work mentioned below.

| | | | |
|---|---|---|---|
| 1 | Total No. of Works | : | 01 No. work |
| 2 | Cost of work put to tender | : | Approximately **Rs.16.05 Lakh** |
| 3 | Tender Paper Cost | : | **Rs.6,000/-** (Non Refundable) |
| 4 | Class of Contractor | : | **Electrical Contractor/ OEM or specialized agency or registered firm associate with Electrical contractor.** |
| 5 | Period of Completion | : | **60 Days** |
| 6 | Availability of Bid Documents and receipt of bid through online | : | From **11.00 A.M of 29.07.2026 to 5.00 P.M of 07.08.2026** in the website **(www.tendersodisha.gov.in)** |
| 7 | Date, time & place for opening of online tenders | : | **10.08.2026** at **11.00 A.M** and onwards in the o/o the SE, Angul Irrigation Division, Angul. |
| 8 | Date, time & Place for finalization of tender through transparent lottery system (if required) | : | **18.08.2026** at **12.30 P.M** in the o/o the SE, Angul Irrigation Division, Angul. |
| 9 | Digital Signature Certificate | : | The bidders must possess compatible Digital Signature Certificate (DSC) of Class-II or Class-III |
| 10 | Name and Address of Officer Inviting Tender ( OIT) | : | Superintending Engineer, Angul Irrigation Division, Angul, At/PO:- Hakimpada, Dist:- Angul, Odisha. e-mail Id- **eeangulirrigation@gmail.com** |

Further details can be seen from the e-procurement portal of Government of Odisha at www.tendersodisha.gov.in)
Superintending Engineer
Angul Irrigation Division
Angul
OIPR-32001/32049/1/26-27/0007

ପୂର୍ବ ତଟ ରେଳପଥ
ଟେଣ୍ଡର ସଂ.MCSW-Zero-Value-26-27-12
କାର୍ଯ୍ୟର ନାମ : 12 (ବାର) ମାସ ଅବଧି ନିମନ୍ତେ ପ୍ରକାଶ୍ୟ ଟେଣ୍ଡର ଜରିଆରେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ କାରଖାନା ପରିସର ଭିତରେ ସଂଚିତ ଶୂନ୍ୟ (ZERO) ମୂଲ୍ୟ/ଅତି ନିମ୍ନ (VERY LOW) ବର୍ଜ୍ୟବସ୍ତୁଗୁଡ଼ିକର ଅପସାରଣ ।
ବିଜ୍ଞାପିତ ମୂଲ୍ୟ: ₹43,91,652.00, EMD: ₹87,800.00, ଶେଷ ହେବା ଅବଧି : 12 ମାସ ।
ବିଡ୍ ଆରମ୍ଭ ହେବା ତାରିଖ : 27.07.2026
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 10.08.2026, 15:00 ଘଟିକା ।
ଏହି ଟେଣ୍ଡର ପାଇଁ ମାନୁଆଲ୍ ପ୍ରସ୍ତାବ ଗ୍ରହଣୀୟ ନୁହେଁ, ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ।
ଇ-ଟେଣ୍ଡର ଡକ୍ୟୁମେଣ୍ଟ ସମେତ ସମ୍ପୂର୍ଣ୍ଣ ସୂଚନା ୱେବସାଇଟ୍: www.ireps.gov.in ରେ ଉପଲବ୍ଧ।
ଉପମୁଖ୍ୟ ମେକାନିକାଲ୍ ଇଞ୍ଜିନିୟର (POH) ରେଳଡବା ମରାମତି କାରଖାନା/ ମଞ୍ଚେଶ୍ୱର
PR-313/R/26-27

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI
ବ୍ୟାଙ୍କ ଅଫ୍ ଇଣ୍ଡିଆ
ଆଞ୍ଚଳିକ କାର୍ଯ୍ୟାଳୟ: ଷ୍ଟାର ହାଉସ୍, ୧/୧-ଡ଼ି
ଜୟଦେବ ବିହାର, ନୟାପଲ୍ଲୀ, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୧୦୧୫
ଦଖଲ ନୋଟିସ୍
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର [ରୁଲ୍-୮(୧) ଏବଂ (୨)]
ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ର ନଂ. ୩) ଏବଂ ଧାରା ୧୩ (୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ କଥିତ ନୋଟିସ୍ ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟ ରୁଲ୍ସ, ୨୦୦୨ର ରୁଲ୍ ୮ ଏବଂ ୯ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତି **ଦଖଲ**କୁ ନିଆଯାଇଅଛି। ତେଣୁ ବିଶେଷକରି ଋଣଗ୍ରହୀତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭୁବନେଶ୍ୱର ଏସ୍‌ଏମ୍‌ଇ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଭୁବନେଶ୍ୱର ଏସ୍‌ଏମ୍‌ଇ ଶାଖା / ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ପବିତ୍ର ଜେନା, ପିତା: ଗଙ୍ଗାଧର ଜେନା ଏବଂ ୨) ଶ୍ରୀ ଗଙ୍ଗାଧର ଜେନା, ପିତା: ହାଲୁ ଜେନା, ଉଭୟଙ୍କ ବାସସ୍ଥାନ ଠିକଣା- ସା/ପୋ: ବେଲପଡ଼ା (ନିମିଖେତା, ରଣସିଂହ ପ୍ରସାଦ), ଭାୟା: ବାଣପୁର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ପିନ୍-୭୫୨୦୩୦ | ୩୦.୦୪.୨୦୨୬ ସୁଦ୍ଧା ଟ.୨୩,୯୬,୯୬୬.୩୮ + ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଦେୟ | ୦୧.୦୫.୨୦୨୬ / ୨୧.୦୭.୨୦୨୬ | ଶ୍ରୀ ଗଙ୍ଗାଧର ଜେନା, ପିତା: ହାଲୁ ଜେନାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରଣସିଂହ ପ୍ରସାଦ, ଥାନା/ଏସଆରଓ: ବାଣପୁର, ତହସିଲ: ଚିଲିକା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୧୪୩/୨୩, ପ୍ଲଟ୍ ନଂ.: ୨୪୧, କ୍ଷେତ୍ର: ଏକର୦.୦୪୩ ଡିସିମିଲି କିମ୍ବା ୧୮୭୩.୦୮ ବର୍ଗଫୁଟ, କିସମ: ଘରବାରି, ସଭ୍: |

ସ୍ଥିତିବାନ, ଏହାର ଚତୁର୍ପାର୍ଶ୍ୱରେ- ପୂର୍ବ: ଆନନ୍ଦ ଲେଙ୍କା, ପଶ୍ଚିମ: ସୁକାନ୍ତ ଘଟୁଆଳି, ଉତ୍ତର: ରାସ୍ତା, ଦକ୍ଷିଣ: ମକଦମ ଦାସ
ସ୍ଥାନ : ଭୁବନେଶ୍ୱର
ତାରିଖ: ୨୩.୦୭.୨୦୨୬
କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ଇଣ୍ଡିଆ

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. ST-OT-UPGRADATION -KUR-578, ତା.20.07.2026ରିଖ
କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ୍ ଷ୍ଟେସନର ପ୍ରମୁଖ ଉନ୍ନତୀକରଣ ସମ୍ବନ୍ଧୀୟ ଖୋର୍ଦ୍ଧା ରୋଡ୍ ଷ୍ଟେସନରେ ଯାତ୍ରୀ ସୁବିଧାଗୁଡ଼ିକର ଉନ୍ନତୀକରଣ ଏବଂ କୋଚ୍ ଇଣ୍ଡିକେସନ୍ ବୋର୍ଡ ଓ ଟ୍ରେନ୍ ଇଣ୍ଡିକେସନ୍ ବୋର୍ଡ ର ସଂସ୍ଥାପନ।
ଟେଣ୍ଡର ମୂଲ୍ୟ (ଟଙ୍କାରେ) : 4,78,33,027.43,
EMD (ଟଙ୍କାରେ): 9,56,700/-
ବିଡ୍ ଆରମ୍ଭ ହେବା ତାରିଖ : ତା.28.07.2026ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.11.08.2026 ରିଖ 1100 ଘଟିକା।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ମଣ୍ଡଳ ରେଳ ପ୍ରବନ୍ଧକ (ସଙ୍କେତ ଏବଂ ଦୂରସଞ୍ଚାର), ଖୋର୍ଦ୍ଧା ରୋଡ୍
PR-316/R/26-27

# ଜଳ ନିଷ୍କାସନ ନାଳ ଅବରୋଧ; ୪୦ ଏକର ଜମି ଉବୁଟୁବୁ

ଜଳେଶ୍ୱର,୨୩।୭ (ସମିସ)



ବର୍ଷାଦିନିଆ ଜଳ ନିଷ୍କାସନ ସମସ୍ୟା ଜଳେଶ୍ୱର ଅଞ୍ଚଳରେ ପ୍ରମୁଖ ସମସ୍ୟା ହୋଇ ଛିଡ଼ା ହୋଇଛି। ସବୁ ଆଡ଼େ ନାଳ ଅବରୋଧ ଏବଂ ଜବର ଦଖଲ ଯୋଗୁଁ ବର୍ଷା ପାଣି ନିଷ୍କାସିତ ନ ହୋଇ ଜଟିଳ ପରିସ୍ଥିତି ସୃଷ୍ଟି କରୁଛି। ରାଜପୁର ପଞ୍ଚାୟତ ଓଳିନ୍ଦା ଗ୍ରାମର ଜଳ ନାଳ ଅବରୋଧ ଯୋଗୁଁ ସାମାନ୍ୟ ବର୍ଷା ହେଲେ ଗ୍ରାମର ତଳିଆ ଅଞ୍ଚଳର ଘରେ ପାଣି ପଶିବା ସହିତ ଚାଷ ଜମି ଗୁଡିକ ପାଣିରେ ବୁଡ଼ି ରହୁଛି। ପୁରୁଷାନୁକ୍ରମେ ଜଳ ନିଷ୍କାସନ ହେଉଥିବା ପଥ ଅବରୋଧ ଯୋଗୁଁ ଓଳିନ୍ଦା ଗାଁ ଏକ ପ୍ରକାର ଜଳବନ୍ଦୀ ହୋଇ ରହୁଛି। ଦୀର୍ଘଦିନ ଧରି ବର୍ଷା ପାଣି ଚାଷ ଜମିରେ ଛିଡ଼ା ହୋଇଥିବାରୁ କୃଷି କାର୍ଯ୍ୟ କରିବା ଅସମ୍ଭବ ହୋଇପଡିଛି। ଚଳିତ ବର୍ଷ ବନ୍ୟା ଆସିନଥିଲେ ମଧ୍ୟ ଓଳିନ୍ଦା ଗ୍ରାମରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଗ୍ରାମର ରାମଚନ୍ଦ୍ର ପାତ୍ରଙ୍କ ୧୦୩୬ ଏବଂ ୧୦୩ ନଂ ପ୍ଲଟ ଗୁଡ଼ିକୁ ବେଆଇନ ଭାବେ ଭର୍ତ୍ତି କରିଥିବାରୁ ପ୍ରାକୃତିକ ଜଳ ପ୍ରବାହ ପଥ ବନ୍ଦ ହୋଇ ଗମ୍ଭୀର ସମସ୍ୟା ସୃଷ୍ଟି ହୋଇଛି।

ଅଭିଯୋଗ ଅନୁସାରେ ଉକ୍ତ ପ୍ଲଟ ଗୁଡ଼ିକର ସ୍ଥିତିକୁ ଆବାସିକ ଜମିରେ ପରିଣତ କରି ସମ୍ପତ୍ତି ଦେଇ ବର୍ଷାଜଳ ନିଷ୍କାସନ କରିବାକୁ ମନା କରିଛନ୍ତି। ସମସ୍ୟା ସମ୍ପର୍କରେ ଗତ ୬ ଏପ୍ରିଲ୍‌ରେ ଗାଁ ଲୋକେ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସେଥିରେ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା ସୁନିଶ୍ଚିତ ନ ହେବା ପର୍ଯ୍ୟନ୍ତ ପ୍ଲଟ ଗୁଡ଼ିକର କିସମ ପରିବର୍ତ୍ତନ ଅନୁମତିକୁ ସ୍ଥଗିତ ରଖିବା ନିମନ୍ତେ ଅନୁରୋଧ କରାଯାଇଥିଲା। କିନ୍ତୁ ତହସିଲ ପ୍ରାଶାସନ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ ନକରି ଅନୁମତି ପ୍ରଦାନ କରିବା ପରିତାପର ବିଷୟ। ଜଳ ନିଷ୍କାସନ ଲାଗି କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରିନଥିବା ବେଳେ ଏବେ ପ୍ରବଳ ବର୍ଷା ଯୋଗୁଁ ପରିସ୍ଥିତି ସଙ୍ଗୀନ ହୋଇଛି। ୪୦ ଏକରରୁ ଅଧିକ ଚାଷ ଜମି ବନ୍ୟା ପାଣିରେ ବୁଡ଼ି ରହିଥିବା ବେଳେ ଗାଁରେ ତଳିଆ ଘରେ ପାଣି ପସୁଛି। ଫଳରେ ଗ୍ରାମର ବହୁ ପରିବାର ଘୋର ଦୁଃଖ ଦୁର୍ଦଶା ଭୋଗୁଛନ୍ତି। ତହସିଲ ପ୍ରଶାସନ ର ଅବହେଳା ଯୋଗୁଁ ଗ୍ରାମଟି ଏକ ପ୍ରକାର ଜଳବନ୍ଦୀ ହେବାକୁ ଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସମସ୍ୟାରୁ ମୁକ୍ତି ଲାଗି ପ୍ରାକୃତିକ ଜଳ ପଥ ପୁନରୁଦ୍ଧାର କରିବା, ତୁରନ୍ତ ଏକ ସ୍ଥାୟୀ ଜଳ ନିଷ୍କାସନ ପଥ ନିର୍ମାଣ କରିବା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଦରଖାସ୍ତ ଦିଆଯାଇଛି। ତେଣୁ ଜିଲ୍ଲା ଏବଂ ତହସିଲ ପ୍ରଶାସନ ସମସ୍ୟା ସମ୍ପର୍କରେ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ବନଲତା ଘଡ଼ାଇ, ଚିତ୍ତରଞ୍ଜିତ ପାତ୍ର, କାଳୀ ଚରଣ ବଡ୍ଡୁ, ସାଗର ମୁଖୀ, ଆଦିକନ୍ଦ ପାତ୍ର, ସୁରେନ୍ଦ୍ର ହେମ୍ବ୍ରମ, ସତ୍ୟଜିତ ଗିରି, କମଳକାନ୍ତି ଦାସ, ଚନ୍ଦନ ମୁଖୀ, ସରୋଜ ଘଡ଼ାଇ, ଗୋପାଳ ବଡ୍ଡୁ, ଗୌରାଙ୍ଗ ବଡ୍ଡୁ, ସନ୍ତୋଷ କୁମାର ବଡ୍ଡୁ ପ୍ରମୁଖ ଦାବି କରିଛନ୍ତି।

## ରଥରୁ ବାହୁଡ଼ା କାର୍ଯ୍ୟକ୍ରମର ସପ୍ତମ ସନ୍ଧ୍ୟା




**ବାଲେଶ୍ୱର,୨୩।୭ (ସମିସ):** ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ "ରଥରୁ ବାହୁଡ଼ା କାର୍ଯ୍ୟକ୍ରମ'ର ସପ୍ତମ ସନ୍ଧ୍ୟାରେ ଉପସଭାପତି ନିବାରଣ ଜେନାଙ୍କ ପୌରୋହିତ୍ୟରେ ବାଲେଶ୍ୱରର ଦିବଂଗତ ନାଟ୍ୟକାର ଗଯାଧର ପଣ୍ଡାଙ୍କ ସଂପର୍କରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ନାଟ୍ୟ ଗବେଷକ ଡ. ଭାଗବତ ପ୍ରସାଦ ଦାସ, ସୁସାହିତ୍ୟିକ ନିରଂଜନ ସାହୁ ଓ ଫକୀରମୋହନ ସାହିତ୍ୟ ପରିଷଦ ସଂପାଦକ ଡ. ରତ୍ନାକର ସିଂହ ବକ୍ତା ଭାବେ ଯୋଗ ଦେଇ ନାଟ୍ୟକାରଙ୍କ ସଂପର୍କରେ ଆଲୋଚନା କରିଥିଲେ। ବିଷ୍ଣୁପୁର ଗ୍ରାମର ମୂଳ ବାସିନ୍ଦା ନାଟ୍ୟକାର ସ୍ୱର୍ଗତ ପଣ୍ଡା ପିଲାଟିଦିନରୁ ଉଭୟ ପିତାମାତାଙ୍କୁ ହରାଇ ଜୀବିକାର୍ଜନ ପାଇଁ କଲିକତା ଚାଲିଯାଇଥିଲେ। ନାଟକ ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ତାଙ୍କୁ ଓଡ଼ିଶାକୁ ଫେରିବାକୁ ବାଧ୍ୟ କରିଥିଲା। ନିଜ ଗ୍ରାମକୁ ନଫେରି ରେମୁଣା ଅଞ୍ଚଳରେ ଯାତ୍ରାପାର୍ଟି ଆରମ୍ଭ କରି ତାଙ୍କ ନାଟ୍ୟ ଜୀବନର ଅୟମାରମ୍ଭ କରିଥିଲେ। ସେ ଏକାଧାରରେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ସଙ୍ଗୀତଜ୍ଞ, ବାଦ୍ୟକାର ଭାବେ ନିଜର ପ୍ରଚଣ୍ଡ ପ୍ରତିଭାର ପରିଚୟ ଦେଇଛନ୍ତି। ତାଙ୍କ ରଚିତ ଅସଂଖ୍ୟ ନାଟକ ୧୯୭୨ ବନ୍ୟାରେ ନଷ୍ଟ ହୋଇଥିବାରୁ ନାଟ୍ୟପ୍ରେମୀମାନଙ୍କର ଅପୂରଣୀୟ କ୍ଷତି ହୋଇଛି ବୋଲି ବକ୍ତାମାନେ ଦୁଃଖ ପ୍ରକାଶ କରିଥିଲେ। କୋଷାଧ୍ୟକ୍ଷ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ। ସଭା ପ୍ରାରମ୍ଭରେ ନାଟ୍ୟକାର ସ୍ୱର୍ଗତ ପଣ୍ଡାଙ୍କ ରଚିତ ଏକ ଓଡ଼ିଶୀ ସଙ୍ଗୀତକୁ କଲ୍ୟାଣୀ ନନ୍ଦ ଗାନ କରିଥିଲେ। ଯୁଗ୍ମ ସଂପାଦକ ଜ୍ଞମରନାଥ ପାତ୍ର ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିବା ବେଳେ ଅନ୍ୟତମ ଯୁଗ୍ମ ସଂପାଦକ ଶାନ୍ତିଲତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ସୁଷମା ମହାପାତ୍ର, ବାସନ୍ତୀ ଦେ, ଡ. ଶିରୀଶ ଚନ୍ଦ୍ର ଜେନା, ସଂଜୟ କୁମାର ପଣ୍ଡା, ତପନ କୁମାର ପଣ୍ଡା, ଭାସ୍କରଚନ୍ଦ୍ର ମିଶ୍ର, ଦେବାଶିଷ ଯେନା, ଉପାସନା କର, ଉର୍ମିଳା ନାୟକ, ଲମ୍ବୋଦର ନାୟକ, ଅନନ୍ତ କୁମାର ଦାସ, ବେଣୁଧର ସାହୁ, ପୁଷ୍ପଲତା ଚକ୍ରବର୍ତ୍ତୀ ଓ ଦିଲ୍ଲୀପ କୁମାର ଚକ୍ରଦର୍ଶୀ ପ୍ରମୁଖ ଉପସ୍ଥିତ ଥିଲେ।

## ସମୁଦ୍ର କୂଳରୁ ବେଆଇନ ବାଲି ଚୋରାଚାଲାଣ

**ବାଲିଆପାଳ/କାଳିପଦା, ୨୩।୭ (ସମିସ):** ବାଲିଆପାଳ ଅଞ୍ଚଳରେ ସୁବର୍ଣ୍ଣ ରେଖା ନଦୀ ବାଲି ନିୟମିତ ଚୋରା ଚାଲାଣ ହେଉଥିବା ବେଳେ ଏବେ ସମୁଦ୍ର ବାଲି ଚୋରାଚାଲାଣକୁ ନେଇ ବଢୁଛି ଚର୍ଚ୍ଚା। ଅଭିଯୋଗ ହେଉଛି, ବାଲିଆପାଳ ବ୍ଲକ ବଙ୍ଗୋପ ସାଗର ଅଞ୍ଚଳ ସମୁଦ୍ର କୂଳରୁ ପ୍ରତିଦିନ ଟ୍ରାକ୍ଟର ଯୋଗେ ଖୁଲମଖୁଲା ଚାଲିଛି ବେଆଇନ ବାଲି ପରିବହନ। ମାନ୍ଧାତା ବଜାର ମୁଖ୍ୟ ରାସ୍ତା ଏବଂ ଡଗରା, କଷାଫଳ, କାଳିପଦା, କାଉମାରୀ ସମେତ ବିଭିନ୍ନ ଅଞ୍ଚଳ ଦେଇ ଦୈନିକ ଯାତାୟାତ କରୁଛି ବାଲି ବୋଝେଇ ଟ୍ରାକ୍ଟର। ସ୍ଥାନୀୟ ଲୋକଙ୍କ ପ୍ରଶ୍ନ ଦିନ ଦ୍ୱିପ୍ରହରରେ ଏତେ ବଡ଼ ଧରଣର କାରବାର ଚାଲୁଥିବା ବେଳେ ପ୍ରଶାସନ ନୀରବ କାହିଁକି? କାହାର ଛତ୍ରଛାୟାତଳେ ଚାଲିଛି ଏହି ବାଲି ମାଫିଆଙ୍କ ରାଜ୍ୟ ଖଣି ବିଭାଗ, ରାଜସ୍ୱ ବିଭାଗ ଏବଂ ସ୍ଥାନୀୟ ପ୍ରଶାସନର ଭୂମିକାକୁ ନେଇ ମଧ୍ୟ ଉଠୁଛି ପ୍ରଶ୍ନ। ପରିବେଶବିତଙ୍କ ମତରେ ସମୁଦ୍ର କୂଳରୁ ଅନିୟନ୍ତ୍ରିତ ବାଲି ଉତ୍ତୋଳନ ଭବିଷ୍ୟତରେ ସମୁଦ୍ର ତଟ କ୍ଷୟ ଓ ପରିବେଶ ସନ୍ତୁଳନ ନଷ୍ଟ କରିପାରେ ବୋଲି କୁହାଯାଇଛି। ତଥାପି ଯଦି ଏହି କାରବାର ବନ୍ଦ ନ ହୁଏ ଆଗାମୀ ଦିନରେ ସ୍ଥିତି ଆହୁରି ସଙ୍କଟପୂର୍ଣ୍ଣ ହୋଇପାରେ। ସ୍ଥାନୀୟ ଅଞ୍ଚଳର ଚାରୁ ଚନ୍ଦ୍ର ଦେ, ଗଗନ ବିହାରୀ ବାରିକ, ସୁଧାକୃଷ୍ଣ ଦାସ, ହେମନ୍ତ କୁମାର ପାତ୍ର, ମୃତ୍ୟୁଞ୍ଜୟ ପ୍ରସାଦ ନାୟକ, କ୍ଷମା ସାଗର ଦାସ, ପରମାନନ୍ଦ ବେହେରା, ପ୍ରସନ୍ନ କୁମାର ମୁଦୁଲି, ଗୁଣାକର ସେଠୀ, ଲକ୍ଷ୍ମଣ କୁମାର ଟୁଡୁ ପ୍ରମୁଖ ତୁରନ୍ତ ଘଟଣାର ତଦନ୍ତ କରାଯାଇ ବେଆଇନ ବାଲି ଚୋରାଚାଲାଣରେ ସମ୍ପୃକ୍ତ ଲୋକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଛନ୍ତି। ବାଲିଆପାଳ ତହସିଲଦାର ତଦନ୍ତ କରି ଦେଖିବେ ବୋଲି ପ୍ରକାଶ କରିଛନ୍ତି।

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ସମୀକ୍ଷା ବୈଠକ



**ବାଲେଶ୍ୱର,୨୩।୭ (ସମିସ):** ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲ (ଆଇ.ଏ.ଏସ୍)ଙ୍କ ଅଧ୍ୟକ୍ଷତାରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ଶୈକ୍ଷିକ, ଗବେଷଣା ଓ ଭିତ୍ତିଭୂମି ବିକାଶ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଏହି ବୈଠକରେ ସମୀକ୍ଷା କରାଯାଇଥିଲା। ଏହି ବୈଠକରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ (ଆଇ.ଏ.ଏସ୍), ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଲବ୍ୟ (ଆଇ.ଏ.ଏସ୍) ଏବଂ ବାଲେଶ୍ୱର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ଼କ୍ଟର ହେମନ୍ତ କୁମାର ଘଡ଼ାଇ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରିବେଶର ଉନ୍ନତି, ଗବେଷଣା କ୍ଷେତ୍ରରେ ସହଯୋଗ ବୃଦ୍ଧି, ନବସୃଜନ ଓ ଉଦ୍ୟୋଗିତାର ପ୍ରୋତ୍ସାହନ, ଛାତ୍ରଛାତ୍ରୀଙ୍କ ପାଇଁ ସେବାର ଗୁଣାତ୍ମକ ବିକାଶ ଏବଂ ଚାଲୁଥିବା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କମିଶନର ତଥା ସଚିବ ବିଶ୍ୱବିଦ୍ୟାଳୟର ସାମ୍ପ୍ରତିକ ସଫଳତାକୁ ପ୍ରଶଂସା କରିବା ସହ ଗୁଣାତ୍ମକ ଶିକ୍ଷା, ନବସୃଜନ ଓ ସୁଶାସନ ମାଧ୍ୟମରେ ଉଚ୍ଚଶିକ୍ଷାର ରୂପାନ୍ତର ପାଇଁ ସମନ୍ୱିତ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ କୁଳସଚିବ କୁକୁମୀନା ଦାସ, ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, ସମସ୍ତ ବିଭାଗୀୟ ମୁଖ୍ୟ, ବିଭିନ୍ନ କେନ୍ଦ୍ର ଓ ପ୍ରକୋଷ୍ଠର ସଂଯୋଜକ ଏବଂ ବିଶ୍ୱବିଦ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ। କୁଳପତି ପ୍ରଫେସର ତ୍ରିପାଠୀ ବିଶ୍ୱବିଦ୍ୟାଳୟର ସାମ୍ପ୍ରତିକ ସଫଳତା, ଚାଲୁଥିବା ଶୈକ୍ଷିକ ଓ ଗବେଷଣା କାର୍ଯ୍ୟକ୍ରମ ସହିତ ଉଚ୍ଚଶିକ୍ଷା କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବେ ପ୍ରତିଷ୍ଠିତ ହେବାର ଭବିଷ୍ୟତ ଦୃଷ୍ଟିକୋଣ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉଚ୍ଚମାନର ଶିକ୍ଷାର ପ୍ରସାର ଓ ଓଡ଼ିଶାର ସାମାଜିକ-ଆର୍ଥିକ ବିକାଶରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଭୂମିକାକୁ ଆହୁରି ସୁଦୃଢ଼ କରିବାର ସଂକଳ୍ପ ସହ ବୈଠକ ଶେଷ ହୋଇଥିଲା।

## ଉତ୍ତରେଶ୍ୱର ଫୁଟ ଓଭରବ୍ରିଜ୍ ପାଇଁ ସ୍ଥାନ ନିରୂପଣ

**ସୋର, ୨୩।୭ (ସମିସ):** ୧୬ ନମ୍ବର ଜାତୀୟ ରାଜପଥ ସୋର ଉତ୍ତରେଶ୍ୱର ଏବଂ ତଳନଗର ନିକଟରେ ଦୁଇଟି ଜନଗହଳି ସ୍ଥାନରେ ଯାତ୍ରୀମାନେ ରାସ୍ତା ପାରହେବା ପାଇଁ ପାଦଚଲା ସେତୁ ନିର୍ମାଣ କରାଯିବା ପାଇଁ ସରକାରୀ ପ୍ରସ୍ତାବ ଅନୁସାରେ ବିଧାୟକ ମାଧବ ଧଡ଼ାଙ୍କ ଉପସ୍ଥିତିରେ ଏବଂ ରେସିଡେଣ୍ଟ କମ୍ ହାଇୱେ ଇଂଜିନିୟର ଶୁଭଙ୍କର ଦାସ ସ୍ଥାନ ନିରୁପଣ କରିଛନ୍ତି। ଏହା ନିର୍ମାଣ ହେବା ପରେ ଉଭୟ ପାର୍ଶ୍ୱରୁ ବସ୍ ଟ୍ରେକର ଓ ଅଟୋରେ ଯାଆସ କରୁଥିବା ଯାତ୍ରୀମାନେ ଅସୁବିଧାରେ ସମ୍ମୁଖିନ ହେବେ ନାହିଁ ଏବଂ ଦୁର୍ଘଟଣାକୁ ରୋକାଯାଇପାରିବ ବୋଲି ବିଧାୟକ ଶ୍ରୀ ଧଡ଼ା ସୂଚନା ଦେଇଥିଲେ। ଉତ୍ତରେଶ୍ୱରରେ ଏକ ସଙ୍ଗେ ଫୁଟ ଓଭରବ୍ରିଜ ସହିତ ଲିଫ୍ଟ କରାଯିବା ପାଇଁ ବସ୍‌ଷ୍ଟପ ନିକଟରେ ସ୍ଥାନ ନିରୁପଣ କରାଯିବା ସହିତ ତଳନଗର ବସ୍‌ଷ୍ଟପ ନିକଟରେ ମଧ୍ୟ ଏହାକୁ ନିର୍ମାଣ ପାଇଁ ସ୍ଥାନ ନିରୁପଣ କରାଯାଇଥିଲା। ଏହି ସମୟରେ ଲୋକନାଥ ରାଉତ, ସ୍ମୃତିରଂଜନ ମହାନ୍ତି, କାଉନସିଲର ସାହେବ ଖାନ କାଦ୍ରୀ, ରମେଶ ସିଂହ, ପବିତ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜାଗ୍ରତ ଜଳେଶ୍ୱର ପକ୍ଷରୁ ଦାବିପତ୍ର ପ୍ରଦାନ

**ଜଳେଶ୍ୱର ବ୍ଲକ, ୨୩।୭ (ସମିସ) :** ଜଳେଶ୍ୱର ସହର ମଧ୍ୟ ଦେଇ ଯାଇଥିବା ୫୭ ନଂ ଜାତୀୟ ରାଜପଥର ବର୍ତ୍ତମାନର ଶୋଚନୀୟ ଅବସ୍ଥା ସାଧାରଣ ଜନତାଙ୍କ ପାଇଁ ଗଭୀର ଚିନ୍ତାର ବିଷୟ ପାଲଟିଛି। ରାସ୍ତାର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲ ଓ ଗାତ ଯୋଗୁଁ ପ୍ରତିଦିନ ମଟରସାଇକେଲ ଆରୋହୀ, ସାଇକେଲ ଚାଳକ ଏବଂ ସାଧାରଣ ଯାତ୍ରୀମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ସମସ୍ୟା ଦିନକୁ ଦିନ ଉଦ୍‌ବେଗଜନକ ରୂପ ନେଉଥିବାରୁ ଜାଗ୍ରତ ଜଳେଶ୍ୱର ପକ୍ଷରୁ ଏକ ପ୍ରତିନିଧି ଦଳ ବାଲେଶ୍ୱର ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଏହି ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛି। ଏହି ପ୍ରତିନିଧି ଦଳରେ ସଂଗଠନର ଚେୟାରମ୍ୟାନ କମଳ ଲୋଚନ ମହାପାତ୍ର, ସିପ୍ରା ବାଜପେୟୀ, ପ୍ରତିମା ରାଣୀ ଭଞ୍ଜ, ନନ୍ଦିତା ବକ୍ସି ଦାସ, ସତ୍ୟ ଶୋଭନ ମିଶ୍ର, ସମର କରଣ, ଜୟନ୍ତ କୁମାର ଜେନା, ସଂଗ୍ରାମ କେଶରୀ ପରିଡ଼ା ଓ ରବୀନ୍ଦ୍ର କୁମାର ପାତ୍ର ଉପସ୍ଥିତ ରହି ବରିଷ୍ଠ ଅଧିକାରୀଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ।

## କୁଡ଼େଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତ ଛାତ୍ରୀଙ୍କୁ ସ୍ୱାଗତ




**ସୋର, ୨୩।୭ (ସମିସ):** ସୋର ବ୍ଲକ ନିଶ୍ଚିନ୍ତପୁର ଗ୍ରାମ ପଞ୍ଚାୟତ ଅଧୀନ କୁଡ଼େଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ନବାଗତ ପ୍ରଥମ ବର୍ଷ କଳା ଓ ବିଜ୍ଞାନ ବିଭାଗର ଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କରୁଣାକର ସାହୁ ଏହି ସମ୍ବର୍ଦ୍ଧନା ସଭାରେ ସଭାପତିତ୍ୱ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରି ସଭା ଉଦଘାଟନ କରିଥିଲେ। ଏହି ସଭାରେ +୨ କଳା ବିଭାଗର ମୋଟ ୧୨୭ ଜଣ ଛାତ୍ରୀ ଓ ବିଜ୍ଞାନ ବିଭାଗର ୬୧ ଜଣ ଛାତ୍ରୀ ଯୋଗଦାନ କରିଥିଲେ। ଅଧ୍ୟାପକ ପ୍ରଦୀପ କିଶୋର ପଣ୍ଡା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶାବଳି ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଅଧ୍ୟାପକ ସୁଧାଂଶୁ ଶେଖର ଦ୍ୱିବେଦୀ ବିଧାଳୟର ସମସ୍ତ ଅଧ୍ୟାପକ ଅଧ୍ୟପିକା ଓ କର୍ମଚାରୀଙ୍କର ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଦାୟିତ୍ୱରେ ଥିବା ଅଧ୍ୟାପିକା ଇତିଶ୍ରୀ ଦାସ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ପ୍ରବେଶ ଉତ୍ସବ



**କାଳିପଦା, ୨୩।୭ (ସମିସ):** ନବାଗତ ଯୁକ୍ତ ଦୁଇ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଜାମଶୂଳୀ ସ୍ଥିତ ଲକ୍ଷ୍ମୀନାରାୟଣ କଲେଜ ପକ୍ଷରୁ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। କଲେଜ ଅଧ୍ୟକ୍ଷ ପ୍ରଧ୍ୟାପକ ଦିବ୍ୟେନ୍ଦୁ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାଧ୍ୟାପକ ଦେବବ୍ରତ ଦାସ,ସଂଗ୍ରାମ କେଶରୀ ନାୟକ, ଡ଼ଃ ଶିବ ନାରାୟଣ ମହାପାତ୍ର, ନିର୍ମଳ କୁମାର ସାମଲ, ଅଧ୍ୟାପକ ବାଙ୍କିମ ଚନ୍ଦ୍ର ମୈକାପ , ପ୍ରକାଶ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ନୂଆ ପାଠ୍ୟ ଖସଡ଼ା, କଲେଜର ନୀତି ନିୟମ, ସଂସ୍କୃତି ପରଂପରା ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଆଶୁତୋଷ ଯତି, ଅଧ୍ୟାପିକା ଲିଜା ରାଣୀ ସାହୁ, ସବନମ ଖାତୁନ ପ୍ରମୁଖ ଯୋଗ ଦେଇଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ମିତାରାଣୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ରାସ୍ତା ସମସ୍ୟା ପାଇଁ ଧାରଣାରେ ବସିବେ ଗ୍ରାମବାସୀ

ସୋର,୨୩।୭(ସମିସ): ସୋର ବ୍ଲକ ମୁଳିସିଂ ପଂଚାୟତ ମାଙ୍ଗେଶ୍ୱରପୁରରୁ ପୋତାଗଡ଼ିଆ ପର୍ଯ୍ୟନ୍ତ ଯାଇଥିବା ଦୁଇକିମି ମାଟି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ଏ ନେଇ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ କୌଣସି ଫଳପ୍ରଦ ନ ହେବାରୁ ଗତ ୨୦୨୫ ମସିହାରେ କିଛି ଯୁବକ ଦିଲ୍ଲୀରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀଙ୍କୁ ଭେଟି ସମସ୍ୟା ବାବଦରେ ଲିଖିତ ଅଭିଯୋଗ କରିଥିଲେ। ପରେ ସାଂସଦଙ୍କ ହସ୍ତକ୍ଷେପରେ ୬ କୋଟି ୯୭ଲକ୍ଷରୁ ଅଧିକ ଟଙ୍କାର ବ୍ୟୟରେ ଏହି ରାସ୍ତାକାମ ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ କରାଯିବ। ମାତ୍ର ଏପର୍ଯ୍ୟନ୍ତ କାମ ଆରମ୍ଭ ନ ହେବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଆଜି ଗ୍ରାମାବାସୀଙ୍କ ପକ୍ଷରୁ ଆଗାମୀ ୭ଦିନ ମଧ୍ୟରେ ବିଭାଗ ପକ୍ଷରୁ ଯଥାଶୀଘ୍ର ରାସ୍ତାକାମ ଆରମ୍ଭ କରିବା ସହିତ ରାସ୍ତାରେ ଯାତାୟାତ ପାଇଁ ବ୍ୟବସ୍ଥା କରା ନ ଗଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେବା ସହିତ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗକୁ ଚିଠିମାଧ୍ୟରେ ଅବଗତ କରାଇଥିବା ଜଣାପଡିଛି।

### ଗଞ୍ଜେଇ ଜବତ, ୧ ଗିରଫ

**ରାଜଘାଟ, ୨୩।୭ (ସମିସ):** ୧୬ ନମ୍ବର ଜାତୀୟ ରାଜପଥର ମଥାନୀ ଛକ ନିକଟରୁ ଜଣେ ଗଞ୍ଜେଇ ବେପାରୀକୁ ଅବକାରୀ ବିଭାଗ ଗିରଫ୍ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ପଶ୍ଚିମବଙ୍ଗ ବେଲି ଉତ୍ତର ଘୋଷପଡ଼ା ଅଞ୍ଚଳର କିଷାନ ମଣ୍ଡଳ(୨୯)। ଏ ସଂକ୍ରାନ୍ତରେ ୬୩/୨୬ ମୂଳେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଜଣକୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

## ଶିକ୍ଷକ ଗୌରାଙ୍ଗ ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,୨୩।୭ (ସମିସ): ଜିଲ୍ଲା ସ୍କୁଲ୍‌ରୁ ଅବସର ନେଇଥିବା ଜଣେ ଆଦର୍ଶ ଶିକ୍ଷକ ତଥା ବରିଷ୍ଠ ଗାନ୍ଧିବାଦୀ ବ୍ୟକ୍ତି ଗୌରାଙ୍ଗ ପ୍ରଧାନଙ୍କର ୯୨ ବର୍ଷ ବୟସରେ ଦେହାନ୍ତ ହୋଇଛି। ସ୍ୱର୍ଗତ ପ୍ରଧାନଙ୍କ ଏକାଦଶାହ ସନ୍ଧ୍ୟାରେ ସ୍ୱର୍ଣ୍ଣଚୂଡ଼ ହୋଟେଲ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗୌରାଙ୍ଗ ପାଣିଗ୍ରାହୀ, ଆଇନଜୀବୀ ନିରଞ୍ଜନ ପରିଡ଼ା ଓ ମନୋଜ ନାୟକ, ଡ. କାଳିପଦ ପଣ୍ଡା, ପ୍ରଣବ ପରିଡ଼ା, ଭୂଦେବ ମହାପାତ୍ର, ମାନସ ମହାନ୍ତି, ରାଜନାରାୟଣ ଦାସ, ମୁକ୍ତାର ଅହମ୍ମଦ, ସୁବଳ ପ୍ରଧାନ, ବାସୁଦେବ ପାତ୍ର, ପୁଷ୍ପଲତା ଲେଙ୍କା, ପ୍ରଦୀପ୍ତ ମହାନ୍ତି, ଦେବାଶୀଷ ଦାସମହାପାତ୍ର, ପୁତ୍ର ଗୁରୁପଦ ପ୍ରଧାନ, କନ୍ୟା କ୍ରିଷ୍ଣା ପ୍ରଧାନ ଓ କନକ ପ୍ରଧାନ ଉପସ୍ଥିତ ଥିଲେ।

## ଐତିହାସିକ ଲକ୍ଷ୍ମୀସାଗର ପୋଖରୀକୁ ପୋତିବା ପରେ ଖନନ ଘଟଣାର ତଦନ୍ତ ଦାବି

**ନୀଳଗିରି, ୨୩।୭ (ସମିସ):** ନୀଳଗିରି ରାଜା ରାଜୁଡା ଶାସନ କାଳରୁ ନୀଳଗିରି ଜେଲ୍ ରୋଡରେ ଥିବା ପ୍ରାଚୀନ ଓ ଐତିହାସିକ ପୋଖରୀ ଉପରେ ସ୍ଥାନୀୟ ସହରାଞ୍ଚଳ ବାସୀ ନିର୍ଭର କରି ଆସୁଥିଲେ। ମାତ୍ର ଏବେ କେନାଲ କାର୍ଯ୍ୟ ଚାଲିଥିବା ବେଳେ ସର୍ଜମୀନ୍ ସମୟରେ ବିଭାଗୀୟ ଅଧିକାରୀ ମାନେ କାହା ଚାପରେ ବଶବର୍ତ୍ତୀ ହୋଇ ପୋଖରୀକୁ ବାଦ୍ ନ ଦେଇ କେନାଲ ପ୍ରକଳ୍ପ ଭିତରେ ପକାଇଦେଇଛନ୍ତି। ଫଳରେ ପ୍ରାଚୀନ ପୋଖରୀକୁ ମାଟି ମୋରମ୍ ପକାଇ ପୋତି ଦିଆଗଲା ପରେ ବହୁ ବାଦବିବାଦ ପରେ ପୁଣି ଖୋଳା ଗଲା, ଖୋଳିବା ଓ ପୋତିବାରେ ଯେଉଁ ଅର୍ଥ ଖର୍ଚ୍ଚ ହେଲା ତାହାକୁ ଭରଣ କରିଛି କିଏ, ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି। ଏହା କେବଳ ଏକ ପ୍ରାଶାସନିକ ଓ ଆଇନଗତ ବିଚ୍ୟୁତ ନୁହଁ ବରଂ ଜନସାଧାରଙ୍କ ଭାବାବେଗ ଓ ନୀଳଗିରି ବାସୀଙ୍କ ପ୍ରତି ଚରମ ଅବହେଳା ବୋଲି ଚିଠିରେ ଲେଖିଛନ୍ତି। ଉକ୍ତ ପୋଖରୀଟି ନୀଳଗିରି ତହସିଲ ଅଫିସ୍, ଉପ ଜିଲ୍ଲାପାଳଙ୍କ ଅଫିସ୍ ଠାରୁ ମାତ୍ର ଶହେ ମିଟର ଦୂରରେ ଅବସ୍ଥିତ ଥିବା ବେଳେ ଏପରି ଏକ ବିଶାଳ କେନାଲ କାର୍ଯ୍ୟ ଚାଲିଥିବାର କିପରି ଜାଣି ପାରିଲେ ନାହିଁ ବୋଲି ସାଂସଦ ଚିଠିରେ ଲେଖିଛନ୍ତି। ପରେ ଏ ବାବଦରେ ନୀଳଗିରି ଉପ ଜିଲ୍ଲାପାଳ, ବାଲେଶ୍ୱର ଜିଲ୍ଲାପାଳ ଓ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଶୀଘ୍ର ଉକ୍ତ ପୋଖରୀ ଖନନ ପାଇଁ ନିର୍ଦ୍ଦେଶ ଦେବା ପରେ ଖନନ କାର୍ଯ୍ୟ ଆରମ୍ଭ କରିଛନ୍ତି। ତେବେ ଉକ୍ତ ପୋଖରୀକୁ ମାଟି ଓ ମୋରମ ପକାଇ ପୋତିବା ପାଇଁ କିଏ ଦେଇଥିଲେ ଅନୁମତି, କେଉଁ ପ୍ରଶାସନିକ କିମ୍ବା ବୈଷୟିକ ଅନୁମୋଦନ ଆଧାରରେ କାର୍ଯ୍ୟ ସମ୍ପନ୍ନ ହୋଇଥଲା, ଜଳାଶୟକୁ ପୋତିବା ପାଇଁ ସରକାରୀ ପାଣ୍ଠିରୁ କେତେ ଅର୍ଥ ଖର୍ଚ୍ଚ ହୋଇଛି, ବର୍ତ୍ତମାନ ଏହାର ପୁନରୁଦ୍ଧାର ଓ ଖନନ ପାଇଁ କେତେ ଅତିରିକ୍ତ ଅର୍ଥ ବ୍ୟୟ କରାଯାଉଛି, ଏସବୁ ଘଟଣାର ତୁରନ୍ତ ନିରପେକ୍ଷ ତଦନ୍ତ କରାଯିବା ସହ ଏଥିରେ ସଂପୃକ୍ତି ଥିବା ଅଧିକାରୀ, ଠିକାଦାର, ସହ ଅନ୍ୟ ଯେ କୌଣସି ବ୍ୟକ୍ତିଙ୍କ ସମ୍ପୃକ୍ତି ନିର୍ଦ୍ଧାରଣ କରାଯାଇ ସମସ୍ତ ଅର୍ଥ ଆଦାୟ କରାଯାଉ ବୋଲି ସାଂସଦ ପ୍ରତାପ ଷଡ଼ଙ୍ଗୀ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଚିଠି ଲେଖିଛନ୍ତି।

## ମଣ୍ଡିରେ ୧୧୨୫ ଚାଷୀ ଧାନବିକ୍ରିରୁ ବଞ୍ଚିତ

ଜଳେଶ୍ୱର,୨୩।୭ (ସମିସ)



ସରକାରଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଆର୍‌ଏମ୍‌ସି ପଞ୍ଜୀକୃତ ସମସ୍ତ ଚାଷୀ ମଣ୍ଡିରେ ଧାନ ବିକ୍ରୟ ରୁ ବଞ୍ଚିତ ହୋଇଛନ୍ତି। ଏହାସହିତ ଚାଷୀଙ୍କୁ ମିଳିଥିବା ଟୋକନ ଅନୁଯାୟୀ ଧାନକ୍ରୟ ହୋଇନାହିଁ। ପୂର୍ବ ଅପେକ୍ଷା କ୍ୱିଣ୍ଟାଲ୍ ପିଛା ଅଧିକ ୧୦ କିଗ୍ରା ଧାନ କଟନି ଛଟନି ହୋଇଥିବା ମଧ୍ୟ ସ୍ପଷ୍ଟ ହୋଇଛି। ପ୍ୟାକ୍ସ ସମ୍ପାଦକ ଓ ପରିଚାଳନା କମିଟି ସଲା ସୁତୁରା ରେ ଟୋକନ ଠାରୁ ବହୁତ କମ ଧାନ କିଣିଥିବାର ଅଭିଯୋଗ ହୋଇଛି। ସରକାରୀ ତଥ୍ୟ ଅନୁସାରେ ଚଳିତ ବର୍ଷ ଜଳେଶ୍ୱର କୃଷି ଜିଲ୍ଲାରୁ ଜଳେଶ୍ୱର ବ୍ଲକର ୮୩୧୯, ବାଲିଆପାଳର ୫୯୩୪, ଭୋଗରାଇର ୧୧୨୭୦ ଧାନ ବିକ୍ରୟ ପାଇଁ ଚାଷୀ ନାମ ପଞ୍ଜୀକରଣ କରିଥିଲେ। କିନ୍ତୁ ଜଳେଶ୍ୱରର ୮୦୭୨ ଚାଷୀ ୨ ଲକ୍ଷ ୮୫ ହଜାର ୨୬୦ କ୍ୱିଣ୍ଟାଲ୍ ଧାନ ବିକ୍ରି କରିଥିବା ଦର୍ଶାଯାଇଛି। ଭୋଗରାଇର ୧୦୯୫୪ ଜଣ ଚାଷୀ ୨ ଲକ୍ଷ ୯୩ ହଜାର ୧୪୮ କ୍ୱିଣ୍ଟାଲ୍ ଧାନ ବିକ୍ରି କରିଛନ୍ତି। ବାଲିଆପାଳ ବ୍ଲକର ୫୨୭୨ ଜଣ ଚାଷୀ ୧ ଲକ୍ଷ ୩୭ ହଜାର ୧୯୪ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାଯାଇଛି। ଜଳେଶ୍ୱରର ୧୯ଟି, ଭୋଗରାଇର ୧୯ଟି ଓ ବାଲିଆପାଳର ୧୬ଟି ସମବାୟ ସମିତି ବା ପ୍ୟାକ୍ସ ଅଧୀନରେ ୨୪୨୯୮ ଜଣ ଚାଷୀ ୭ଲକ୍ଷ ୧୫ ହଜାର ୬୯୨ କ୍ୱିଣ୍ଟାଲ ଧାନବିକ୍ରି କରିଥିବା ଜଣାଯାଇଛି। ଧାନବିକ୍ରି ଅବଧି ଜୁନ ୩୦ ତାରିଖରୁ ଜୁଲାଇ ୩ ତାରିଖ ଯାଏ ବୃଦ୍ଧି କରାଯାଇଥିଲା। ଚଳିତ ବର୍ଷ କ୍ୱିଣ୍ଟାଲ୍ ପ୍ରତି ୧୦ କିଗ୍ରା ଧାନ କଟାଯାଇଥିବା ବେଳେ ଚାଷୀ ୩୧ଶହ ଟଙ୍କା ସହାୟତା ପାଉଥିବା ଆଶ୍ୱାସନା ଦିଆଯାଉଛି। ପ୍ରଚ୍ଛଦ ପଟରେ କେତେକ ଚାଷୀ କମିଟିର ସଦସ୍ୟ ସଭାପତିଙ୍କ ଜ୍ଞାତ ସାରରେ ପ୍ୟାକ୍ସର ସମ୍ପାଦକ, ଯୋଗାଣ ବିଭାଗର ସଲା ସୁତୁରା ସମ୍ପର୍କରେ ଅଭିଯୋଗ ରହିଛି। ଏଥି ବ୍ୟତିତ ନାମକୁ ମାତ୍ର ଚାଷୀଙ୍କ ନାଁରେ ଖାତା ଖୋଲି ଭାଗିଦାରୀ ରେ ଧାନ କ୍ରୟ କରି ମୋଟା ଅଙ୍କର ଅର୍ଥ ଅର୍‌ସାତ ହୋଇଛି।ଚାଷୀ ଚାଷୀ ମାନେ ସବିଶେଷ ତଥ୍ୟ ପ୍ରମାଣ ସହିତ ମୁଖ୍ୟମନ୍ତ୍ରୀ, ସମବାୟ ମନ୍ତ୍ରୀ, ଯୋଗାଣ ମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏପରି ବେଆଇନ କାର୍ଯ୍ୟ ବନ୍ଦ ନହେଲେ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିବ ନାହିଁ ବୋଲି କେତେକ ଭାଗ ଚାଷୀ, କୃଷକ ସଭା ଓ କୃଷକ ପ୍ରତିନିଧି ପ୍ରକାଶ କରିଛନ୍ତି। ଆବଶ୍ୟକ ସ୍ଥଳରେ କେତେକ ଚାଷୀ ଆଇନର ଆଶ୍ରୟ ନେବେ କହିଛନ୍ତି।

## ଫ୍ଲାଏ ଓଭର ତଳୁ ଖସିଲା ମାଟି; ବିପଦପୂର୍ଣ୍ଣ ଯାତାୟାତ

**କବାଟବନ୍ଧ,୨୩।୭ (ସମିସ):** ଚଣ୍ଡିଖୋଲ- ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ଅବସ୍ଥା ଭଲ ହେବା ପରିବର୍ତ୍ତେ ଏହା ଦିନକୁ ଦିନ ଖରାପ ହେବାରେ ଲାଗିଛି। ଗୋଦରା କୋଡ଼େ ଯେତେ ମାଡ଼େ ସେତେ ଉକ୍ତିରେ ଏହି ରାସ୍ତା ସମ୍ପ୍ରସାରଣ ବା ମରାମତି ଚାଲି ଥିବା ଅନୁଭବ ହେଉଛି। ମାତ୍ର ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ତଥା ବିଭାଗୀୟ ଅଧିକାରୀ ଏହାକୁ ନେଇ ଆଦୌ ସମ୍ବେଦନଶୀଳ ହେଉ ନାହାନ୍ତି। ଚଣ୍ଡିଖୋଲ- ଦୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ ତଥା ଏହା ଦୈନିକ ହଜାର ହଜାର ଯାନବାହାନ ଯାତାୟାତ କରୁଥିବା ସଡ଼କ ଅଟେ। ଦୀର୍ଘ ବର୍ଷ ଧରି ଏହାର ସମ୍ପ୍ରସାରଣ କାର୍ଯ୍ୟ ଚାଲୁ ରହିଥିଲେ ମଧ୍ୟ ଏହା ଶେଷ ହେବାର ଅନିଶ୍ଚିତତା ରହିଛି। ଅନ୍ୟ ପକ୍ଷରେ ଏହି ରାସ୍ତାକୁ ମରାମତି କରାଯାଉଛି ବୋଲି ବିଭାଗୀୟ କର୍ତ୍ତୃପକ୍ଷ କହୁଥିବା ବେଳେ ଏହା ବେଶୀ ବେଶୀ ଖରାପ ହେବାରେ ଲାଗିଛି। ଏହା ବ୍ୟତୀତ ବହୁ ସ୍ଥାନରେ ନିମ୍ନମାନର କାର୍ଯ୍ୟ ପାଇଁ ରାସ୍ତା ଦବିଯିବା ସହିତ ଫ୍ଲାଏ ଓଭର ବ୍ରିଜ ଆରମ୍ଭ ହୋଇଥିବା ସ୍ଥାନରୁ ମାଟି ଧୋଇ ହୋଇ ବିପଦ ସୃଷ୍ଟି କରିଛି। ଏଭଳି ଚିତ୍ର ଜାତୀୟ ରାଜପଥର ଜେନାପୁର ଥାନା ଅନ୍ତର୍ଗତ ବଳରାମପୁର ଛକ ନିକଟରେ ଦେଖିବାକୁ ମିଳିଛି। ଉକ୍ତ ସ୍ଥାନରେ ଅତଡା ସଦୃଶ ଏକ ବିରାଟ ଖାଲ ସୃଷ୍ଟି ହୋଇ ବିପଦ ସଙ୍କୁଳ ଭାବେ ରହିଛି। କୌଣସି ସମୟରେ ଏହା ଜନସାଧାରଣଙ୍କ ପ୍ରତି ବିପଦ ପହଞ୍ଚାଇ ପାରେ ଏଥିରେ କୌଣସି ସନ୍ଦେହ ନାହିଁ। ତେବେ ଏହି ସ୍ଥାନରେ କିଛି ଦିନ ହେଲା ଏଭଳି ବିପଦ ସୃଷ୍ଟି ହୋଇଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହାକୁ ଧ୍ୟାନ ଦେଉ ନାହାଁନ୍ତି। ତେବେ ସବୁ ଦେଖି ଏମିତି ଅଣଦେଖା କରୁଥିବା ରାଜପଥ କର୍ତ୍ତୃପକ୍ଷଙ୍କ କି ଉଦ୍ଦେଶ୍ୟ ରହିଛି ତାହା ବଡ଼ ପ୍ରଶ୍ନ। ଜାତୀୟ ରାଜପଥ ମରାମତି ଏମିତି ଭାବରେ କରାଯାଉଛି ଯେ ଗୋଟିଏ ସ୍ଥାନ କାମ ସାରି ଅନ୍ୟ ସ୍ଥାନ ମରାମତି ଆରମ୍ଭ ହେଲା ବେଳକୁ ପୂର୍ବ ସ୍ଥାନ ପୁଣି ଆବୁଡା ଖାବୁଡା ହେଇ ଯାଉଛି। ଦେଖିବାକୁ ଗଲେ ପ୍ରତ୍ୟେକ ଫ୍ଲାଏ ଓଭର ବ୍ରିଜ ନିକଟରେ ଥିବା ସର୍ଭିସ ରୋଡ଼ ଅତି କଦର୍ଯ୍ୟ ହୋଇ ପଡିଛି। ମାଟି ଧୋଇ ହୋଇଥିବାଉକ୍ତ ସ୍ଥାନରେ ମଧ ସର୍ଭିସ ରୋଡ଼ର ଅବସ୍ଥା ଅତି ଶୋଚନୀୟ ହୋଇ ପଡିଛି। ତୁରନ୍ତ ଏହି ସ୍ଥାନକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି।



## ନୂତନ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ବାରିକପୁର,୨୩।୭ (ସମିସ):** ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ପଞ୍ଚାୟତ ସାରସ୍ୱତ ସରକାରୀ ଉଚ୍ଚ ବିଦ୍ୟାଳୟ ଜଳହରିଠାରେ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପ୍ରଧାନଶିକ୍ଷକ ଗୌରୀଶଙ୍କର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାବିତ୍ ପ୍ରିତିକାନ୍ତ ରାଉତଙ୍କ ସମେତ ପୂର୍ବତନ କ୍ରୀଡ଼ା ଶିକ୍ଷକ ନବକିଶୋର ପରିଡ଼ା, ପୂର୍ବତନ ପ୍ରଧାନଶିକ୍ଷକ ରାମଚନ୍ଦ୍ର ମହାନ୍ତି, ସାମ୍ବାଦିକ ରାଜେନ୍ଦ୍ର ଶତପଥୀ, ବାସୁଦେବ ରାଉତ, ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ଇତିମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ଗଠନ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଥିବାବେଳେ ପ୍ରଧାନଶିକ୍ଷକଙ୍କୁ ଧନ୍ୟବାଦ ଦେଇଥିଲେ।



## ଆଗରପଡ଼ା କଲେଜରେ ନୂତନ ଅଧ୍ୟକ୍ଷ

**ବନ୍ତ/ଆଗରପଡ଼ା,୨୩।୭ (ସମିସ):** ଆଗରପଡ଼ା କଲେଜରେ ଶାନ୍ତନୁ କୁମାର ଜେନା ନୂତନ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ସେ ଏଥିପୂର୍ବରୁ କେନ୍ଦ୍ରାପଡ଼ା ଅଟୋନମସ୍ ଡିଗ୍ରୀ କଲେଜରେ ଭାରପ୍ରାପ୍ତ ଅଧ୍ୟକ୍ଷ ଓ ପଦାର୍ଥ ବିଜ୍ଞାନ ରିଡର ଭାବେ କାର୍ଯ୍ୟ କରୁଥିଲେ। ନୂତନ ଅଧ୍ୟକ୍ଷଙ୍କୁ କଲେଜ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଶୁଭେଚ୍ଛା ଜଣାଇଛନ୍ତି।



## ମୁକୁନ୍ଦପୁର ପଞ୍ଚାୟତରେ ସଫେଇ ଅଭିଯାନ

**ତିହିଡ଼ି,୨୩।୭ (ସମିସ):** ସଙ୍କଟ ସମୟରେ ଜନତାଙ୍କ ପାଖରେ ଠିଆ ହେବା ହିଁ ପ୍ରକୃତ ନେତୃତ୍ୱ। ଏହି ବାଣୀକୁ ପାଥେୟ କରି ମୁକୁନ୍ଦପୁର ପଞ୍ଚାୟତର ଶିକ୍ଷିତ ଓ କର୍ମଠ ଯୁବନେତା ଦେବୀପ୍ରସାଦ ପାଟ ପୁଣି ଥରେ ନିଜ ସେବା ମନୋଭାବର ଗ୍ରାମବାସୀ ଓ ଯୁବ ବନ୍ଧୁଙ୍କ ସହାୟତାରେ ଗ୍ରାମର ଆରମ୍ଭରୁ ଶେଷ ମୁଣ୍ଡ ଯାଏ ବ୍ୟାପକ ସଫେଇ କରିଥିଲେ। ଗାଁକୁ ଜୀବାଣୁମୁକ୍ତ କରିବା ପାଇଁ ସମସ୍ତ ନଳକୂଅ, ପୋଖରୀ, ମନ୍ଦିର ଓ ସନ୍ତସନ୍ତିଆ ସ୍ଥାନଗୁଡ଼ିକରେ ବ୍ଲିଚିଂ ପାଉଡର ସିଞ୍ଚନ କରିଥିଲେ। ସହଯୋଗୀ ଗୁରୁଜନ ଗଙ୍ଗାଧର ରାଉତ, ଆନନ୍ଦ ମହଲ, ପ୍ରକାଶ ରାଉତ୍, ପୀତାମ୍ବର ରାଉତ, ରତିକାନ୍ତ ସାହୁ, ବୀରେଶ ରାଉତ୍, ଖଗେଶ୍ୱର ବାରିକ, ଜନ୍ମେଜୟ ସାହୁ, ରାଜେଶ ବାରିକ, ରାଜେଶ ପାଟ, ଆଲୋକ ନାୟକ, ହିମାଂଶୁ ପାଟ, ଜ୍ୟୋତିରଞ୍ଜନ ନାୟକ, ଭକ୍ତହରି ମହାନ୍ତି, ଆଦିତ୍ୟ ବାରିକ, ଦେବାଶିଷ ପାତ୍ର, ବିଜୟ ବେହେରା, ଅଜିତ୍ ମହାନ୍ତି, ସୁଧାଂଶୁ ମହାନ୍ତି, ଚନ୍ଦନ ଜେନା, ଚିରଞ୍ଜୀବ ପାତ୍ର ଏବଂ ଅନେକ ଯୁବ କର୍ମୀ ଯୋଗଦେଇଥିଲେ।

## ବିଦ୍ୟାଳୟ ପରିଚାଳନା କମିଟି ଗଠିତ

**ପ୍ରୀତିପୁର,୨୩।୭ (ସମିସ):** ବିଞ୍ଝାରପୁର ବ୍ଲକ୍ ବାଙ୍କୀପାଳସ୍ଥିତ ରାଧାମୋହନ ନୋଡାଲ ଉପ୍ରା ବିଦ୍ୟାଳୟର ନୂତନ ପରିଚାଳନା କମିଟି ଗଠନ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଶ୍ୱ ପ୍ରକାଶ ସାମଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପିଟିଏ କମିଟିର ସଭ୍ୟସଭ୍ୟାମାନେ ଯୋଗଦେଇ ନିର୍ବାଚନ ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ନୂତନ ପରିଚାଳନା କମିଟି ଅଧ୍ୟକ୍ଷ ଭାବେ ବିବେକାନନ୍ଦ ମହାନ୍ତି ଓ ଉପାଧ୍ୟକ୍ଷ ଭାବେ ପ୍ରଣତୀ ବେହେରା ମନୋନୀତ ହୋଇଥିଲେ। ନୂତନ କମିଟି ଗଠନ ପରେ ବିଦ୍ୟାଳୟର ସୁପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ସମସ୍ତେ ମତପ୍ରକାଶ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀକାନ୍ତ ମଲ୍ଲିକ, ଶିକ୍ଷୟିତ୍ରୀ ମୁକ୍ତାମଞ୍ଜରୀ ବେଉରିଆ, ସହକାରୀ ଶିକ୍ଷୟିତ୍ରୀ ଜୟନ୍ତୀ ସେଠୀ କାର୍ଯ୍ୟକ୍ରମ ପରିଚଳନା କରିଥିଲେ।

### ଖରିଫ ଋତୁରେ ୟୁରିଆ, ଡିଏପି ଓ ଅନ୍ୟ ସାର ଯୋଗାଣରେ ଅବ୍ୟବସ୍ଥା ଅଭିଯୋଗ

# ଅନେକ ସମବାୟ ସଂସ୍ଥା ସାର ପାଇ ନ ଥିବାରୁ ଚାଷୀ ହଇରାଣ

**ଭଦ୍ରକ,୨୩।୭ (ସମିସ):**

ଭଦ୍ରକ ଜିଲ୍ଲାରେ ଖରିଫ ଋତୁରେ ଚାଷୀଙ୍କୁ ସାର ଯୋଗାଣ ପାଇଁ ମାର୍କଫେଡ୍‌କୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଚଳିତ ଆର୍ଥିକ ବର୍ଷରେ ସାର ଯୋଗାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବଣ୍ଟନ ନିମନ୍ତେ ଯେଉଁ ନୀତି ଅବଲମ୍ବନ କରାଯାଇଛି ସେଥିରେ ଚାଷୀମାନେ ଅଯଥା ହଇରାଣ ହେବା ଆଶଙ୍କା ଉପୁଜିଛି। ନିୟମାନୁସାରେ, ଚଳିତ ବର୍ଷ ସାର ଯୋଗାଣ ନୀତିରେ ୪୦ ପ୍ରତିଶତ ବେସରକାରୀ ସାର ରିଟେଲରଙ୍କୁ ଦିଆଯିବ ଓ ୬୦ ପ୍ରତିଶତ ସମବାୟ ସଂସ୍ଥାକୁ ଦିଆଯିବ। ଭଦ୍ରକ ଜିଲ୍ଲାରେ ୧୦୮ଟି ସେବା ସମବାୟ ସଂସ୍ଥା ମଧ୍ୟରୁ ମାତ୍ର ୬୮ଟି ସୋସାଇଟି ସାର ଉଠାଇଛନ୍ତି। ନୂଆ ନିୟମ ଅନୁସାରେ ସାର ନେବା ପାଇଁ ସୋସାଇଟି ସମ୍ପାଦକ ଲାଇସେନ୍ସ ପ୍ରାପ୍ତ କରିବା ଜରୁରି ରହିଛି। ଭଦ୍ରକ ଜିଲ୍ଲାରେ ୧୦୮ରୁ ମାତ୍ର ୮୧ଟି ସୋସାଇଟିର ଲାଇସେନ୍ସ ରହିଛି। କିନ୍ତୁ ଅନେକ ସୋସାଇଟିର ଲାଇସେନ୍ସ ନ ଥିବାରୁ ସେମାନଙ୍କୁ ସାର ଯୋଗାଣ ହୋଇନାହିଁ। ତେଣୁ ଚାଷୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



ନିୟମ ଅନୁଯାୟୀ, ରାଣୀତାଳ କୃଷି ବିଜ୍ଞାନ କେନ୍ଦ୍ରରେ ୧୫ ଦିନିଆ ତାଲିମ ନେବା ପରେ ଯାଇ ସୋସାଇଟି ସମ୍ପାଦକମାନଙ୍କୁ ସାର ବିକ୍ରି ଲାଇସେନ୍ସ ଦିଆଯିବ। ଚଳିତ ବର୍ଷ ଜିଲ୍ଲାକୁ ଯୋଗାଣ ହେଉଥିବା ୧୭ ହଜାର ୩୭୫ ମେଟ୍ରିକ୍ ଟନ୍ ୟୁରିଆ ସାର ମଧ୍ୟରୁ ୧୦ ହଜାର ମେଟ୍ରିକ୍ ଟନ୍ ୟୁରିଆ କେବଳ ସମବାୟ ସଂସ୍ଥାକୁ ଦିଆଯିବ। କିନ୍ତୁ ଗତ ୧୮ ତାରିଖ ସୁଦ୍ଧା ଏହି ୬୮ଟି ସୋସାଇଟିକୁ ମାତ୍ର ୧୪ ହଜାର ୪୭୭ କ୍ୱିଣ୍ଟାଲ ୟୁରିଆ ସାର ଯୋଗାଇ ଦିଆଯାଇଛି। ସେହିଭଳି ଡିଏପି ସାର ଜିଲ୍ଲାକୁ ଆସୁ ନ ଥିବା ଜଣାଯାଇଛି। ଭଦ୍ରକ ଜିଲ୍ଲାକୁ ଡିଏପି ସାର ୧୩ ହଜାର ୧୭୦ ମେଟ୍ରିକ୍ ଟନ୍ ଆସିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବାବେଳେ ମାତ୍ର ୧୯୩୦ କ୍ୱିଣ୍ଟାଲ ଡିଏପି ସୋସାଇଟିକୁ ଦିଆଯାଇଛି। ସେହିଭଳି ଜିଲ୍ଲାକୁ ୩୯୮୫ ମେଟ୍ରିକ୍ ଟନ୍ ଏମ୍ଓପି ସାର ଟାର୍ଗେଟ ହୋଇଥିବାବେଳେ ୬୮ଟି ସୋସାଇଟିକୁ ମାତ୍ର ୪,୭୭୫ କ୍ୱିଣ୍ଟାଲ ଏମ୍ଓପି ସାର ପ୍ରଦାନ କରାଯାଇଥିବା ଜଣାଯାଇଛି। ୨୦-୨୦-୦ ସାର ଜିଲ୍ଲାକୁ ୩୩୫୫ ମେଟ୍ରିକ୍ ଟନ୍ ଟାର୍ଗେଟ ହୋଇଥିବାବେଳେ ଏହି ସବୁ ସୋସାଇଟିକୁ ମାତ୍ର ୨୯୭୯ କ୍ୱିଣ୍ଟାଲ ପ୍ରଦାନ କରାଯାଇଛି। ଜିଲ୍ଲାକୁ ନାନୋ ବୋତଲ ୟୁରିଆ ସାର ୩୬୪୦ ବୋତଲ ଟାର୍ଗେଟ ହୋଇଥିବାବେଳେ ସେଥିରୁ ଆଗୁଆ ୨୪୦୦ ବୋତଲ ସମବାୟ ସଂସ୍ଥାକୁ ମାର୍କଫେଡ୍ ଜବରଦସ୍ତ ଦେଇସାରିଲେଣି। ଚାଷୀମାନେ ଦାନା ସାର ଖୋଜୁଥିବାବେଳେ ସୋସାଇଟି ସମ୍ପାଦକମାନେ ଜବରଦସ୍ତ ନେଇଥିବା ଏହି ୨୪୦୦ ୟୁରିଆ ନାନୋ ବୋତଲକୁ ନେଇ ନିଜ ଗୋଦାମରେ ପକାଇ ରଖୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଛକ ବଜାରରେ ଥିବା ସାର ଦୋକାନକୁ ମାର୍କଫେଡ୍ ସାର ଦେଉ ନ ଥିବାବେଳେ ସମବାୟ ସଂସ୍ଥାକୁ ବି ସମ୍ପୂର୍ଣ୍ଣ ଗର୍ଗେଟ ପୂରଣ କରିପାରୁନାହିଁ। କେବେ ଡିଏପି ସାର ଆସିବ ତାହାକୁ ଚାଷୀ ଅନାଇ ବସିଛନ୍ତି। ଅନ୍ୟପକ୍ଷରେ ୧୦୮ରୁ ୬୮ଟି ସୋସାଇଟି ସାର ଅଳ୍ପ କିଛି ନେଇଥିବାବେଳେ ବାକି ୪୦ଟି ସୋସାଇଟି ସାର ପାଉନାହାନ୍ତି। ଜିଲ୍ଲାର ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ ସାର ଯୋଗାଣ କରିବାକୁ ଥିବାବେଳେ ସାରା ଯୋଗାଣର ମନ୍ଥର ଗତିକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ୭ ଦିନିଆ ବିପର୍ଯ୍ୟୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବାସୁଦେବପୁର,୨୩।୭ (ସମିସ):** ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଆନୁକୂଲ୍ୟରେ ବାସୁଦେବପୁର ବ୍ଲକ୍ ବାଲିମୁଣ୍ଡା ପଞ୍ଚାୟତ ବଡ଼ହାବେଳିସାହି ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ୪ଟି ନନ୍ ସେଲଟର ଗ୍ରାମର ସ୍ୱେଚ୍ଛାସେବୀଙ୍କୁ ନେଇ ୭ଦିନିଆ ବିପର୍ଯ୍ୟୟ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବାଲିମୁଣ୍ଡା ପଞ୍ଚାୟତର ସାନହାବେଳିସାହି, ନନ୍ଦପାଟଣା, ବାଲିମୁଣ୍ଡା ଓ ଚାରଟିକିରା ଗ୍ରାମରୁ ୧୦ଜଣ କରି ୪ଟି ଗ୍ରାମରୁ ୪୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ନୋଡାଲ ଅଫିସର ତଥା ଜିପିଇଓ ଅଲେଖ ଚରଣ ମଳିକ, ନୋଡାଲ ଏନ୍‌ଜିଓର ସମ୍ପାଦକ ରମାକାନ୍ତ ଡାଙ୍ଗୁଆ, ସମାଜସେବୀ ତପନ ଦାସ ଯୋଗଦେଇ ପ୍ରଶିକ୍ଷଣ ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ରାଜ୍ୟ। ବାସୁଦେବପୁର ବ୍ଲକ୍‌ର ଅଧିକାଂଶ ପଞ୍ଚାୟତର ଗ୍ରାମଗୁଡ଼ିକ ଉପକୂଳ ଅଞ୍ଚଳରେ ହୋଇଥିବାରୁ କେତେବେଳେ ବନ୍ୟା ତ କେତେବେଳେ ବାତ୍ୟାର ତାଣ୍ଡବ ରଚନା କରୁଛି। ଏହି ଅଞ୍ଚଳର ବାତ୍ୟା ଆଶ୍ରୟସ୍ଥଳୀ ନ ଥିବା ଗାଁର ଯୁବକଯୁବତୀଙ୍କୁ ବିପର୍ଯ୍ୟୟ ସମୟରେ କ୍ଷୟକ୍ଷତିକୁ ହ୍ରାସ କରିବା ପାଇଁ ନିଜର ଆଖପାଖରେ ଥିବା ସାମଗ୍ରୀଗୁଡ଼ିକ ବ୍ୟବହାର କରିବାର କୌଶଳ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ପ୍ରଶିକ୍ଷକ ଭାବେ ଭାଗିରଥି ପଲାଇ, ଲକ୍ଷ୍ମୀପ୍ରିୟା ଭୋଇ ଓ ବିଶ୍ୱଜିତ ଗ୍ରହାଚାର୍ଯ୍ୟ ୭ ଦିନ ଧରି ଖୋଜିବା, ଉଦ୍ଧାରକରିବା, ପ୍ରାଥମିକ ଚିକିତ୍ସା ତାଲିମ ପ୍ରଦାନ କରିଥିଲେ। ବଜ୍ରପାତ, ସାପ କାମୁଡ଼ା, ନିଆଁ ଲିଭାଇବା, ପାଣିରୁ ଉଦ୍ଧାର ଆଦି ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଜିପିଇଓ ଶ୍ରୀ ମଳିକ, ପିଇଓ ରବିନାରାୟଣଦାସ ଓ ଲାଇଫ୍ ଲାଇନ୍ ସମ୍ପାଦକ ରମାକାନ୍ତ ଡାଙ୍ଗୁଆ ଉଦ୍‌ବୋଧନ ଦେଇଥିଲା। ଉପସ୍ଥିତ ସ୍ୱେଚ୍ଛାସେବୀମାନଙ୍କୁ ସାର୍ଟିଫିକେଟ, ଡ୍ରେସ୍ ଓ ବ୍ୟାଗ୍ ବଣ୍ଟନ କରିଥିଲେ।




## ୩ ଛୁଆର ବାପା ନାବାଳିକାକୁ ନେଇ ଫେରାର୍

**ବନ୍ତ/ଆଗରପଡ଼ା,୨୩।୭ (ସମିସ):** ୩ଟି ଛୁଆର ବାପା ଜଣେ ନାବାଳିକାକୁ ନେଇ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ଆଗରପଡ଼ା ଥାନାଧିକାରୀ ରାଜେଶ ସେଠୀ ଅଭିଯୋଗ ପାଇ ତୁରନ୍ତ ସନ୍ଦିଗ୍ଧ ସ୍ଥାନରେ ଅତର୍କିତ ଚଢ଼ଉ କରିଥିଲେ ସୁଦ୍ଧା ସମ୍ପୃକ୍ତ ବ୍ୟକ୍ତି ଜଣକ ନାବାଳିକାକୁ ନେଇ କୌଶଳକ୍ରମେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ଅପହୃତାଙ୍କୁ ଉଦ୍ଧାର ପାଇଁ ଥାନାଧିକାରୀ ଉଦ୍ୟମ ଜାରି ରଖିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଅପହର୍ତ୍ତା ଜଣଙ୍କ ଘର ସୋର ଥାନା ମାଖନପୁର ଅଞ୍ଚଳରେ। ସେ କିଛିବର୍ଷ ତଳେ ଆଗରପଡ଼ା ଥାନା ଅନ୍ତର୍ଗତ ବଡ଼ମହିଁଷଗୋଠ ପଞ୍ଚାୟତା ଅନ୍ତର୍ଗତ ଘଣ୍ଟଗଡ଼ିଆ ଗ୍ରାମରେ ବିବାହ କରିଥିଲେ। ତେଣୁ ସେ ଶଶୁର ଘରକୁ ବାରମ୍ବାର ଯିବାଆସିବା କରୁଥିଲେ। ଏହାରି ମଧ୍ୟରେ ଶଶୁର ଘର ନିକଟସ୍ଥ ଏକ ଗ୍ରାମର ଜଣେ ନାବାଳିକାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ପ୍ରେମ ଜାଲରେ ଫସାଇ ତାକୁ ଅପହରଣ କରିନେଇଛନ୍ତି ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଥାନା କେସ୍ ନଂ-୧୬୩/୨୬ରେ ଏକ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଜାରୀ ରଖିଛି। ଅପହର୍ତ୍ତାଙ୍କର ତିନୋଟି ଛୋଟ ଝିଅ ଓ ସ୍ତ୍ରୀ ଥିବାର ଜଣାପଡ଼ିଛି।

## ୨ ମାସରେ ରାସ୍ତାରୁ ଉଠିଲା ପେଭର ବ୍ଲକ୍

**ବାରିକପୁର,୨୩।୭ (ସମିସ):** ଭଦ୍ରକ ଗ୍ରାମ୍ୟ ଉନ୍ନୟନ ବିଭାଗ ୨ ଅଧୀନସ୍ଥ ଭଣ୍ଡାରିପୋଖରୀ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ତତ୍ତ୍ୱାବଧାନରେ ନିର୍ମିତ ପେଭର ବ୍ଲକ୍ ରାସ୍ତା ୨ ମାସ ମଧ୍ୟରେ ନଷ୍ଟ ହୋଇଛି। ଫଳରେ ଯାତାୟାତ ପାଇଁ ସବୁଦିନ ହଜାର ହଜାର ଜନସାଧାରଣ ଯନ୍ତ୍ରଣା ଭୋଗୁଛନ୍ତି। ଏପରିକି ସାଇକଲ ଓ ବାଇକ୍ ଆରୋହୀମାନେ ଦୈନିକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏଭଳି ଚିତ୍ର ଦେଖିବାକୁ ମିଳିଛି ରାମଚନ୍ଦ୍ରପୁର ପଞ୍ଚାୟତ ମଣାଗଡ଼ିଆ ଗ୍ରାମ ନିକଟରେ।



ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକୃତ ୩ ନମ୍ବର କେନାଲ ରାସ୍ତାର କିଛି ଅଂଶକୁ ଗତ ମାର୍ଚ୍ଚ, ଏପ୍ରିଲ୍ ମାସରେ ପେଭର ବ୍ଲକ୍ ନିର୍ମାଣ କରାଯାଇଥିଲା। ଗାଁର ଶିବ ମନ୍ଦିରଠାରୁ ରାଡୋ କେନାଲ ପୋଲ ଯାଏଁ ଏହି ନିର୍ମାଣ ହୋଇଥିବାବେଳେ ଏଥିପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ହୋଇଛି। କାମ ଆରମ୍ଭରୁ ଶେଷ ଯାଏଁ ବିଭାଗୀୟ ଯନ୍ତ୍ରୀମାନେ ସଠିକ୍ ତଦାରଖ କରି ନ ଥିବା ସ୍ଥାନୀୟ ବାସିନ୍ଦାମାନେ ଅଭିଯୋଗ କରିଛନ୍ତି। ଫଳରେ ଠିକାଦାର ମନମୁଖୀ ଭାବେ ନିର୍ମାଣ କାର୍ଯ୍ୟ ସାରିବା ପରେ ରାସ୍ତା ଅବସ୍ଥା ଧୀରେ ଧୀରେ ଖରାପ ହୋଇଥିଲା। ପଡ଼ିଥିବା ପେଭର ବ୍ଲକ୍ ମାସ ୨ଟା ଭିତରେ ଉଠିଯାଇଛି। କେତେକ ସ୍ଥାନରେ ମଧ୍ୟ ରାସ୍ତା ଦବିଗଲାଣି। ଅବସ୍ଥା ଏଭଳି ହୋଇଛି ଯେ ରାସ୍ତାରେ ଚାଲିକି ଗଲେ ପଭେର ଇଟା ହଲିଯାଉଛି। ଇଟାକୁ ଇଟା ସଂଯୁକ୍ତ ସ୍ଥାନ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଛି। ସାଇକଲ ଓ ବାଇକ୍‌ରେ ଯାଉଥିବା ଲୋକ ଟିକିଏ ଅସାବଧାନତା ହେଲେ ଦୁର୍ଘଟଣାର ଶିକାର ହେଉଛନ୍ତି। ନିର୍ମାଣ କାର୍ଯ୍ୟକୁ ଦୁଇ ମାସ ପୂରି ନ ଥିବାବେଳେ ରାସ୍ତାର ଅବସ୍ଥା ସଙ୍କଟାପନ୍ନ ହୋଇଛି। ସୁଦୂର ଛତାବରଠାରୁ ମାଳଦା ଯାଏଁ ହଜାର ହଜାର ଜନସାଧାରଣ ଏହି ବାଟେ ଯାତାୟାତ କରୁଥିବାବେଳେ ପଥଟି ଏବେ ମରଣଯନ୍ତା ପାଲଟିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଦୁଃଖର ବିଷୟ ରାସ୍ତା ନବୀକରଣ ନାମରେ ଲକ୍ଷାଧିକ ଟଙ୍କା ପାଣିରେ ପଡ଼ିଯାଇଛି। ଜନସାଧାରଣ ଏହାକୁ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କେହି ମୁଣ୍ଡ କାନ ହଲାଉ ନାହାନ୍ତି। ତେଣୁ ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଚୋରା ମଦ ଜବତ; ବେପାରୀ ଗିରଫ

**କର୍ୟାଁଗୋଲା,୨୩।୭:(ସମିସ):** ମଙ୍ଗଳପୁର ଥାନା ମହତାବ ସ୍କୁଲ ସାମ୍ନାରେ ଦୀର୍ଘ ଦିନ ଧରି ଚୋର ମଦ ବେପାର ଚାଲିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ମଧ୍ୟ ହୋଇଥିଲା। ଆଜି ଅପରାହ୍ଣରେ ମଙ୍ଗଳପୁର ବଜାରରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଜଣେ ଚୋରା ମଦ ବେପାରୀକୁ ଗିରଫ କରାଯାଇଛି। ତା' ଠାରୁ ୨୧ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଗିରଫ ହୋଇଥିବା ଅଭିଯୁକ୍ତ ହେଲା ମଙ୍ଗଳପୁରର ପ୍ରଶାନ୍ତ ଜେନା। ତାଙ୍କ ବିରୋଧରେ ମଙ୍ଗଳପୁର ପୁଲିସ୍ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସ୍କୁଲ ସାମ୍ନାରେ ମଦ ବିକ୍ରି ହେଉଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପୁଲିସର ଏହି କାର୍ଯ୍ୟାନୁଷ୍ଠାନକୁ ସ୍ଥାନୀୟ ଲୋକେ ସ୍ୱାଗତ କରିଛନ୍ତି।

## ବଳାତ୍କାର ଉଦ୍ୟମ ଘଟଣାରେ ୨ ଗିରଫ

**ଧର୍ମଶାଳା,୨୩।୭ (ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ପଞ୍ଚାୟତ ବେତଣ୍ଡା ଗ୍ରାମର ଜଣେ ଯୁବତୀଙ୍କୁ ବଳାତ୍କାର ଉଦ୍ୟମ କରୁଥିବା ଅଭିଯୋଗରେ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ସୂଚନା ମୁତାବକ ବେତଣ୍ଡା ଗ୍ରାମର ଜୈନକ ଯୁବତୀ ଘରକୁ କୁଆଖିଆ ଥାନା ଏରବାଙ୍କ ଗ୍ରମର ସୂରଜ ପରମାଣିକ ଓ ଏହି ବ୍ରହ୍ମବରଦା ଥାନା କାକୁଡିକୁଦ ଗ୍ରାମର ସତ୍ୟବ୍ରତ ସାହୁ (୨୦) ଗତକାଲି ସନ୍ଧ୍ୟାରେ ଆସି ଯୁବତୀ ଜଣକୁ ବଳାତ୍କାର ଉଦ୍ୟମ କରିଥିଲେ। ଏନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିବା ପରେ ଧର୍ମଶାଳା ଥାନା ପୁଲିସ ୨୯୭/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦୁଇ ଯୁବକକୁ ଗିରଫ କରିବା ସହିତ ସେମାନଙ୍କ ଡାକ୍ତରୀ ମାଇନା କରିଥିଲା। ପରେ ଆଜି ଉଭୟ ସୂରଜ ଓ ସତ୍ୟବ୍ରତକୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ପୁଲିସ ସୂଚନା ଦେଇଛି।

## ବାଇକ୍ ଚୋରି ଅଭିଯୋଗରେ ୨ ଗିରଫ

**ଧର୍ମଶାଳା,୨୩।୭ (ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ଦେଓଡା ଗ୍ରାମର ଜଣକ ଘରୁ ଗତକାଲି ରାତିରେ ଦୁର୍ବୃତମାନେ ଗୋଟିଏ ବାଇକ ଚୋରି କରିନେଇଯାଇଥିଲେ। ଗତକାଲି ରାତିରେ ପୁଲିସ ପେଟ୍ରୋଲିଙ୍ଗ କରୁଥିବା ବେଳେ ଦୁଇଜଣ ଦୁବୃତ୍ତଙ୍କ ଅଟକାଇ ପଚାର ଉଚରା କରିଥିଲେ। ତେବେ ଛକର ଦ୍ୱୟଙ୍କ କଥାରେ ତାଲମେଲ ନରହିବାରୁ ପୁଲିସ ତାଙ୍କୁ ଥାନାକୁ ଆଣି ଅଧିକ ପଚାର ଉଚରା କରିଥିବା ପରେ ସେ ଜଣକ ଘରୁ ବାଇଟିକୁ ଚୋରୀ କରି ଆଣିଥିବ ଶ୍ୱକର କରିଥିଲେ . ଏନେଇ ପୁଲିସ ୨୯୮/୨୬ରେ ଏକ ମାମଲା ରୁଜୁ କରି ଚୋରିରେ ସମ୍ପୃକ୍ତ ଦେଓଡା ଫଚାୟତ ଚାନ୍ଦ ମୋହିନୀ ଗ୍ରାମର ଆଶିଷ ବେହେରା (୨୫) ଓ ମକର ମଲିକ (୨୧)ଙ୍କୁ ଗିରଫ କରିଥିଲା। ଆଜି ଉଭୟଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣକରାଯାଇଥିବା ନେଇ ଥାନା ଅଧିକାରୀ ଚିନ୍ମୟୀ ସାହୁ ସୂଚନା ଦେଇଛନ୍ତି।

## ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

**ଯାଜପୁର,୨୩।୭ (ସମିସ):** ଦଶରଥପୁର ବ୍ଲକ୍ ରାମବାଗ ରିଜିଓନାଲ ଡିଗ୍ରୀ କଲେଜ ପରିସରରେ ଶକ୍ତିଶ୍ରୀ ସଚେତନତା କାର୍ଯ୍ୟକ୍ରମ ଓ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ଚିତାଲୋ ଡିଗ୍ରୀ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ଅଧ୍ୟାପିକା ଡକ୍ଟର ଏସ୍. କଳ୍ପନା ଯୋଗଦେଇ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ବିସ୍ତୃତ ଭାବରେ ସଚେତନ ଓ ଆତ୍ମରକ୍ଷା ସମ୍ପର୍କରେ ଅବଗତ କରାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରିଜିଓନାଲ ଡିଗ୍ରୀ କଲେଜର ବରିଷ୍ଠ ଅଧ୍ୟାପିକା ନିବେଦିତା ବେହୁରିଆ, ବିଜୟିନୀ ପାକିଜା ସାମଲ ଓ ଶକ୍ତିଶ୍ରୀ ସଂଯୋଜିକା ଅର୍ଣ୍ଣପୂର୍ଣ୍ଣା ଦାଶ ଯୋଗଦେଇ କାର୍ଯ୍ୟକ୍ରମରେ ସଫଳରୂପାୟନ ନିମନ୍ତେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ତିନିଶହରୁ ଅଧିକ ଛାତ୍ରୀ ଅଂଶଗ୍ରହଣ କରି ଦକ୍ଷ ପ୍ରଶିକ୍ଷଣ କାଜଲ ବେହେରା ଓ ପୂର୍ଣ୍ଣିମା ବେହେରାଙ୍କ ଠାରୁ ପ୍ରଶିକ୍ଷଣ ନେଇଥିଲେ। ଏହି କାର୍ଯ୍ୟକ୍ରମ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ୬ ଦିନବ୍ୟାପି ଅନୁଷ୍ଠିତ ହେବା ପାଇଁ କାର୍ଯ୍ୟକ୍ରମ ସ୍ତିରିକୃତ ହୋଇଅଛି। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକାଓ କର୍ମ.ଚାରୀମାନେ ସହଯୋଗ କରିଥିଲେ।

### ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟ ପ୍ରତି ସରକାରଙ୍କ ନିଘା ନାହିଁ

# ଶିକ୍ଷକ ଅଭାବ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ

**ଆରଡ଼ି,୨୩।୭ (ସମିସ):**

ଚାନ୍ଦବାଲି ବ୍ଲକ୍ ଅଧୀନସ୍ଥ ସୁନ୍ଦରପୁର ଗ୍ରାମ ପଞ୍ଚାୟତର ସୁନ୍ଦରପୁରଠାରେ ୧୯୮୧ ମସିହାରୁ ସ୍ଥାପିତ ହୋଇଥିବା ୬୧୦ ବର୍ଗର ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟ ପ୍ରତି ସରକାରଙ୍କ ନଜର ନାହିଁ। ଏହି ବିଦ୍ୟାଳୟରେ ନବମ ଓ ଦଶମ ଦୁଇଟି ଶ୍ରେଣୀର ଛାତ୍ରଛାତ୍ରୀ ପାଠ ପଢ଼ନ୍ତି। ବର୍ତ୍ତମାନ ବିଦ୍ୟାଳୟରେ ୧୪୯ ଜଣ ପିଲା ପାଠ ପଢୁଥିଲେ ବି ପ୍ରଧାନଶିକ୍ଷକଙ୍କ ସମେତ ମାତ୍ର ୩ ଜଣ ଅଛନ୍ତି। ସରକାରୀ ହିସାବରେ ଏହି ବିଦ୍ୟାଳୟରେ ୫ଜଣ ତାଲିମପ୍ରାପ୍ତ ଶିକ୍ଷକ ସହିତ ଜଣେ ସଂସ୍କୃତ, ଜଣେ ହିନ୍ଦୀ, ଜଣେ ଖେଳ ଶିକ୍ଷକ ଓ ଜଣେ କିରାଣି ରହିବାର ନିୟମ ରହିଛି। କିନ୍ତୁ ବର୍ତ୍ତମାନ ଜଣେ ପ୍ରଧାନଶିକ୍ଷକ, ଜଣେ ତାଲିମପ୍ରାପ୍ତ ଶିକ୍ଷକ ଓ ଜଣେ ଖେଳ ଶିକ୍ଷକଙ୍କୁ ଛାଡ଼ିଦେଲେ ଆଉ ସବୁ ପଦବୀ ଖାଲି ପଡ଼ିଛି। ଯାହାଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ପିଲାମାନେ ଉଚିତ୍ ଢଙ୍ଗରେ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି। ମଧ୍ୟାହ୍ନଭୋଜନ ବ୍ୟବସ୍ଥା ଥିବାରୁ ଜଣେ ଶିକ୍ଷକଙ୍କୁ ବି ସେଥିପାଇଁ ସମୟ ଦେବାକୁ ପଡୁଛି। ଶିକ୍ଷାଦାନ ନାମକୁ ମାତ୍ର ଚାଲିଛି।



### ଫାଟକ ବିହୀନ ସୁରକ୍ଷା ପାଚେରି

ବର୍ତ୍ତମାନ ଶିକ୍ଷାର ପ୍ରଣାଳୀ ଯାହା ମାଟ୍ରିକ୍ ହିଁ ପିଲାମାନଙ୍କର ମୂଳଦୁଆ। ଏଥିରେ ଭଲ ନମ୍ବର ରଖିଲେ ଉଚ୍ଚଶିକ୍ଷା ପାଇଁ ଭଲ ଭଲ ମହାବିଦ୍ୟାଳୟରେ ସ୍ଥାନ ପାଇବେ। ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ନେଇ ସରକାର ଖେଳୁଥିବାର ନଜର ଆସୁଛି। ବିଦ୍ୟାଳୟରେ କିରାଣି ନ ଥିବାରୁ ପ୍ରଶାସନିକ କାମ କରିବା ମଧ୍ୟ କଷ୍ଟକର ବ୍ୟାପାର ହେଉଛି। ସେହିଭଳି ବିଦ୍ୟାଳୟରେ ସୁରକ୍ଷା ପାଚେରି ପୂର୍ଣ୍ଣାଙ୍ଗ ହୋଇ ନ ଥିବାରୁ ଗାଇଗୋରୁ ପ୍ରତିଦିନ ପଶୁଛନ୍ତି। ଫାଟକ ନ ଥିବାରୁ ପିଲାଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିଦ୍ୟାଳୟରେ ସାଇକଲ ଷ୍ଟାଣ୍ଡ ନ ଥିବାରୁ ପିଲାମାନେ ବହୁତ ହଇରାଣ ହେଉଛନ୍ତି। କୌଣସି ମଣ୍ଡପ ନ ଥିବାରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାରେ ବାଧା ଉପୁଜୁଛି। ଖେଳକୁଦ ପାଇଁ ମଧ୍ୟ ଆବଶ୍ୟକ ଭିତ୍ତିଭୂମିର ଅଭାବ ରହିଛି। ବ୍ଲକ୍ ଶିକ୍ଷା ଅଧିକାରୀ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଏଥିପ୍ରତି ଯତ୍ନବାନ ହୋଇ ବିଦ୍ୟାଳୟର ଶିକ୍ଷକ ଆବଶ୍ୟକତା ଓ ଆନୁସଙ୍ଗିକ ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି।

### ■ ତାଲିକାରେ ନାଁ ଅଛି; ହେଲେ ମିଳୁନି

# ଆବାସ ଖଣ୍ଡିଏ ପାଇଁ ୨୦ ବର୍ଷ ହେଲା ଗୌରୀଙ୍କ ସଂଗ୍ରାମ

**ଅସୁରାଳି,୨୩।୭ (ସମିସ):** ସରକାରୀ ଯୋଜନା ଗରିବ ଲୋକଙ୍କ ପାଇଁ ନା ପ୍ରଶାସନିକ ଲାଲ୍ ଫିତା ପ୍ରହସନ ପାଇଁ, ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋବିନ୍ଦପୁର ଗ୍ରାମର ଜଣେ ଗରିବ ମହିଳା ଆବାସ ଯୋଜନାରେ ଖଣ୍ଡିଏ ମୁଣ୍ଡ ଗୁଞ୍ଜିବା ପାଇଁ ବାସଗୃହ ପାଇବାକୁ ଦୀର୍ଘ ୨୦ ବର୍ଷ ହେବ ନିରନ୍ତର ସଂଗ୍ରାମ କରିଆସୁଥିଲେ ମଧ୍ୟ ପ୍ରଶାସନର ଦେଖାମିଳୁ ନାହିଁ।

ସୂଚନା ଅନୁଯାୟୀ, ଗୋବିନ୍ଦପୁର ଗ୍ରାମର ବିଜୟକୁମାର ରାଉତଙ୍କ ପତ୍ନୀ ଗୌରୀ ରାଉତ (୪୫) ନିଜ ପରିବାର ସହ ବହୁ କଷ୍ଟରେ ଜୀବନ ବିତାଉଛନ୍ତି। ଖଣ୍ଡିଏ ସରକାରୀ ସହାୟତାରେ ପକ୍କା ଘର ପାଇବା ପାଇଁ ସେ ବିଗତ ଦୁଇ ଦଶନ୍ଧି ହେବ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ସରକାରଙ୍କ ଆବାସ ତାଲିକାରେ ତାଙ୍କ ନାମ ରହିଛି। ଯୋଗ୍ୟ ହିତାଧିକାରୀ ଭାବେ ତାଲିକାରେ ନାଁ ଥାଇ ମଧ୍ୟ କେଉଁ ଅଦୃଶ୍ୟ କାରଣ ପାଇଁ ତାଙ୍କୁ ଘର ମିଳୁନାହିଁ, ତାହା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ୨୦ ବର୍ଷର ଏହି ଦୀର୍ଘ ଅପେକ୍ଷା ଓ ଅସହାୟତା ଭିତରେ ଗୌରୀଙ୍କ ପରିବାର ଭଙ୍ଗା ଦଦରା ଘରେ ଖରା, ବର୍ଷା ଓ ଶୀତ କାକରକୁ ସହ୍ୟ କରି ମୁଣ୍ଡ ଗୁଞ୍ଜିବାକୁ ବାଧ୍ୟ ହେଉଛନ୍ତି। ପ୍ରଶାସନିକ ଅବହେଳାର ଏହା ଏକ ଚରମ ନମୁନା ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ସରକାରୀ ନିୟମ ଅନୁସାରେ ତାଲିକାଭୁକ୍ତ ହିତାଧିକାରୀଙ୍କୁ ତୁରନ୍ତ ସହାୟତା ମିଳିବା କଥା, ହେଲେ ଏଠାରେ ବର୍ଷ ପରେ ବର୍ଷ ବିତିଯାଉଥିଲେ ମଧ୍ୟ ସ୍ଥିତି ବଦଳୁନାହିଁ। ତୁରନ୍ତ ଜିଲ୍ଲା ପ୍ରଶାସନ ଓ ସମ୍ପୃକ୍ତ ବିଭାଗୀୟ ଉଚ୍ଚ ପଦାଧିକାରୀ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ତଦନ୍ତ କରନ୍ତୁ ଏବଂ ଗୌରୀ ରାଉତଙ୍କ ପରିବାରକୁ ତାଙ୍କର ପ୍ରାପ୍ୟ ସରକାରୀ ବାସଗୃହ ଯୋଗାଇଦେବାକୁ ଗ୍ରାମବାସୀ ତଥା ସ୍ଥାନୀୟ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।



## ମରଣଯନ୍ତା ପାଲଟିଛି ୧୮ ନଂ ଜାତୀୟ ରାଜପଥ

# ବେତନଟୀରୁ କଳମା ବିପଜ୍ଜନକ ସ୍ଥିତି, ବାରମ୍ବାର ଘଟୁଛି ଦୁର୍ଘଟଣା

ବେତନଟୀ, ୨୩।୭ (ସମିସ)



ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ରାସ୍ତା ୧୮ ନଂ ଜାତୀୟ ରାଜପଥ ଏବେ ସାଧାରଣ ଯାତ୍ରୀ ଓ ବାହନ ଚାଳକଙ୍କ ପାଇଁ ସାଜିଛି ବିପଦର କାରଣ। ବିଶେଷକରି ବେତନଟୀରୁ କଳମା ମଧ୍ୟରେ ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଯାତାୟାତ ଅତ୍ୟନ୍ତ ଦୁର୍ବିସହ ହୋଇପଡ଼ିଛି। ପିଚୁ ଉଠିଯାଇ ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ଶହ ଶହ ଗାତ ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟୁଥିବାବେଳେ ପ୍ରଶାସନିକ ନିଷ୍କ୍ରିୟତାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଉଛି।

ବୈଶିଙ୍ଗାରୁ ବେତନଟୀ ପର୍ଯ୍ୟନ୍ତ ଏହି ରାଜପଥରେ ପ୍ରାୟ ୨୦ରୁ ଅଧିକ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। କେତେକ ସ୍ଥାନରେ ୧ଫୁଟ ଗଭୀରର ଗାତ ଦେଖିବାକୁ ମିଳୁଛି। ବର୍ତ୍ତମାନ ବର୍ଷାଦିନ ହୋଇଥିବାରୁ ଏହି ଗାତରେ ବର୍ଷାପାଣି ଜମି ରହୁଛି, ଫଳରେ ଗାତର ଗଭୀରତା ଜାଣି ନ ପାରି ବିଶେଷକରି ଦୁଇଚକିଆ ଯାନ ଚାଳକ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ମୁଖ୍ୟତଃ ଡାଇଭର୍ସନ ନିକଟରେ ସ୍ଥିତି ସବୁଠାରୁ ଅଧିକ ବିପଜ୍ଜନକ ରହିଛି। ପ୍ରତିଦିନ ଏହି ମାର୍ଗ ଦେଇ ଏକାଧିକ ସ୍କୁଲ ବସ୍, ଜରୁରିକାଳୀନ ଆମ୍ବୁଲାନ୍ସ, ଯାତ୍ରୀବାହୀ ବସ୍ ଓ ଭାରୀ ମାଲବାହୀ ଟ୍ରକ୍ ଚଳାଚଳ କରୁଛି। ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ଯେକୌଣସି ସମୟରେ କୌଣସି ବଡ଼ ଧରଣର ଅଘଟଣ ଘଟି ଧନଜୀବନ ହାନି ହେବାର ଆଶଙ୍କା ଏଡ଼ାଇଦିଆଯାଇନପାରେ। ସ୍ଥାନୀୟଲୋକଙ୍କ ଅଭିଯୋଗ ଅନୁଯାୟୀ ରାସ୍ତାର ଶୋଚନୀୟ ସ୍ଥିତି ସମ୍ପର୍କରେ ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର ଦୀର୍ଘ ଦିନ ବିତିଯାଇଥିଲେ ହେଁ କୌଣସି ସ୍ଥାୟୀ ସମାଧାନ କରାଯାଉନାହିଁ, ଯାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ ବୋଲି କହିଛନ୍ତି। ଏହି ଗୁରୁତର ସମସ୍ୟା ସମ୍ପର୍କରେ ସମ୍ପୃକ୍ତ ବିଭାଗୀୟ ଯନ୍ତ୍ରୀ ଗୁଲସନ ଭୂଷଣଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ କହିଛନ୍ତି, ବିଭାଗ ପକ୍ଷରୁ ସମସ୍ତ ବିପଜ୍ଜନକ ସ୍ଥାନର ସ୍ଥିତି ପରଖା ସରିଛି। ରାସ୍ତାରେ ସୃଷ୍ଟି ହୋଇଥିବା ଗାତଗୁଡ଼ିକୁ ପୂରଣ କରିବା ଏବଂ ମରାମତି କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ୧୮ ନଂ ଜାତୀୟ ରାଜପଥ ମୟୂରଭଞ୍ଜ ଜିଲ୍ଲାର ଜୀବନରେଖା ସଦୃଶ। ଦୈନନ୍ଦିନ ଯାତାୟାତ ପାଇଁ ଏହା ଉପରେ ନିର୍ଭର କରୁଥିବା ହଜାର ହଜାର ଲୋକଙ୍କ ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେବଳ ପ୍ରତିଶ୍ରୁତିରେ ସୀମାବଦ୍ଧ ନରହି, ଯୁଦ୍ଧକାଳୀନ ଭିତ୍ତିରେ ଏହି ରାସ୍ତାର ମରାମତି କାର୍ଯ୍ୟ ଶେଷ କରିବା ପାଇଁ ସାଧାରଣରେ ଦାବି ହେଉଛି। ପ୍ରଶାସନ ସମ୍ଭାବ୍ୟ ବଡ଼ ଦୁର୍ଘଟଣାକୁ ଅପେକ୍ଷା ନକରି ତୁରନ୍ତ ପଦକ୍ଷେପ ନେବା ଜରୁରୀ ବୋଲି ବୁଦ୍ଧିଜୀବୀ ମାନେ ମତ ରଖିଛନ୍ତି।

## କେନ୍ଦୁଝରଗଡ଼ ପୌରପାଳିକାରେ ଭୋଟର ଲିଷ୍ଟ ସଂଶୋଧନ ଓ ଶୁଣାଣି



କେନ୍ଦୁଝର, ୨୩।୭ (ସମିସ): କେନ୍ଦୁଝରଗଡ଼ ପୌରପାଳିକା ଅନ୍ତର୍ଗତ ୨୪- କେନ୍ଦୁଝର (ଏସ.ଟି) ନିର୍ବାଚନମଣ୍ଡଳୀରେ ଚାଲିଥିବା ଭୋଟର ଲିଷ୍ଟ ସଂଶୋଧନ ପ୍ରକ୍ରିୟାର ସମୀକ୍ଷା ପାଇଁ ଉପମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀପ୍ରସାଦ ସାହୁ କେନ୍ଦୁଝର ଗସ୍ତ କରିଛନ୍ତି। ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର ସଘନ ସଂଶୋଧନ, ଶୁଣାଣି ଓ ଅଭିଯୋଗ ଶିବିରରେ ଶ୍ରୀ ସାହୁ ବୁଥସ୍ତରୀୟ ଅଧିକାରୀ ଏବଂ ନିର୍ବାଚନ ଦାୟିତ୍ୱରେ ଥିବା ଅନ୍ୟାନ୍ୟ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଭୋଟର ତାଲିକାରେ ନାମ ପଞ୍ଜୀକରଣ, ସଂଶୋଧନ ଏବଂ ଭୋଟରଙ୍କ ଅଭିଯୋଗଗୁଡ଼ିକର ସମାଧାନ କିଭଳି ଅଧିକ ତ୍ୱରାନ୍ୱିତ ହୋଇପାରିବ, ସେନେଇ ସେ ସମ୍ପୃକ୍ତ ଅଧିକାରୀଙ୍କୁ ଆବଶ୍ୟକୀୟ ଦିଗଦର୍ଶନ ଦେଇଛନ୍ତି। ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ ଶିବିର କର୍ମଚାରୀ ଉପସ୍ଥିତ ଥିଲେ। ଶିବିରରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଲାଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟଙ୍କ ସମେତ ପଞ୍ଜୀକରଣ ଅଧିକାରୀ, ସହରୀ ପଞ୍ଜୀକରଣ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବିଏଲଓ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଏସ୍‌ଆଇଆର୍ ସମ୍ପର୍କିତ ଆରଡ଼ିସିସ୍ତରୀୟ ସମୀକ୍ଷା



କେନ୍ଦୁଝର,୨୩।୭ (ସମିସ): ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ତଥା ଭୋଟର ତାଲିକା ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ମହାପାତ୍ର କେନ୍ଦୁଝର ଜିଲ୍ଲା ଗସ୍ତ କରି ଚାଲୁରହିଥିବା ସ୍ୱତନ୍ତ୍ର ଗହନ ସଂଶୋଧନ-୨୦୨୬ କାର୍ଯ୍ୟକ୍ରମର ବ୍ୟାପକ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ଏବଂ ଉଭୟ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ଉପସ୍ଥିତିରେ ସମ୍ପୃକ୍ତ କର୍ମଚାରୀବୃନ୍ଦ ସହ ରାଜନୈତିକ ଦଳର ପ୍ରତିନିଧି ଯୋଗ ଦେଇଥିଲେ। ଏଥିସହ ଆରଡିସି କେନ୍ଦୁଝର ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରି କାର୍ଯ୍ୟକାରିତାର ସାମ୍ପ୍ରତିକ ଅଗ୍ରଗତିର ସରଜମିନ ତଦାରଖ କରିଥିଲେ। ବର୍ତ୍ତମାନ ସୁଦ୍ଧା ପ୍ରକାଶିତ ଚିଠା ଭୋଟର ତାଲିକାର ସ୍ଥିତି, ନୂତନ ଭୋଟରଙ୍କ ନାମ ଯୋଡ଼ିବା ଏବଂ ତଥ୍ୟର ଡିଜିଟାଇଜେସନ ପ୍ରକ୍ରିୟାର ସମୀକ୍ଷା କରାଯାଇଥିଲା। ୧୮ ବର୍ଷ କିମ୍ବା ତା'ରୁ ଊର୍ଦ୍ଧ୍ୱ ଯୋଗ୍ୟ ନାଗରିକଙ୍କୁ ନୂଆ ଭୋଟର ଭାବେ ଯୋଡ଼ିବା, ମୃତ, ସ୍ଥାନାନ୍ତରିତ କିମ୍ବା ଡୁପ୍ଲିକେଟ (ଦୋହରା) ଭୋଟରଙ୍କ ନାମ ତାଲିକାରୁ ହଟାଇବା ଏବଂ ନାମ, ବୟସ, ଠିକଣା କିମ୍ବା ଫଟୋ ସଂଶୋଧନ ପାଇଁ ଆସିଥିବା ଆବେଦନଗୁଡ଼ିକର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା। ରାଜନୈତିକ ଦଳର ପ୍ରତିନିଧିମାନଙ୍କଠାରୁ ମତାମତ ଓ ଅଭିଯୋଗ ଗ୍ରହଣ କରାଯାଇଥିଲା। ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ଓ ବୁଥ୍‌ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରି ଭୋଟର ତାଲିକାକୁ ଅଧିକ ନିର୍ଭୁଲ କରିବାରେ ସହଯୋଗ କରିବାକୁ ଆରଡିସି ପରାମର୍ଶ ଦେଇଥିଲେ। କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, କେନ୍ଦୁଝର ଉପଜିଲ୍ଲାପାଳ ଉମାଶଙ୍କର ଦଲାଇ, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଲକ୍ଷ୍ମୀପ୍ରସାଦ ସାହୁଙ୍କ ସମେତ ପଞ୍ଜୀକରଣ ଅଧିକାରୀ, ସହରୀ ପଞ୍ଜୀକରଣ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲଓ) ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଆନନ୍ଦପୁର ବଡ଼ଦାଣ୍ଡରେ ଭକ୍ତିଭରା ସଂଗୀତ

ଆନନ୍ଦପୁର, ୨୩।୭ (ସମିସ): ଆନନ୍ଦପୁରର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ଘୋଷଯାତ୍ରା ଅବସରରେ ବଡଦାଣ୍ଡରେ ବିଭିନ୍ନ ଦିନର ସନ୍ଧ୍ୟାରେ ଭକ୍ତି ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ଉପଖଣ୍ଡ ପ୍ରଶାସନ ଦେବୋତ୍ତର ବିଭାଗ ମନ୍ଦିର ପରିଚାଳନା କମିଟି ତତ୍ତ୍ୱାବଧାନରେ ଓଡିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବୀଣାପାଣି କଳା ନିକେତନ ଦୟାଲବାବା ଅନୁଷ୍ଠାନ କବଲ୍ୟ ପସରା ଓ ସା ନି ଧା ପା ଅନୁଷ୍ଠାନ ପକ୍ଷରୁ ସଂଗୀତ ପରିବେଷଣ କରାଯାଇଥିବା ବେଳେ ଶେଷ ସନ୍ଧ୍ୟାରେ ଆନନ୍ଦପୁର ଓଡିଶୀ ଶାସ୍ତ୍ରୀୟ ସଂଗୀତ ମହାବିଦ୍ୟାଳୟ ପକ୍ଷରୁ ଭକ୍ତି ସଂଗୀତ କାର୍ଯ୍ୟକ୍ରମ ହୋଇଥିଲା। ଉପଜିଲ୍ଲାପାଳ ନୀଳମାଧବ ସୁନା ସହକାରୀ ଉପଜିଲ୍ଲାପାଳ ତପନ ପ୍ରଧାନ ମନ୍ଦିର ପରିଚାଳକ ସୁରେନ୍ଦ୍ର ମିଶ୍ର କଣ୍ଠଶିଳ୍ପୀ ମଦନ ପାଣି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



## ଶ୍ରୀଜଗନ୍ନାଥ ଚେତନା ଓ ସେବା ସଂଘ ପକ୍ଷରୁ ପୂଜ୍ୟପୂଜା ସମ୍ବର୍ଦ୍ଧନା



ରାଇରଙ୍ଗପୁର, ୨୩।୭ (ସମିସ): ରାଇରଙ୍ଗପୁର ଦୁର୍ଗାମଣ୍ଡପ ଛକ ନିକଟରେ ଥିବା ମାଉସୀମା ମନ୍ଦିର "ଭଜନ ସନ୍ଧ୍ୟା ମଣ୍ଡପ'ରେ ଶ୍ରୀଜଗନ୍ନାଥ ଚେତନା ଓ ସେବାସଂଘ ପକ୍ଷରୁ ପୂଜ୍ୟ ପୂଜା "ଶ୍ରୀଜଗନ୍ନାଥ ସେବା ସମ୍ବର୍ଦ୍ଧନା ସମ୍ବର୍ଦ୍ଧନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେବା ସଙ୍ଘ ସଭାପତି ଲଳିତ ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯଦୁନାଥ ଜେନା ଯୋଗ ଦେଇ ପୂଜ୍ୟ ପୂଜାର ପରମ୍ପରା କାର୍ଯ୍ୟକ୍ରମକୁ ବେଶ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ନବୀନ ରାମ, ପରିକ୍ରମାର ମୁଖ୍ୟ ମନୋଜ ଦାସ ଯୋଗ ଦେଇ ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ଉତ୍ସର୍ଗୀକୃତ ସେବା ପ୍ରଦାନ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀଜଗନ୍ନାଥ ଚେତନା ଓ ସେବା ସଙ୍ଘ ୨୦୦୭ରୁ ଆରମ୍ଭ କରିଥିବା ପ୍ରଚାର ଓ ପ୍ରସାର କରିବାରେ ଯେଉଁମାନଙ୍କ ଗୁରୁ ଦାୟିତ୍ୱ ରହିଥିଲା ସେମାନଙ୍କୁ ବିଶେଷ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ଆଇନଜୀବୀ ତଥା ଉପଦେଷ୍ଟା ରସାନନ୍ଦ ଲେଙ୍କା, ବରିଷ୍ଠ ଉପଦେଷ୍ଟା ତୁଷାରକାନ୍ତି କବି, ମୋତିଲାଲ ଶତପଥୀ ( ପ୍ରଥମ ସଭାପତି), ସଚିକାନ୍ତ କର (ପ୍ରତିଷ୍ଠାତା ସମ୍ପାଦକ), ହରିଶ୍ଚନ୍ଦ୍ର ହୋତାଙ୍କୁ ସେବା ସମ୍ମାନ, ସେହିପରି ବିପିନ କାନୁନଗୋ (ସମର୍ପଣ ପତ୍ରିକାର ମୁଖ୍ୟ ସମ୍ପାଦକ), ବଜେନ୍ଦ୍ର ନାଥ ଦାସ (ପ୍ରଥମ ଉପସଭାପତି), ବିଷ୍ଣୁପଦ ଜେନା (ପ୍ରଥମ କୋଷାଧ୍ୟକ୍ଷ)ଙ୍କୁ ମରଣୋତ୍ତର ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଶ୍ରୀ ଜେନାଙ୍କ ପୁତ୍ର ବିଶ୍ୱଜିତ ଜେନା ସମ୍ମାନ ଗ୍ରହଣ କରିଥିଲାବେଳେ ଶ୍ରୀ ଦାସଙ୍କ ପୁତ୍ର ପ୍ରଦୀପ କୁମାର ଦାସ ମାନପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସହସମ୍ପାଦକ ସ୍ମୃତିରଞ୍ଜନ ପାଣି ସଂଯୋଜନା କରିଥିବାବେଳେ ଉପସଭାପତି ଦୁଷ୍ମନ୍ତ କୁମାର ବସା ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ସଂଗଠନ ସମ୍ପାଦକ ନିଗମାନନ୍ଦ ପଟ୍ଟନାୟକ, ସମର୍ପଣ ପତ୍ରିକାର ମୁଖ୍ୟ ସମ୍ପାଦକ ପୁଷ୍ପାଞ୍ଜଳି ତ୍ରିପାଠୀ, ଯୁଗ୍ମସମ୍ପାଦକ ମୁରଲୀଧର ବଳ, କୋଷାଧ୍ୟକ୍ଷ ମାନସ କୁମାର ଓତା, କାର୍ଯ୍ୟକାରିଣୀ ସଦସ୍ୟ ସୌରଭ ପଟ୍ଟନାୟକ, ଦୀପକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଆନନ୍ଦପୁର କଲେଜରେ ନୂତନ ଅଧ୍ୟକ୍ଷ



ଆନନ୍ଦପୁର, ୨୩।୭ (ସମିସ): ଆନନ୍ଦପୁର ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ଭାବେ ଡକ୍ଟର ଦେବେନ୍ଦ୍ର ନାରାୟଣ ପତ୍ରି ଯୋଗଦେଇଛନ୍ତି। ପରିଚାଳନା ପରିଷଦ ସଭାପତି ତଥା ଆନନ୍ଦପୁର ଉପଖଣ୍ଡର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ସାକ୍ଷାତ କରି କାର୍ଯ୍ୟରେ ଯୋଗ ଦେଇଛନ୍ତି। ମହାବିଦ୍ୟାଳୟର ଷ୍ଟାଫ କମନ୍ ରୁମ୍‌ରେ ଷ୍ଟାଫ ଆସୋସିଏସନ୍ ତରଫରୁ ନୂତନ ଅଧ୍ୟକ୍ଷଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଭାରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ନିମାଇଁ ଚାରଣ ରାଉତ ସମ୍ବର୍ଦ୍ଧିତ କରିଥିଲେ। ସଭାପତି ଦୁର୍ଗାଶଙ୍କର ପରିଡା, ଅଧ୍ୟାପିକା ଭାରତୀ ସାହୁ, ପ୍ରିୟସାରଥୀ ମହାପାତ୍ର, ଡ ଶକ୍ତିପ୍ରସାଦ ମହାପାତ୍ର, ରଘୁଦୀପ୍ତି ନାୟକ, ସବିନା ଆରା ବେଗମ, ପୁଷ୍ପଲତା ରାମ, ସଂଘମିତ୍ରା ରାଉତ, ଦିବ୍ୟରଞ୍ଜନ ସାହୁ, ଦେବପ୍ରକାଶ ରାମ ପ୍ରମୁଖ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ କରିଥିଲେ। ନୂତନ ଅଧ୍ୟକ୍ଷ ମହାବିଦ୍ୟାଳୟର ଉନ୍ନତି ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସ୍ୱୟଂଶାସିତ ମହାବିଦ୍ୟାଳୟରେ ପରିଣତ କରିବା ପାଇଁ ଉଦ୍ୟମ ଜାରି ରହିବ ବୋଲି ମତ ପ୍ରକାଶ କରିଥିଲେ। କାହ୍ନୁଚରଣ ଜେନା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ କାମୁଡ଼ାରେ ମୃତ ଛାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ବେତନଟୀ, ୨୩।୭ (ସମିସ): ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ପଞ୍ଚମ ଶ୍ରେଣୀ ଛାତ୍ର ସପନ ସୋରେନଙ୍କୁ ଆଜି ତାଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଦିଆଯାଇଚି। ବୈଶିଙ୍ଗା ଥାନା ଅଧୀନ ଗଡ଼ଦେଉଳିଆ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ଶୋକସଭା ଆୟୋଜନ କରାଯାଇ ମୃତ ଛାତ୍ରଙ୍କ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଛାତ୍ରଙ୍କ ଅକାଳ ବିୟୋଗରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ବିଭିନ୍ନ ସେବା ଓ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶୋକସଭାରେ ମୃତ ସପନଙ୍କ ପିତା ରବୀନ୍ଦ୍ର ସୋରେନ ଉପସ୍ଥିତ ରହି ପୁଅର ସ୍ମୃତିଚାରଣ କରିବା ସହ ନିଜର ବେଦନା ପ୍ରକାଶ କରିଥିଲେ। ସପନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ବେଦ ଓ ଗୀତା ପାଠ କରାଯାଇଥିଲା। ପରେ ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯିବା ସହ ନିଶା ନିବାରଣ ଓ ପରିବେଶ ସୁରକ୍ଷା ନେଇ ଏକ ସଚେତନତା ରାଲି ବାହାରିଥିଲା। ଏହି ଶୋଭାଯାତ୍ରା ସ୍ଥାନୀୟ ଅଞ୍ଚଳ ପରିକ୍ରମା କରି ସାମାଜିକ ସଚେତନତାର ବାର୍ତ୍ତା ବାଣ୍ଟିଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ଜିଲ୍ଲା ପରିଷଦ ସଦସ୍ୟା, ବୁଦ୍ଧିଜୀବୀ, ଅଙ୍ଗନବାଡ଼ି କର୍ମୀ, ବୈଶିଙ୍ଗା ଥାନା ପୁଲିସ ଓ ବିଭାଗୀୟ ଅଧିକାରୀ ଯୋଗଦେଇ ମୃତ ଛାତ୍ରଙ୍କ ପ୍ରତି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ୨୬ରେ ରାଜ୍ୟସ୍ତରୀୟ ଜୁନିୟର କ୍ରୀଡ଼ା ପ୍ରତିଯୋଗିତା ପାଇଁ ଖେଳାଳି ଚୟନ

ବାରିପଦା,୨୩।୭ (ସମିସ): ଓଡ଼ିଶା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ରାଇରଙ୍ଗପୁରରେ ୭୨ତମ ଓଡ଼ିଶା ରାଜ୍ୟ ଜୁନିୟର ଆଥଲେଟିକ ଚାମ୍ପିଅନସିପ ଅଗଷ୍ଟ ୭ରୁ ୯ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇଛନ୍ତି। ୧୪, ୧୬, ୧୮ ଓ ୨୦ ବର୍ଷରୁ କମ ଉଭୟ ବାଳକ ଓ ବାଳିକା ବର୍ଗର ଇଚ୍ଛୁକ ଖେଳାଳି ଚଳିତ ମାସ ୨୬ ତାରିଖରେ ବାରିପଦା ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବା ଚୟନ ଶିବିରରେ ନାମ ପଞ୍ଜୀକରଣ କରିପାରିବେ। ଖେଳାଳିମାନେ ନିଜ ନିଜର ଏଏଫଏଇ ପରିଚୟ ପତ୍ର ସହ ଆଧାର କାର୍ଡ, ଡିଜିଟାଲ ଜନ୍ମ ପ୍ରମାଣପତ୍ର ପଞ୍ଜୀକରଣ ସମୟରେ ଦାଖଲ କରିବା ଅନିବାର୍ଯ୍ୟ। ଏଥିରେ ଅଂଶଗ୍ରହଣ କରିବା ପାଇଁ ଗସ୍ତ ଖର୍ଚ୍ଚର ବ୍ୟବସ୍ଥା ନାହିଁ ବୋଲି ସମ୍ପାଦକ ଶ୍ରୀ ଦାସ ଜଣାଇଛନ୍ତି। ୨୭।୧୦।୨୦୧୪ ପରେ ଜନ୍ମଗ୍ରହଣ କରିଥିବା ଖେଳାଳି ଏହି ଚୟନ ଶିବିରରେ ଭାଗ ନେଇପାରିବେ ନାହିଁ ବୋଲି ଆଥଲେଟିକ ସମ୍ପାଦକ ଅମ୍ବିକା ରାଉତ ଜଣାଇଛନ୍ତି।

## ଜୟଦେବ ଶୁଳିଆପଦା ବିଜେପି ଯୁବ ସଭାପତି

ମୋରଡ଼ା,୨୩।୭( ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଶୁଳିଆପଦା ମଣ୍ଡଳ ଭାରତୀୟ ଜନତା ପାର୍ଟିର ଯୁବ ସଭାପତି ଭାବେ ଜୟଦେବ ମହାନ୍ତଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟ ଯୁବ ସଭାପତି ଅଭିଳାଷ ପଣ୍ଡା, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ପୂର୍ବ ଜିଲ୍ଲା ସଭାପତି ନିହାର ମୋଦୀ ଓ ଜିଲ୍ଲା ଯୁବ ସଭାପତି ସୁରଜ ଲୁହାରଙ୍କ ଅନୁମୋଦନ କ୍ରମେ ଏହି ନିଯୁକ୍ତି ଘୋଷଣା କରିଛନ୍ତି।



ଜୟଦେବ ମହାନ୍ତ ଉଫାଲଗାଡିଆ ପଞ୍ଚାୟତର ଜଣେ ସକ୍ରିୟ ବିଜେପି କର୍ମକର୍ତ୍ତା। ସେ ଦୁଇଥର ବିଜେପି ପଞ୍ଚାୟତ ପ୍ରମୁଖ ଥିଲେ। ଏଥିସହ କଣ୍ଟିସାହି ପଞ୍ଚାୟତର ଜିପି ପ୍ରଭାରୀ ଭାବେ ମଧ୍ୟ ଗୁରୁଦାୟିତ୍ୱ ନିର୍ବାହ କରିଆସୁଛନ୍ତି। ତୃଣମୂଳ ସ୍ତରରେ ସଂଗଠନକୁ ମଜବୁତ କରିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତାଙ୍କ ନିଯୁକ୍ତି ଖବର ପ୍ରଚାର ହେବା ପରେ ଶୁଳିଆପଦା ମଣ୍ଡଳ ତଥା ଆଖପାଖ ଅଞ୍ଚଳର ଯୁବ କର୍ମୀଙ୍କ ମଧ୍ୟରେ ଉତ୍ସାହ ଓ ଖୁସିର ଲହରି ଖେଳିଯାଇଛି। ବହୁ ଯୁବକ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି। ଜୟଦେବ ମହାନ୍ତ କହିଛନ୍ତି, ଦଳର ବରିଷ୍ଠ ନେତୃତ୍ୱ ମୋ ଉପରେ ଯେଉଁ ବିଶ୍ୱାସ ରଖିଛନ୍ତି ତାକୁ ମୁଁ ସମ୍ମାନ ଦେବି। ଆଗକୁ ତୃଣମୂଳ ସ୍ତରରୁ ଆହୁରି ଦଳକୁ ମଜବୁତ କରିବା ସହ ଯୁବପିଢ଼ିଙ୍କୁ ଦଳ ସହ ଯୋଡ଼ିବା ମୋର ପ୍ରାଥମିକତା ରହିବ।

## କେନ୍ଦୁଝର ବଡ଼ଦାଣ୍ଡରେ ଚାରୁସ୍ ଏକାଡେମୀର ନୃତ୍ୟ ପରିବେଷଣ

କରଞ୍ଜିଆ,୨୩।୭ (ସମିସ): ରଥଯାତ୍ରା ଉପଲକ୍ଷେ କେନ୍ଦୁଝର ବଡ଼ଦାଣ୍ଡରେ ଆୟୋଜିତ ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ କରଞ୍ଜିଆର ସୁପରିଚିତ ନୃତ୍ୟାନୁଷ୍ଠାନ ଚାରୁସ୍ ଏକାଡେମୀର ଶିଶୁ କଳାକାର ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ପରିବେଷିତ ଭକ୍ତିମୟ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ଭାବବିହ୍ୱଳ କରିବା ସହ କରତାଳିରେ ସମଗ୍ର ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଉଠିଥିଲା। କରଞ୍ଜିଆରୁ ଆମନ୍ତ୍ରିତ ହୋଇଥିବା ଚାରୁସ୍ ଏକାଡେମୀର କଳାକାର ନିଜର ଉଚ୍ଚକୋଟୀର ନୃତ୍ୟକଳାର ପରିଚୟ ଦେଇ ଉପସ୍ଥିତ ଦର୍ଶକ ଓ ଅତିଥିଙ୍କ ପ୍ରଶଂସା ସାଉଁଟିଥିଲେ। ସେମାନଙ୍କ ଆକର୍ଷଣୀୟ ପରିବେଷଣ କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ପାଲଟିଥିଲା। ଶେଷରେ କେନ୍ଦୁଝର ରଥଯାତ୍ରା କମିଟି ପକ୍ଷରୁ ଚାରୁସ୍ ଏକାଡେମୀର ସଂସ୍ଥାପକ ଓ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ପରବର୍ତ୍ତୀ ସମୟରେ ଶିଶୁ କଳାକାର ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ଚାରୁସ୍ ଏକାଡେମୀର ଏହି ସଫଳତାକୁ ନେଇ ଶିଶୁ କଳାକାରଙ୍କ ପିତାମାତା, ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀ ସେମାନଙ୍କୁ ସାଧୁବାଦ ଜଣାଇଥିଲେ। ଏ ଅବସରରେ ଏକାଡେମୀର ସଂସ୍ଥାପକ ଦିବ୍ୟରଞ୍ଜନ ପତି କହିଥିଲେ ଯେ, କେନ୍ଦୁଝର ବଡ଼ଦାଣ୍ଡ ଭଳି ଏକ ପବିତ୍ର ଓ ଐତିହାସିକ ମଞ୍ଚରେ ମହାପ୍ରଭୁଙ୍କ ସେବାରେ କଳା ପରିବେଷଣ କରିବା ପ୍ରତ୍ୟେକ କଳାକାରଙ୍କ ପାଇଁ ଏକ ଗୌରବ ଓ ସୌଭାଗ୍ୟର ବିଷୟ। କରଞ୍ଜିଆର ଚାରୁସ୍ ଏକାଡେମୀକୁ ଏଭଳି ସୁଯୋଗ ପ୍ରଦାନ କରିଥିବାରୁ ସେ କେନ୍ଦୁଝର ରଥଯାତ୍ରା କମିଟିର ସମସ୍ତ କର୍ମକର୍ତ୍ତା ଓ ଆୟୋଜକଙ୍କ ପ୍ରତି ଆନ୍ତରିକ କୃତଜ୍ଞତା ଜଣାଇଥିଲେ।




## ସାର ସଙ୍କଟ: ଅସାଧୁ ବ୍ୟବସାୟୀ ମାଲେମାଲ୍; ଚାଷୀ ହନ୍ତସନ୍ତ


ତେଲକୋଇ, ୨୩।୭ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ ଅଞ୍ଚଳରେ ସାର ସଙ୍କଟ ଦେଖାଦେଇଛି। ତଳି ରୁଆ କାର୍ଯ୍ୟ ଚାଲିଥିବା ବେଳେ ଲ୍ୟାମ୍ପସରେ ସାର ମିଳୁ ନଥିବାରୁ ଖୋଲା ବଜାରରେ ସାର କଳାବଜାର ବୃଦ୍ଧି ପାଇଛି। ଏନେଇ ଚାଷୀ ମହଲରୁ ବାରମ୍ବାର ଅଭିଯୋଗ ହେଉଥିଲେ ସୁଦ୍ଧା ସ୍ଥାନୀୟ ପ୍ରଶାସନ ଅସାଧୁ ବ୍ୟବସାୟୀଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଫଳରେ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ତେଲକୋଇ ବ୍ଲକର ସମସ୍ତ ୨୨ଟି ପଞ୍ଚାୟତରେ ୨୫ରୁ ଅଧିକ ସ୍ୱୀକୃତିପ୍ରାପ୍ତ ଖୁଚରା ସାର ଦୋକାନ ରହିଛି। କୌଣସି ସାର ବ୍ୟବସାୟୀ ସରକାରୀ ନୀତି ନିୟମକୁ ମାନୁ ନାହାନ୍ତି। କୌଶଳ କରି ଲାଇସେନ୍ସ ହାତେଇବା ପରେ ସରକାରୀ ନୀତି ନିୟମକୁ ଉଲ୍ଲଂଘନ କରି କଳା ବଜାରରେ ଲିପ୍ତ ରହୁଛନ୍ତି। ସାରର ସମସ୍ତ ଧାର୍ଯ୍ୟ ମୂଲ୍ୟ (ରେଟ୍ ଚାର୍ଟ) ଦୋକାନ ସମ୍ମୁଖରେ ମାରିବାର ନିୟମ ଥିବା ବେଳେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଫଳରେ ସଂପୃକ୍ତ ଅସାଧୁ ବ୍ୟବସାୟୀମାନେ ଚଢ଼ା ଦରରେ ସାର ବିକ୍ରି କରି ମୋଟା ଅଙ୍କର ମୁନାଫା କମାଉଥିବା ଅଭିଯୋଗ ହୋଇଛି। ଏହି ସ୍କାମ ତଳ ସ୍ତରରୁ ଉପର ଯାଏ ଲମ୍ବିଛି। ସାର ଯୋଗାଉଥିବା ଡିଷ୍ଟ୍ରିବ୍ୟୁଟରମାନେ ଏଥିରେ ଜଡ଼ିତ ଥିବା ଅଭିଯୋଗ ହୋଇଛି। ସେମାନଙ୍କଠାରୁ ଖୁଚୁରା ବ୍ୟବସାୟୀମାନେ ଉଚ୍ଚା ଦରରେ ସାର କିଣୁ ଥିବାରୁ ବଜାରରେ ସାର ଉଚ୍ଚା ଦରରେ ବିକ୍ରି ହେଉଥିବା କୁହାଯାଉଛି। ଅପରପକ୍ଷରେ ସରକାର ଲ୍ୟାମ୍ପସ ମାନଙ୍କୁ ସାର ଯୋଗାଇବାରେ ବିଫଳ ହେଉଥିବାରୁ ଅସାଧୁ ବ୍ୟବସାୟୀମାନେ ସାର କଳାବଜାର କରିବାରେ ସକ୍ଷମ ହେଉଥିବା ଅଭିଯୋଗ ହୋଇଛି। ଏଥିପ୍ରତି ସରକାର କିମ୍ବା ଜିଲ୍ଲା ପ୍ରଶାସନ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ତେଲକୋଇ ଅଞ୍ଚଳର ଚାଷୀ ଦାବି କରୁଛନ୍ତି।

## କଂଗ୍ରେସ ନେତା ବାବୁ ବିଶ୍ୱାଳଙ୍କ ବିୟୋଗ

ବଡ଼ସାହି ୨୩।୭ (ସମିସ): ଜାତୀୟ କଂଗ୍ରେସ ଦଳ ବଡ଼ସାହି ବ୍ଲକର ପୂର୍ବତନ ସଭାପତି, ସୁଦକ୍ଷ ସଂଗଠକ ବାବୁ ଭାଇ ନାମରେ ପରିଚିତ ସୁଶାନ୍ତ ବିଶ୍ୱାଳଙ୍କ ଆଜି ପୂର୍ବାହ୍ନରେ ହୃଦଘାତରେ ପରଲୋକ ଘଟିଛି। ସେ ତାଙ୍କ ପୁଅ ନିକଟରେ



କଟକରେ ରହୁଥିଲେ। ସପତ୍ନୀକ ନିକଟସ୍ଥ ମନ୍ଦିରରେ ଠାକୁର ପୂଜା ସାରି ଚାଲିଚାଲି ଫେରୁଥିବା ସମୟରେ ପଡ଼ିଯାଇଥିଲେ। ସଂଗେସଂଗେ ତାଙ୍କୁ କଟକସ୍ଥ ଏସସିବି ମେଡିକାଲ କଲେଜକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ତାଙ୍କର ୨ ପୁଅ ଓ ପତ୍ନୀ ଅଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୬୦ ବର୍ଷ ହୋଇଥିଲା। ନିଜ ଗାଁ ବଡ଼ସାହି ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଛି। କଂଗ୍ରେସ ପକ୍ଷରୁ ତାଙ୍କ ସମ୍ମାନାର୍ଥେ ତାଙ୍କ ମର ଶରୀର ଉପରେ କଂଗ୍ରେସ ପତାକା ଘୋଡ଼ାଯାଇଥିଲା। ଏଥିସହିତ ବ୍ଲକ୍ କଂଗ୍ରେସ ସଭାପତି ଶଶାଙ୍କ ଶେଖର କର, ନିର୍ବାଚନମଣ୍ଡଳୀ ସ୍ତରୀୟ ଯୁବ ସଭାପତି ଦୀପ୍ତିଭାନୁ ସେନାପତି, ବରିଷ୍ଠ ନେତା ପ୍ରକାଶ ଚନ୍ଦ୍ର କର ମହାପାତ୍ର, ମନୋରଞ୍ଜନ ବଳ, ଚନ୍ଦ୍ରଶେଖର ବଳ, ଆନନ୍ଦ ଶଙ୍କର ପାତ୍ର ପ୍ରମୁଖ ଉପସ୍ଥିତ ରହି ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।



## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୭୯୩- ଫ୍ରାନ୍ସ କପିରାଇଟ୍ ଆଇନ ଆଣିଲା।
- ୧୮୨୩- ଚିଲିରେ ଦାସତ୍ୱ ପ୍ରଥାର ଉଚ୍ଛେଦ ହେଲା।
- ୧୮୭୦- ଆମେରିକାରେ ପ୍ରଥମ ରେଳସେବା ଆରମ୍ଭ।
- ୧୯୩୨- ରାମକୃଷ୍ଣ ମିଶନ ସେବା ପ୍ରତିଷ୍ଠାନର ଆରମ୍ଭ ହେଲା।
- ୧୯୬୯-ଆପୋଲୋ-୧୧ ମହାକାଶଯାନ ପୃଥିବୀ ପୃଷ୍ଠକୁ ଫେରିଲା।
- ୨୦୦୦-ଏସ୍.ବିଜୟଲକ୍ଷ୍ମୀ ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର୍ ହେଲେ।



## ବାପାଙ୍କ ପାଇଁ ଗଛରେ ସିଡ଼ି


ପରିବାରର ଗୁଜୁରାଣ ମେଣ୍ଟାଇବା ଏବଂ ନିଜର ପିଲାଙ୍କୁ ମଣିଷ କରିବା ପାଇଁ ଅନେକ ଲୋକ ନିଜ ଜୀବନକୁ ବାଜି ଲଗାଇ ଅତି ବିପଜ୍ଜନକ କାର୍ଯ୍ୟ କରିଥାନ୍ତି। ଏମିତି ଏକ ହୃଦୟସ୍ପର୍ଶୀ କାହାଣୀ ଏବେ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଏଥିରେ ଜଣେ ପୁଅ ତାଙ୍କ ୭୦ ବର୍ଷୀୟ ବାପାଙ୍କ ପାଇଁ ଏମିତି କିଛି କରିଛନ୍ତି, ଯାହାକୁ ଦେଖି ସମସ୍ତେ ପ୍ରଶଂସା କରୁଛନ୍ତି। ତାମିଲନାଡୁର ସଲାଇପୁଥୁର ଗାଁରେ ଜଣେ ପୁଅ ନିଜର ୭୦ ବର୍ଷର ବାପାଙ୍କ କଷ୍ଟ ଦୂର କରିବା ପାଇଁ ତାଳ ଗଛର ଚାରିପାଖରେ ପାହାଚ ଲଗାଇ ଦେଇଛନ୍ତି। ଏହି ଭିଡିଓ ଏବେ ଇଣ୍ଟରନେଟରେ ଲୋକଙ୍କ ମନ ଜିତୁଛି। ଦିନାକରଙ୍କ ପରିବାର ପିଢ଼ି ପିଢ଼ି ଧରି ତାଳ ଗଛରୁ ନିଜର ପରିବାର ପ୍ରତିପୋଷଣ କରିଆସୁଛନ୍ତି। ତାଙ୍କ ବାପା ପିଲାଦିନରୁ ଏହି କାମ କରିଆସୁଛନ୍ତି। ଏହି ବୟସରେ ଏତେ ଉଚ୍ଚ ଗଛକୁ ଚଢ଼ିବା ତାଙ୍କ ପାଇଁ ବିପଜ୍ଜନକ ହୋଇପାରେ ଅନୁଭବ କରି ପୁଅ ଜଣକ ବାପାଙ୍କ ସୁରକ୍ଷା ପାଇଁ ଗଛର ଚାରିପାଖରେ ୬୦ ହଜାର ଟଙ୍କା ଖର୍ଚ୍ଚ କରି ଲୁହାର ଏକ ସିଡ଼ି ନିର୍ମାଣ କରିଛନ୍ତି। ଏହାଦ୍ୱାରା ତାଙ୍କ ବାପା ସୁରକ୍ଷିତ ଭାବେ ତାଳ ଗଛ ଉପରକୁ ଚଢ଼ିପାରିବେ। ପୁଅ ଜଣକ ଏହି ସିଡ଼ି ତିଆରି କରିବା ପାଇଁ ପାଖାପାଖି ୫-୫ ହଜାର ଟଙ୍କା ଖର୍ଚ୍ଚ କରିଛନ୍ତି। ଦିନାକରଙ୍କ ଏହି ଅଭିନବ ପ୍ରଚେଷ୍ଟା ଏବେ ଚର୍ଚ୍ଚାର ବିଷୟ ହୋଇଛି।

## ଶେଷ ପର୍ଯ୍ୟାୟରେ 'କିଙ୍ଗ୍'ର ସୁଟିଂ



ବଲିଉଡ୍ ବାଦଶାହ ଶାହରୁଖ୍ ଖାନ୍‌ଙ୍କ ବହୁ ପ୍ରତୀକ୍ଷିତ ଆକ୍ସନ ଚଳଚ୍ଚିତ୍ର 'କିଙ୍ଗ'ର ସୁଟିଂ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିରେ ଅଭିଷେକ ବଚ୍ଚନ ଖଳନାୟକ ଭାବେ ଦେଖାଯିବେ। ଏହାସହିତ ଶାହରୁଖ୍‌ଙ୍କ ଝିଅ ସୁହାନା ଖାନ୍ ମଧ୍ୟ ଏହି ସିନେମା ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିବେ। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ଏହି ଫିଲ୍ମର ପାଖାପାଖି ଅଧାରୁ ଅଧିକ ସୁଟିଂ ସରି ଯାଇଛି। ଫିଲ୍ମର ଏକ ବଡ଼ ଅଂଶର ସୁଟ୍ ଜର୍ଜିଆରେ କରାଯାଇଛି। ଏହାବାଦ୍ ମୁମ୍ବାଇସ୍ଥିତ ଯଶରାଜ ଷ୍ଟୁଡିଓରେ ମଧ୍ୟ ଏହାର ସୁଟିଂ କରାଯାଇଛି। ଏବେ ଏହାର ଶେଷ ସେଡ୍ୟୁଲର ସୁଟିଂ ବିଦେଶରେ କରିବା ପାଇଁ ଯୋଜନା ଚାଲିଛି। ଶାହାରୁଖ ଏବଂ ସିଦ୍ଧାର୍ଥ ଏକ ସ୍ପେଶାଲ୍ ଆକ୍ସନ ସିକ୍ୱେନ୍ସ ପାଇଁ ଏଭଳି ଏକ ସ୍ଥାନ ଚାହୁଁଛନ୍ତି, ଯାହା ପୂର୍ବରୁ କୌଣସି ଫିଲ୍ମରେ ଦେଖାଯାଇ ନ ଥିବ। ବର୍ତ୍ତମାନ ଫିଲ୍ମର ଏକ ସ୍ପେଶାଲ୍ ଟିମ୍ ଆମେରିକା ଗସ୍ତ କରି ଏଭଳି ଏକ ସ୍ଥାନ ଖୋଜୁଛି। ଲୋକେସନ୍ ଫାଇନାଲ୍ ହେବା ମାତ୍ରେ, ଆସନ୍ତା ଅଗଷ୍ଟ ମାସରେ ପୂରା ଟିମ୍ ବିଦେଶ ଗସ୍ତ କରିବେ। ଏହାପରେ ଫିଲ୍ମର ପୋଷ୍ଟ-ପ୍ରଡକ୍ସନ ଏବଂ ହାଇ-ଲେଭଲ୍ ଭିଏଫ୍ଏକ୍ସ କାମ ଚାଲିବ। ଏହାର ଭିଏଫ୍ଏକ୍ସ ଏବଂ ପୋଷ୍ଟ-ପ୍ରଡକ୍ସନ କାମ ରେଡ୍ ଚିଲିଜ୍ ଏଣ୍ଟରଟେନମେଣ୍ଟ ଦ୍ୱାରା କରାଯାଉଛି। ଏହା ଖ୍ରୀଷ୍ଟମାସ ଅବସରରେ ଆସନ୍ତା ଡିସେମ୍ବର ୨୪ରେ ମୁକ୍ତିଲାଭ କରିବ।

## ଅଜଗର ବଦଳରେ ପିଜା



ପିଜାକୁ ନେଇ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଅଫର୍ ଦେଖିବାକୁ ମିଳିଥାଏ। ଏହି କ୍ରମରେ ସାମାଜିକ ଗଣମାଧ୍ୟମରେ ଏବେ ଏକ ରେସ୍ତୋରାଁର ମାଗଣା ପିଜା ଅଫର୍ ଖୁବ୍ ଚର୍ଚ୍ଚା ସାଉଁଟୁଛି। ଫ୍ଲୋରିଡାରେ ବିଷାକ୍ତ ବର୍ମିଜ୍ ଅଜଗର ଧରୁଥିବା ଲୋକଙ୍କୁ ଏକ ରେସ୍ତୋରାଁ ମାଗଣାରେ ପିଜା ଦେଉଛି। ପରିବେଶକୁ ବିପଦମୁକ୍ତ କରିବା ପାଇଁ ଏହି ଅଭିଯାନ ଆରମ୍ଭ ହୋଇଛି। ଏହି ଅଫର୍ ଫ୍ଲୋରିଡାର ଏଭରଗ୍ଲେଡ୍ସ ସିଟିରେ ଥିବା 'ୱାଇଲ୍ଡମ୍ୟାନ୍‌ସ ପିଜା, ପାସ୍ତା ଆଣ୍ଡ ପାଇଥନ ରେଷ୍ଟୁରାଣ୍ଟ' ପକ୍ଷରୁ ଦିଆଯାଇଛି। ଏହାର ମାଲିକ ତଥା ପେସାଦାର ସାପ ଧରାଳି ଡଷ୍ଟିନ କ୍ରମ୍ ପିଜା ବଦଳରେ ଅଜଗର ସାପକୁ ଟଙ୍କା ବଦଳରେ ଭାବେ ଗ୍ରହଣ କରିଛନ୍ତି। ଅଫର୍ ଅନୁସାରେ, ଯଦି କେହି ଏକ ବର୍ମିଜ୍ ଅଜଗର ଧରି ରେଷ୍ଟୁରାଣ୍ଟକୁ ଆଣିବେ, ତେବେ ତାଙ୍କୁ ୨୪ ଡଲାର ମୂଲ୍ୟର ଏକ ବଡ଼ ସ୍ପେଶାଲ ପିଜା ସମ୍ପୂର୍ଣ୍ଣ ମାଗଣାରେ ମିଳିବ। ରେଷ୍ଟୁରାଣ୍ଟ ମାଲିକ ସାପର କୌଣସି ଅଂଶକୁ ନଷ୍ଟ କରନ୍ତି ନାହିଁ। ସାପର ଚର୍ବିରୁ ତ୍ୱଚା ପାଇଁ ତେଲ, କ୍ରିମ୍ ଏବଂ ସାବୁନ ଆଦି ସେ ପ୍ରସ୍ତୁତ କରନ୍ତି। ତେବେ ରେସ୍ତୋରାଁର ଏହି ଅଫର୍ 'ଫ୍ଲୋରିଡା ପାଇଥନ ଚ୍ୟାଲେଞ୍ଜ' ସହ ଜଡ଼ିତ। ଏହି ଚ୍ୟାଲେଞ୍ଜ ଅନୁସାରେ, ସବୁଠାରୁ ଅଧିକ ଅଜଗର ଧରୁଥିବା ବ୍ୟକ୍ତିଙ୍କୁ ପ୍ରାୟ ୮ ଲକ୍ଷରୁ ଅଧିକ ଟଙ୍କାର ପୁରସ୍କାର ମିଳିଥାଏ। ଅପରପକ୍ଷରେ ବର୍ମିଜ୍ ଅଜଗରଗୁଡ଼ିକ ଫ୍ଲୋରିଡାର ପ୍ରାକୃତିକ ପରିବେଶ ଏବଂ ସ୍ଥାନୀୟ ଜୀବଜନ୍ତୁଙ୍କ ପାଇଁ ଅତ୍ୟନ୍ତ ବିପଜ୍ଜନକ ସାବ୍ୟସ୍ତ ହୋଇଛନ୍ତି, ସେଥିପାଇଁ ସେମାନଙ୍କୁ ସେଠାରୁ ହଟାଇବା ପାଇଁ ସରକାର ଏହି ଚ୍ୟାଲେଞ୍ଜ ପ୍ରତିବର୍ଷ ଆୟୋଜନ କରନ୍ତି। ଏଠାରେ ପ୍ରକାଶ ଥାଉ କି, ବର୍ମିଜ୍ ଅଜଗରଗୁଡ଼ିକୁ ୧୯୭୦ ଦଶକରେ ପୋଷା ଜୀବ ଭାବେ ଫ୍ଲୋରିଡା ଅଣାଯାଇଥିଲା, କିନ୍ତୁ ପରେ ଏମାନେ ଜଙ୍ଗଲକୁ ଚାଲିଗଲେ। ଏଭରଗ୍ଲେଡ୍ସ ଜଙ୍ଗଲରେ ଥିବା ପଶୁପକ୍ଷୀ ଏପରିକି କୁମ୍ଭୀରମାନଙ୍କୁ ମଧ୍ୟ ଏମାନେ ଗିଳି ଦେଉଛନ୍ତି। ଏଠାରେ ସାପମାନଙ୍କୁ ମାରିବା ପାଇଁ ଅନ୍ୟ କୌଣସି ବଡ଼ ଜୀବ ନାହାଁନ୍ତି, ତେଣୁ ଏମାନଙ୍କ ସଂଖ୍ୟା ହଜାର ହଜାର ସଂଖ୍ୟାରେ ବଢ଼ିଚାଲିଛି, ଯାହାକୁ ସମ୍ପୂର୍ଣ୍ଣ ଶେଷ କରିବା ଅସମ୍ଭବ ମନେହେଉଛି। ୟୁଏସ୍ ଜିଓଲୋଜିକାଲ୍ ସର୍ଭେ ଅନୁଯାୟୀ, ଏହି ଅଜଗରମାନଙ୍କ ଯୋଗୁଁ ଏଭରଗ୍ଲେଡ୍ସରେ ସ୍ତନ୍ୟପାୟୀ ପ୍ରାଣୀଙ୍କ ସଂଖ୍ୟା ମଧ୍ୟ ହ୍ରାସ ପାଇବାକୁ ଲାଗିଲାଣି। ଫ୍ଲୋରିଡା ପାଇଥନ ଚ୍ୟାଲେଞ୍ଜ ମାଧ୍ୟମରେ ସ୍ଥାନୀୟ ସରକାର ଏହି ବିଷାକ୍ତ ସାପଗୁଡ଼ିକୁ ହଟେଇ ଜଙ୍ଗଲର ସୁରକ୍ଷା କରିବା ଏହାର ଉଦ୍ଦେଶ୍ୟ।

## ଷ୍ଟେଣ୍ଟ ଲଗାଇବା ପରର ଯତ୍ନ



ଆଧୁନା ହୃଦ୍‌ଘାତର ଆଧୁନିକ ଚିକିତ୍ସା ପଦ୍ଧତି ବାଇପାସ୍ ସର୍ଜରୀ ସହ ଯୋଡ଼ି ହୋଇଛି 'ଆଞ୍ଜିଓପ୍ଲାଷ୍ଟି'। ହୃଦ୍‌ଘାତ ପରେ ରୋଗୀଙ୍କ ଚିକିତ୍ସା ପାଇଁ ଡାକ୍ତର ଆଞ୍ଜିଓପ୍ଲାଷ୍ଟି ଜରିଆରେ ଷ୍ଟେଣ୍ଟ ଲଗାଇଥାନ୍ତି। ଏହି ଷ୍ଟେଣ୍ଟ ବନ୍ଦ କିମ୍ବା ସଂକୀର୍ଣ୍ଣ ହୋଇଥିବା କୋରୋନାରୀ ଧମନୀ ଖୋଲିବା କାର୍ଯ୍ୟ କରିଥାଏ। ଏହାଦ୍ୱାରା ହୃଦ୍‌ପିଣ୍ଡକୁ ରକ୍ତ ସଞ୍ଚାଳନ ସହଜ ହୁଏ। ଅନେକଙ୍କର ଧାରଣା ଥାଏ ଯେ, ଷ୍ଟେଣ୍ଟ ଲାଗିଲା ପରେ ହୃଦ୍‌ଘାତ ହେବା ଅସମ୍ଭବ। ହେଲେ ଷ୍ଟେଣ୍ଟ ଲଗାଇବା ପରେ ବି ପୀଡ଼ିତଙ୍କୁ ଜୀବନଶୈଳୀରେ ପରିବର୍ତ୍ତନ ଆଣିବା ସହ ସ୍ୱାସ୍ଥ୍ୟ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ।

ସାଧାରଣତଃ ଷ୍ଟେଣ୍ଟ କେବଳ ଅବରୋଧ ଥିବା ଧମନୀର ଚିକିତ୍ସା କରେ। ସମୟକ୍ରମେ ଅନ୍ୟ କରୋନାରୀ ଧମନୀଗୁଡ଼ିକରେ କୋଲେଷ୍ଟ୍ରଲ ଏବଂ ପ୍ଲାକ୍ ଜମା ହୋଇ ନୂତନ ଅବରୋଧ ସୃଷ୍ଟି କରି ହୃଦ୍‌ଘାତ ଆଶଙ୍କା ବୃଦ୍ଧି କରେ। କିଛି ମାମଲାରେ ଷ୍ଟେଣ୍ଟ ମଧ୍ୟରେ ଅତିରିକ୍ତ ଟିସୁ ସୃଷ୍ଟି ହେଉଥିବାରୁ ଧମନୀ ପୁନର୍ବାର ସଂକୀର୍ଣ୍ଣ ହୋଇପାରେ। ସେହିପରି ଡାକ୍ତରଙ୍କ ଦ୍ୱାରା ଦିଆଯାଇଥିବା ଔଷଧ ଖାଇବାରେ ଅବହେଳା କଲେ ଷ୍ଟେଣ୍ଟ ଭିତରେ ରକ୍ତ ଜମାଟ ବାନ୍ଧି ଅଚାନକ ହୃଦ୍‌ଘାତ କରିପାରେ। ଏହାସହ ଷ୍ଟେଣ୍ଟ ଲଗାଇବା ପରେ ମଧୁମେହ, ଉଚ୍ଚ ରକ୍ତଚାପ, କୋଲେଷ୍ଟ୍ରଲ ବୃଦ୍ଧି, ମେଦବହୁଳତା, ଧୂମପାନ ପରି ସମସ୍ୟା ହୃଦୟକୁ କ୍ଷତି ପହଞ୍ଚାଇଥାଏ। ତେଣୁ ଷ୍ଟେଣ୍ଟ ଲାଗିବା ପରେ ଧୂମପାନ, ଅତ୍ୟଧିକ ତେଲମସଲାଯୁକ୍ତ ଖାଦ୍ୟ ଖାଇବା ଅନୁଚିତ। ଡାକ୍ତରଙ୍କ ପରାମର୍ଶରେ ହାଲୁକା ବ୍ୟାୟାମ କରି ପାରିବେ। ହୃଦ୍‌ରୋଗ ବିଶେଷଜ୍ଞଙ୍କଠାରୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଆବଶ୍ୟକ। ସୁସ୍ଥ ଜୀବନଶୈଳୀ ଆପଣାଇବା ସହ ସନ୍ତୁଳିତ ଖାଦ୍ୟଗ୍ରହଣ, ଓଜନ ନିୟନ୍ତ୍ରଣ, ଏବଂ ଡାକ୍ତରଙ୍କ ଦ୍ୱାରା ଦିଆଯାଇଥିବା ଔଷଧ ସେବନ କରିବା ଆବଶ୍ୟକ। ରକ୍ତଚାପ, ରକ୍ତ ଶର୍କରା ଏବଂ କୋଲେଷ୍ଟ୍ରଲ ଯାଞ୍ଚ କରିବା ଉଚିତ।

## ଏକ୍‌ମୋ ଚିକିତ୍ସା



ଏକ୍‌ମୋ ତଥା ଏକ୍ସଟ୍ରାକର୍ପୋରିୟଲ ମେମ୍ବ୍ରାନ ଅକ୍ସିଜେନେଶନ ଏକ ଜୀବନ ରକ୍ଷକ ଚିକିତ୍ସା ପ୍ରକ୍ରିୟା। ଗମ୍ଭୀର ନିମୋନିଆ, ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ କିମ୍ବା ଫୁସ୍‌ଫୁସ୍ ଠିକ୍ ଭାବେ କାମ କରୁନଥିବା ପୀଡ଼ିତଙ୍କ ପାଇଁ ଏକ୍‌ମୋ ଚିକିତ୍ସା ଉପଯୋଗୀ। ବିଭିନ୍ନ ପ୍ରକାରର ଏକ୍‌ମୋ ଚିକିତ୍ସା ପଦ୍ଧତି ଗୁରୁତର ରୋଗୀଙ୍କ ପାଇଁ ଉପଲବ୍ଧ। ଏହି ଚିକିତ୍ସାରେ ଏକ ସ୍ୱତନ୍ତ୍ର ମେସିନ୍ ଶରୀରର ବାହାରେ ଏକ କୃତ୍ରିମ ଫୁସ୍‌ଫୁସ୍ ପରି କାର୍ଯ୍ୟ କରିଥାଏ। ଏହା ରୋଗୀଙ୍କ ଶରୀରରୁ ଦୂଷିତ ରକ୍ତ ବାହାର କରି ସେଥିରେ ଅମ୍ଳଜାନ ମିଶାଇ ଅଙ୍ଗାରକାମ୍ଳକୁ ବାହାର କରିଥାଏ। ଏହାଦ୍ୱାରା ଶୁଦ୍ଧ ରକ୍ତ ସଂଚାଳନ ହୋଇ ପୁଣି ଶରୀରକୁ ଫେରିଯାଏ। ଏହାଦ୍ୱାରା ହୃଦ୍‌ପିଣ୍ଡ ଏବଂ ଫୁସ୍‌ଫୁସ୍‌କୁ ଆରାମ ମିଳୁଥିବାରୁ ପ୍ରାକୃତିକ ରୂପେ ଠିକ୍ ହେବାକୁ ସମୟ ମିଳିଥାଏ। ଏହାଦ୍ୱାରା ରୋଗୀଙ୍କୁ ଆଶ୍ୱସ୍ତି ମିଳିଥାଏ। ଫୁସ୍‌ଫୁସ୍ ପ୍ରତିରୋପଣ ପରେ ଏକ୍‌ମୋ ଚିକିତ୍ସା ପଦ୍ଧତି ପୀଡ଼ିତଙ୍କ ପାଇଁ ବରଦାନ ସଦୃଶ।

## 'ସକାଳ'ର ସ୍ୱାସ୍ଥ୍ୟ

## ନଖରୁ ଜଣାପଡ଼ିବ ସ୍ୱାସ୍ଥ୍ୟ ସମସ୍ୟା



**ନଖ ଶରୀରର ସ୍ୱାସ୍ଥ୍ୟ ସମ୍ବନ୍ଧରେ ଅନେକ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଥାଏ। ନଖର ରଙ୍ଗ ବଦଳିବା ତଥା ନଖରେ କଳା ରେଖା ପଡ଼ିବା ବିଭିନ୍ନ ରୋଗର ପ୍ରାଥମିକ ଲକ୍ଷଣ ହୋଇପାରେ।**

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ନଖରେ ଆଘାତ ଲାଗିବା, ଶରୀରରେ ପୋଷକତତ୍ତ୍ୱର ଅଭାବ, କିଛି ଔଷଧର ପାର୍ଶ୍ୱପ୍ରତିକ୍ରିୟା, ହରମୋନ୍ ପରିବର୍ତ୍ତନ କିମ୍ବା ମେଲାନିନ୍ ଅଧିକ ତିଆରି ହେବାରୁ ନଖରେ କଳା ରେଖା ଦେଖାଯାଏ। ଅଚାନକ ଯଦି ନଖରେ ଏହି ପରିବର୍ତ୍ତନ ହୋଇ ବଢ଼ିଥାଏ କିମ୍ବା ଏହା ତ୍ୱଚାକୁ ବ୍ୟାପିଲେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ। କାରଣ ଏହା କର୍କଟର ସଙ୍କେତ ହୋଇପାରେ। ନଖର ରଙ୍ଗ ପରିବର୍ତ୍ତନ ସହ ନଖ ଭାଙ୍ଗିବା, ଆଖପାଖରେ ଯନ୍ତ୍ରଣା, ନଖ ଘା ହୋଇ ରକ୍ତ ବା ପୂଜ ବାହାରିବା ଲକ୍ଷଣକୁ ଅଣଦେଖା କରିବା ଅନୁଚିତ। ଏପରି ସ୍ଥିତିରେ ଡାକ୍ତର ଗମ୍ଭୀର ସମସ୍ୟା ଆଶଙ୍କା କରି ପୀଡ଼ିତଙ୍କୁ ବାୟୋପ୍ସି କରାଇବାକୁ ପରାମର୍ଶ ଦିଅନ୍ତି। ନଖରୁ ଚୋପା ଉଠି ଖୋଳ ହୋଇଗଲେ ବା କଳା ରେଖା ଦେଖାଦେଲେ ଚର୍ମ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ଆବଶ୍ୟକ।

## ଘର ବଇଦ

## ପରିସ୍ରା ବେଳେ ଯନ୍ତ୍ରଣା ହେଉଥିଲେ...

- ଅଙ୍କରାନ୍ତି ଗଛର ରସ ଦୁଇ ତୋଳା ମହୁ ଏକ ଚାମଚ ମିଶାଇ ଖାଇବେ।
- ଗରମ ବେମାରି ହେତୁ ମୂତ୍ରକୃଚ୍ଛ୍ର (ପରିସ୍ରା ବେଳେ ଯନ୍ତ୍ରଣା) ହୋଇଥିଲେ ଶ୍ୱେତ ଚନ୍ଦନ, କବାବଚିନି, ଗୋଖରା, ଅନନ୍ତ ମୂଳ, ଦାରୁ ହଳଦୀ, ଅଁଳା, ହରିଡ଼ା, ବାହାଡ଼ା ପ୍ରତ୍ୟେକରୁ ଅଧ ତୋଳା ଆଣି ଏକ ସେର ପାଣିରେ ସିଝାଇ ଅଧପା ରହିଲେ ଦିନକୁ ୩/୪ଥର ପିଇବେ।
- ହରିଡ଼ା, ଗୋଖରା, ଫଣଫଣା, ପାଉଁଶିଆ ଓ ଦୁରାଳଭା ଏମାନଙ୍କର କ୍ୱାଥ ମହୁ ସଙ୍ଗେ ଖାଇବେ।
- ଗୁଡ଼ ଓ ଅଁଳା ସମାନ ଭାଗରେ ଖାଇଲେ ମୂତ୍ରକୃଚ୍ଛ୍ର, ରକ୍ତପିତ୍ତ, ଦାହ ଓ ଶୂଳ ଶାନ୍ତ ହୁଏ।
- ଅଁଳା ରସ ଓ ଆଖୁ ଦୋରୁଅ ସମାନ ଭାଗରେ ଆଣି ତହଁରେ ମହୁ ମିଶାଇ ସେବନ କଲେ ଯନ୍ତ୍ରଣାଦାୟକ ରକ୍ତମୂତ୍ର ପ୍ରଶମିତ ହୁଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ସଞ୍ଜୀବନୀ

## ବର୍ଷାଦିନେ ପିଲାଙ୍କ ଆଖିଧରା



ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ବର୍ଷାଋତୁରେ ଆଖିଧରା ରୋଗ ବା ଆଖି ସଂକ୍ରମଣ ଦେଖା ଦେଇଥାଏ। ବିଶେଷକରି ପିଲାମାନଙ୍କ ଆଖିଧରା ଯନ୍ତ୍ରଣାଦାୟକ ହୋଇଥାଏ। କାରଣ ପିଲାମାନେ ଆଖି ଭଳି ଏକ ସମ୍ବେଦନଶୀଳ ଅଙ୍ଗର ଯନ୍ତ୍ରଣା ସହି ପାରିନଥାନ୍ତି। ତେବେ ଆଖିର ଦୁଇ ପତାର ଭିତର ପାର୍ଶ୍ୱ ଏବଂ ଡୋଳାକୁ ବାହ୍ୟ ଧୂଳିମଳି ଏବଂ ଜୀବାଣୁଠାରୁ ସୁରକ୍ଷା ଦେବା ପାଇଁ ଏକ ସ୍ୱଚ୍ଛ ଏବଂ ସୂକ୍ଷ୍ମ ପରଦା ଆବୃତ୍ତ କରି ରଖିଛି, ଯାହାକୁ କଞ୍ଜକ୍ଟିଭା କୁହାଯାଏ। କେବେ କେବେ ଜୀବାଣୁ, ଭୂତାଣୁ, କେମିକାଲ, ଗ୍ୟାସ୍, ଆଘାତ, ପୋକ ପଡ଼ିବା କିମ୍ବା ତୀକ୍ଷ୍ଣ ଆଲୋକ ସଂସ୍ପର୍ଶରେ ଆସିବା ଦ୍ୱାରା ଏହା ପ୍ରଭାବିତ ହୋଇଥାଏ। ଏଥିରୁ ସୃଷ୍ଟି ହେଉଥିବା ରୋଗକୁ କଞ୍ଜକ୍ଟିଭାଇଟିସ ବା ଆଖିଧରା ରୋଗ କୁହାଯାଇଥାଏ।

ଆଖିଧରାର ଲକ୍ଷଣ ହେଉଛି, ଆଖିରୁ ଲୁହ ସଙ୍ଗେ ଅଳ୍ପ ପୂଜ ନିର୍ଗତ ହେବା, ଆଖି ଲାଲ ପଡ଼ିବା ସହ କେବେ କେବେ ସୂକ୍ଷ୍ମ କ୍ଷତ ମଧ୍ୟ ସୃଷ୍ଟି ହୋଇଥାଏ। ଆଖିରୁ ହଳଦିଆ ରଙ୍ଗର ଲେଞ୍ଜରା ବାହାରେ । ଆଖି ଭିତରେ ଧୂଳି ପଡ଼ିବା ଭଳି ଅନୁଭବ ହୋଇଥାଏ। ଆଖି ଖୋଲିବା ଏବଂ ଲାଇଟ୍‌କୁ ଚାହିଁଲେ କଷ୍ଟ ହୁଏ। ୭୦ଭାଗ କ୍ଷେତ୍ରରେ ଏହା ରୋଗୀର ଦ୍ୱିତୀୟ ଆଖିକୁ ବି ସଂକ୍ରମିତ ହୋଇଥାଏ। ଏହା ବଢ଼ିଗଲେ ଆଖି ଫୁଲିଯିବା ସହ କାନ ପାଖ ଫୁଲିବା, ଜ୍ୱର ହେବା, ମୁଣ୍ଡ ବିନ୍ଧିବା, ହାଲିଆ ଲାଗିବା ଭଳି ଲକ୍ଷଣ ଦେଖାଦିଏ। ଏମିତିକି ଏହା ଚକ୍ଷୁର ଧମନି ଏବଂ ମସ୍ତିଷ୍କ ପାଇଁ ମଧ୍ୟ ବିପଦ ସୃଷ୍ଟି କରିପାରେ। ଏଡିନୋ ଭୂତାଣୁ ଆଖିଧରା ରୋଗର କାରଣ। ଆଖି ଧରା ୫-୭ ଦିନ ପର୍ଯ୍ୟନ୍ତ ରହିଥାଏ। କିଛି ଲୋକଙ୍କ କ୍ଷେତ୍ରରେ ମାସେ ପର୍ଯ୍ୟନ୍ତ ଦେଖାଯାଏ। ଆଖି ନାଲି ପଡ଼ିବା ସହିତ କୁଣ୍ଡେଇ ହୋଇ କିଛି ପିଲାଙ୍କ ଆଖି ମଧ୍ୟ ଫୁଲିଯାଏ। ପିଲା ଏଥିରେ ଆକ୍ରାନ୍ତ ହେଲେ ପରିଷ୍କାର ପରିଚ୍ଛନ୍ନତାକୁ ବିଶେଷ ଗୁରୁତ୍ୱ ଦେବା ଆବଶ୍ୟକ। ପିଲାଙ୍କ ବ୍ୟବହୃତ ପୋଷାକ, ତକିଆ, ଚାଦର ଆଦିକୁ ଅନ୍ୟମାନେ ବ୍ୟବହାର କରିବା ଅନୁଚିତ। ଆଖିକୁ ପାଣି ଛାଟିବା ଅନୁଚିତ। ଖରାରେ କଳା ଚଷମା ବ୍ୟବହାର କରିବା ଭଲ। ନିୟମିତ ବ୍ୟବଧାନରେ ହାତ ଧୋଇବାର ଆବଶ୍ୟକତା ରହିଛି। ବର୍ତ୍ତମାନ ବ୍ୟାପୁଥିବା ଆଖିଧରା ରୋଗ ଭୂତାଣୁ (ଆଡେନୋ ଭାଇରସ୍) ଜନିତ। ଏହା ଏକ ମାରାତ୍ମକ ଡିଆଁରୋଗ ଯାହାର ଚିକିତ୍ସା ଅପେକ୍ଷା ପ୍ରତିଷେଧକ ଭଲ। ଏହି ଭୂତାଣୁ ରୋଗୀର ଲାଳ, କଫ, ଛିଙ୍କ ଦ୍ୱାରା ବ୍ୟାପିଥାଏ। ପିଲା ବାହାରୁ ଆସିଲେ ହାତ, ଗୋଡ଼ ଭଲ ଭାବେ ଧୋଇବା ସହ ପିନ୍ଧିଥିବା ପୋଷାକ ମଧ୍ୟ ସଫା କରିବା ଜରୁରି। ଆଖି ଧରିଲେ ପିଲାମାନେ ବାରମ୍ବାର ଆଖିରେ ହାତ ମାରିବା ଦ୍ୱାରା ସଂକ୍ରମଣ ଭୟ ଥିବାରୁ ସଫା ରୁମାଲରେ ଧୀରେ ଧୀରେ ପୋଛିବାକୁ କୁହନ୍ତୁ। ନିୟମିତ ସମୟ ଅନ୍ତରାଳରେ ଆଇଡ୍ରପ ଏବଂ ଅଏଣ୍ଟମେଣ୍ଟ ବ୍ୟବହାର କରନ୍ତୁ। ଧୂଳି, ଧୂଆଁ ଓ ବିଷାକ୍ତ ପଦାର୍ଥଠାରୁ ଆଖିକୁ ଦୂରେଇ ରଖିବା ଜରୁରି। ବିନା ଡାକ୍ତରୀ ପରାମର୍ଶରେ କୌଣସି ଚଷମା ପିନ୍ଧନ୍ତୁନାହିଁ ବା କୌଣସି ଘରୋଇ ଡ୍ରପ ବା ହାତ ତିଆରି ଔଷଧ ବ୍ୟବହାର କରନ୍ତୁନି। ପନିପରିବା, ଶାଗ ଓ ଫଳ ପିଲାର ଖାଦ୍ୟ ତାଲିକାରେ ରଖନ୍ତୁ। କୌଣସି ଚକ୍ଷୁ ସଂକ୍ରାନ୍ତୀୟ ସମସ୍ୟା ହେଲେ ଚକ୍ଷୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ।



ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର

# ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୨୬ ମହିଳା ଲନ୍ ବଲ୍‌ରୁ ଭାରତର ବିଜୟ ଅଭିଯାନ

ଗ୍ଲାସ୍‌ଗୋ,୨୩।୭ (ଏଜେନ୍ସି)

ସ୍କଟ୍‌ଲାଣ୍ଡର ରାଜଧାନୀ ଗ୍ଲାସ୍‌ଗୋ ସହରରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ୨୦୨୬ ରାଜ୍ୟଗୋଷ୍ଠୀ କ୍ରୀଡ଼ା ମହାସମାରୋହରେ ବ୍ରିଟେନ ରାଜା କିଙ୍ଗ୍ ଚାର୍ଲ୍ସ ତୃତୀୟ ଓ କ୍ୱିନ୍ କାମିଲାଙ୍କ ଦ୍ୱାରା ଆନୁଷ୍ଠାନିକ ଉଦ୍‌ଘାଟିତ ହୋଇଯାଇଛି। ୧୧ ଦିନ ଧରି ହେବାକୁ ଥିବା ଏହି ମେଗା ଇଭେଣ୍ଟରେ ମୋଟ ୧୦ଟି କ୍ରୀଡ଼ା ଶୃଙ୍ଖଳାରେ ୩୨୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ସେମାନେ ୨୧୫ଟି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଲାଗି ପରସ୍ପର ସହ ଲଢ଼ିବେ। ଭାରତରୁ ୧୨୬ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଏହା ମଧ୍ୟରେ ୭୮ଜଣ ପୁରୁଷ ଓ ୪୮ଜଣ ମହିଳା ପ୍ରତିଯୋଗୀ ରହିଛନ୍ତି। ଅଲିମ୍ପିକ୍ ପଦକ ବିଜେତା ଭାରୋତ୍ତୋଳିକା ମିରାବାଇ ଚାନୁ ଉଦ୍‌ଘାଟନୀ ଉତ୍ସବ ପରେଡ୍‌ରେ ଭାରତର ଜାତୀୟ ପତାକା ଧରିଥିଲେ। ମହିଳା ମୁଷ୍ଟିଯୋଦ୍ଧା ଲଭଲିନା ବୋରୋଗୋହାଇଁ ବାଟନ ଧରିଥିଲେ। ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବା ପୂର୍ବରୁ ମହିଳା ମୁଷ୍ଟିଯୁଦ୍ଧର ସେମିଫାଇନାଲରେ ପ୍ରବେଶ କରି ଭାରତ ଲାଗି ପ୍ରଥମ ପଦକ ବିଜୟୀ ହୋଇଥିଲେ।


ଲଭଲିନା ବୋରୋଗୋହାଇଁ


ଲନ୍ ବଲ୍ ଖେଳାଳି ରୂପାରାଣୀ ତିର୍କୀ

### ରିଙ୍ଗକୁ ନ ଓହ୍ଲାଇ ଲଭଲିନାଙ୍କୁ ସଫଳତା

## ମୁଷ୍ଟିଯୁଦ୍ଧରୁ ପ୍ରଥମ ପଦକ ଜିତିବ ଭାରତ

ଭାରତକୁ ମହିଳା ମୁଷ୍ଟିଯୁଦ୍ଧରୁ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପ୍ରଥମ ପଦକ ଜିତିବା ସ୍ପଷ୍ଟ ହୋଇଛି। ଅଲିମ୍ପିକ୍ ପଦକ ବିଜୟିନୀ ଲଭଲିନା ବୋରୋଗୋହାଇଁଙ୍କ କ୍ୱାର୍ଟରଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଓହରିଯିବାରୁ ସେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଲଭଲିନା ୭୫ କିଲୋଗ୍ରାମ୍ ଶ୍ରେଣୀରେ ଅଂଶଗ୍ରହଣ କରୁଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାର ନିୟମ ଅନୁଯାୟୀ ମୁଷ୍ଟିଯୁଦ୍ଧରେ ସେମିଫାଇନାଲରେ ପ୍ରବେଶ କଲେ ଅତିକମ୍‌ରେ କାଂସ୍ୟ ପଦକ ମିଳିବ। ପରାଜିତ ହେଲେ ମଧ୍ୟ ଦୁଇ ସେମିଫାଇନାଲିଷ୍ଟଙ୍କୁ ଗୋଟିଏ ଲେଖାଏଁ କାଂସ୍ୟ ପଦକ ମିଳିବାର ନିୟମ ରହିଛି। ଏଣୁ ରିଙ୍ଗ୍‌କୁ ନ ଓହ୍ଲାଇ ଲଭଲିନା ପଦକ ଜିତିବା ସ୍ପଷ୍ଟ କରିଛନ୍ତି। ମହିଳା ଲନ୍ ବଲ୍‌ରେ ମାଲାତକୁ ହରାଇ ଭାରତ ଅଭିଯାନ ଆରମ୍ଭ କରିଛି।

## ମହିଳା ଲନ୍ ବଲ୍ ଦଳ ଜିତିଲା

ମହିଳା ଲନ୍ ବଲ୍‌ରେ ଭାରତୀୟ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଭାରତୀୟ ମହିଳା ଦଳ ପ୍ରଥମ ମ୍ୟାଚରେ ଟାଇବ୍ରେକ୍‌ରେ ୟୁରୋପୀୟ ରାଷ୍ଟ୍ର ମାଲଟାକୁ ପରାସ୍ତ କରିଛି। ରୂପାରାଣୀ ତିର୍କୀ ଓ ପିଙ୍କିଙ୍କୁ ନେଇ ଗଠିତ ଭାରତୀୟ ଦଳ ପ୍ରଥମ ସେଟ୍‌କୁ ୭-୧ରେ ସହଜରେ ଜିତିନେଇଥିଲେ। ଏହାପରେ ମାଲଟା ଯୋଡ଼ି ୪-୩ରେ ଦ୍ୱିତୀୟ ସେଟରେ ବିଜୟୀ ହୋଇଥିଲେ। ଏହାପରେ ଟାଇବ୍ରେକରେ ପିଙ୍କି ଭାରତକୁ ବିଜୟୀ କରାଇଥିଲେ।

## ଆଜି ତପନ ଓ ତପେଶ୍ୱରଙ୍କ ଉପରେ ନଜର

**ପ୍ରସାରଣ ସୋନି ସ୍ପୋର୍ଟ୍ସ**
**ଆରମ୍ଭ: ସକାଳ ୭ଟା ୩୦**

ଗ୍ଲାସଗୋ, ୨୩।୭ (ଏଜେନ୍ସି): ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଦ୍ୱିତୀୟ ଦିବସରେ ପୁରୁଷ ଜିମ୍ନାଷ୍ଟିକ୍ସ ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ତପନ ମହାନ୍ତି ଓ ତପେଶ୍ୱର ଦାସଙ୍କ ପ୍ରଦର୍ଶନ ଉପରେ ସମସ୍ତଙ୍କ ନଜର ରହିଛି। ଓଡ଼ିଶା ଏଏମ/ଏନଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ଏଚପିସି'ରେ ପ୍ରଶିକ୍ଷଣ ନେଉଥିବା ତପନ ଓ ତପେଶ୍ୱର ପୁରୁଷ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ୍ସରେ ଭାଗନେଉଛନ୍ତି। ସେହିଭଳି ଶୁକ୍ରବାର ଭାରତୀୟ କ୍ରୀଡ଼ାବିତଙ୍କ ମଧ୍ୟରେ ମହିଳା ଲନ୍ ବଲ୍ (ଭାରତ ବନାମ ଦକ୍ଷିଣ ଆଫ୍ରିକା), ପୁରୁଷ ବକ୍ସିଂ ୫୫ କିଗ୍ରାରେ ଯଦୁମଣୀ ସିଂ, ସନ୍ତରଣରେ ଶ୍ରୀହରି ନଟରାଜନ ଏବଂ ପାରା ପାୱାରଲିଫ୍ଟିଂରେ ଅଶୋକ, ପରମଜିତ୍, ଜସପ୍ରୀତ କୌର, କସ୍ତୁରୀ ରାଜମଣି ଓ ଝଣ୍ଟୁ କୁମାର ସୁଧୀରଙ୍କ ଖେଳ ଦେଖିବାକୁ ମିଳିବ।

### ● ପ୍ରଥମ ଟି-୨୦: ବୈଭବଙ୍କ ବିସ୍ଫୋରଣ, ଜିମ୍ବାୱେ ପରାସ୍ତ

## ଅଧିନାୟକ ଆୟରଙ୍କ ପ୍ରତୀକ୍ଷିତ ବିଜୟ



ହରାରେ, ୨୩।୭ (ଏଜେନ୍ସି): ଜିମ୍ବାୱେ ଗସ୍ତରେ ଯାଇଥିବା ଭାରତୀୟ କ୍ରିକେଟ୍ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗୁରୁବାର ହରାରେ କ୍ଲବରେ ଅନୁଷ୍ଠିତ ଟି-୨୦ ସିରିଜର ପ୍ରଥମ ମୁକାବିଲାରେ ଭାରତ ୭ ୱିକେଟରେ ଘରୋଇ ଜିମ୍ବାୱେକୁ ମାତ୍ ଦେଇଛି। ଏହି ଲୋ-ସ୍କୋରିଂ ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଜିମ୍ବାୱେ ୭ ୱିକେଟରେ ୧୨୫ ରନ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ୱେସଲୀ ମାଧଭେରା ସର୍ବାଧିକ ୩୯, ତାଡିୱାନସି ମାରୁମାନି ୨୭ ଓ ର୍‌ୟାନ ବର୍ଲ ୨୬ ରନ କରିଥିଲେ। ଅଧିନାୟକ ସିକନ୍ଦର ରାଜା ୪, ବେନ କରନ ୧୦ ଓ ବ୍ରାଏନ ବେନେଟ୍ଟ ଖାତା ଖୋଲିପାରି ନ ଥିଲେ। ଭାରତ ପକ୍ଷରୁ ୨୧ ମାସ ପରେ ଦଳକୁ ଫେରିଥିବା ସ୍ପିଡ ଷ୍ଟାର୍ ମୟଙ୍କ ଯାଦବ ଓ ପ୍ରିନ୍ସ ଯାଦବ ୨ଟି ଲେଖାଏ ଏବଂ ଶିବମ ଦୁବେ ଓ ରବି ବିଷ୍ଣୋଇ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ। ଏଠାରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ରାଜସ୍ଥାନ ଦ୍ରୁତ ବୋଲର ଅଶୋକ ଶର୍ମା (୪-୦-୨୯-୦) ୱିକେଟ୍‌ଶୂନ୍ୟ ରହିଥିଲେ।

### ସୂର୍ଯ୍ୟବଂଶୀ ସର୍ବକନିଷ୍ଠ ଅର୍ଦ୍ଧଶତକ ହାସଲକାରୀ

ଜବାବରେ ଯୁବ ବାମହାତୀ ଓପନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ପ୍ରଥମ ଟି-୨୦ ଅର୍ଦ୍ଧଶତକ ବଳରେ ଭାରତ ୪୦ଟି ବଲ୍ ବଳକା ଥାଇ ୩ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ନିଜର ପ୍ରଥମ ଅନ୍ତର୍ଜାତୀୟ ଅର୍ଦ୍ଧଶତକୀୟ ପାଳିରେ ବୈଭବ ୧୯ଟି ବଲରେ ୪ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଶାନ କିଶାନ ୩୫ ଓ ଅଧିନାୟକ ଶ୍ରେୟସ ଆୟର ୨୮* ରନ କରିଥିଲେ। ଓପନର୍ ଅଭିଷେକ ଶର୍ମା ୧ ରନ କରି ନିରାଶ କରିଥିବାବେଳେ ତିଲକ ବର୍ମା ୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଘରୋଇ ଦଳର ବ୍ଲେସିଂ ମୁଜରବାନୀଙ୍କୁ ସର୍ବାଧିକ ୨ଟି ୱିକେଟ୍ ମିଳିଥିଲା। ଅଧିନାୟକ ଭାବେ ଆୟର ୮ଟି ମ୍ୟାଚରେ ନେତୃତ୍ୱ ନେବା ପରେ ପ୍ରଥମ ବିଜୟ ସ୍ୱାଦ ଚାଖିଛନ୍ତି। ସେହିଭଳି ବୈଭବ (୧୫ ବର୍ଷ ୧୧୮ ଦିନ) ଅନ୍ତର୍ଜାତୀୟ କ୍ରିକେଟରେ ସର୍ବକନିଷ୍ଠ ପୁରୁଷ କ୍ରିକେଟର୍ ଭାବେ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ଏହିକ୍ରମରେ ସେ ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇଛନ୍ତି। ସଚିନ ୧୬ ବର୍ଷ ୨୧୩ ଦିନ ବୟସରେ ପାକିସ୍ତାନ ବିପକ୍ଷ ଟେଷ୍ଟରେ ୫୯ ରନ କରି ଏହି ରେକର୍ଡର ଅଧିକାରୀ ରହିଥିଲେ। ଭାରତ ଓ ଜିମ୍ବାୱେ ମଧ୍ୟରେ ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚ୍ ଶନିବାର ଖେଳାଯିବ।

**FOR RENT**

Warehouse/Shed Available for Rent. A **9,000 sq. ft.** shed built on a **20,000 sq.ft.** plot is available for rent on the **Panikoili National Highway.** Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:

**8249526803**

## ବାଂଲାଦେଶ-ଇଂଲଣ୍ଡ ମହିଳା ଦଳ ମଧ୍ୟରେ ଐତିହାସିକ ଦ୍ୱିପାକ୍ଷିକ ସିରିଜ

ଲଣ୍ଡନ, ୨୩।୭ (ଏଜେନ୍ସି): ବାଂଲାଦେଶ ଓ ଇଂଲଣ୍ଡ ମହିଳା କ୍ରିକେଟ୍ ଦଳ ମଧ୍ୟରେ ସର୍ବପ୍ରଥମ ଦ୍ୱିପାକ୍ଷିକ ସିରିଜ ଆସନ୍ତାବର୍ଷ ଖେଳାଯିବ। ବାଂଲାଦେଶ ମହିଳା ଦଳ ଇଂଲଣ୍ଡ ଗସ୍ତରେ ଯାଇ ୬ଟି ସୀମିତ ଓଭର ମ୍ୟାଚ୍ ଖେଳିବ। ଯେଉଁଥିରେ ୩ଟି ଲେଖାଏ ଦିନିକିଆ ଓ ଟି-୨୦ ମ୍ୟାଚ୍ ଅନ୍ତର୍ଭୁକ୍ତ ରହିଛି। ୨୦୨୭ ସେପ୍ଟେମ୍ବର ୮ ତାରିଖରେ ନର୍ଥାମ୍ପଟନରେ ପ୍ରଥମ ଟି-୨୦ ମ୍ୟାଚ ଖେଳି ବାଂଲାଦେଶ ମହିଳା କ୍ରିକେଟ୍ ଦଳ ଏହି ଐତିହାସିକ ଗସ୍ତ ଆରମ୍ଭ କରିବ। ସେପ୍ଟେମ୍ବର ୧୭ରୁ ଦିନିକିଆ ସିରିଜ ଖେଳାଯିବ ବୋଲି ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ପକ୍ଷରୁ ଗୁରୁବାର ଏହି ସୂଚନା ଦିଆଯାଇଛି।

## ସିନ୍ଧୁ, ଲକ୍ଷ୍ୟ ଓ ଆୟୁଷଙ୍କ ବିଦାୟ

ଚାଙ୍ଗଝୋଉ, ୨୩।୭ (ଏଜେନ୍ସି): ଚାଇନା ଓପନ୍ ବ୍ୟାଡ୍‌ମିଣ୍ଟନରେ ଗୁରୁବାର ଭାରତ ପାଇଁ ନୈରାଶ୍ୟଜନକ ରହିଥିଲା। ପିଭି ସିନ୍ଧୁଙ୍କ ସମେତ ଲକ୍ଷ୍ୟ ସେନ ଓ ଆୟୁଷ ସେଟ୍ଟୀ ପରାଜୟ ସହ ବିଦାୟ ନେଇଛନ୍ତି। ସିନ୍ଧୁ ପ୍ରି-କ୍ୱାର୍ଟରରେ ୧୬-୨୧, ୨୨-୨୦, ୨୧-୧୮ ଗେମରେ ଘରୋଇ ଖେଳାଳି ଚେନ ୟୁଫେଇ'ଙ୍କ ନିକଟରୁ ହାରିଯାଇଥିଲେ।

## ୧୯ ବର୍ଷରୁ କମ୍ ଯୁବ ଟେଷ୍ଟ ସିରିଜ୍ ଜିତିଲା ଭାରତ

କଲମ୍ବୋ,୨୩।୭ (ଏଜେନ୍ସି): ଲେଗ୍ ସ୍ପିନର ରୋହିତ ଯାଦବଙ୍କ ୪ ୱିକେଟ ଓ ଫାଷ୍ଟ ବୋଲର ସି ଭେଙ୍କଟ ୩ ୱିକେଟ ଅକ୍ତିଆର କରିବା ଫଳରେ ଏଠାରେ ଗୁରୁବାର ଶେଷ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟକୁ ଭାରତ ୨୧୧ ରନ୍‌ରେ ଜିତିନେଇଛି। ଫଳରେ ଦୁଇ ଦେଶ ମଧ୍ୟରେ ଶେଷ ହୋଇଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଭାରତ ୧-୦ରେ ବିଜୟୀ ହୋଇଛି। ସିରିଜ୍‌ର ପ୍ରଥମ ଟେଷ୍ଟ ଡ୍ର ରହିଥିଲା। ପୂର୍ବରୁ ଖେଳାଯାଇଥିବା ଦିନିକିଆ ସିରିଜ୍‌ରେ ଶ୍ରୀଲଙ୍କା ୨-୧ରେ କବ୍‌ଜା କରିଥିଲା। ଭାରତ ଟେଷ୍ଟ ସିରିଜ୍ ଜିତି ପ୍ରତ୍ୟାବର୍ତ୍ତନ କରିଥିଲା।

## ଦିଲ୍ଲୀରେ ଭାରତ-ଆଫଗାନିସ୍ତାନ ଟି-୨୦ ସିରିଜ୍

ନୂଆଦିଲ୍ଲୀ, ୨୩।୭ (ଏଜେନ୍ସି): ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଏକ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ନୂଆଦିଲ୍ଲୀରେ ଖେଳାଯିବ। ଏହି ସିରିଜ୍‌ର ଆୟୋଜକ ରହିବ ଆଫଗାନିସ୍ତାନ। ଫଳରେ ଭାରତରେ ଭାରତ ସହ ଆଫଗାନିସ୍ତାନ ଏକ ସିରିଜ୍ ଆୟୋଜନ କରିବ। ପୂର୍ବରୁ ଲକ୍ଷ୍ନୌ, ଡେରାଡୁନ୍ ଓ ଗ୍ରେଟର ନଏଡାରେ ଆଫାନିସ୍ତାନ ଘରୋଇ ଟିମ୍ ଭାବେ ଭିନ୍ନ ଭିନ୍ନ ଅନ୍ତର୍ଜାତୀୟ ସିରିଜ୍ ଆୟୋଜନ କରିଛି। କିନ୍ତୁ ଭାରତ ବିପକ୍ଷରେ କେବେ ଖେଳିନାହିଁ। ଏହି ସିରିଜ୍‌ର ସମସ୍ତ ମ୍ୟାଚ୍ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଖେଳାଯିବ। ଏହାର କାର୍ଯ୍ୟସୂଚୀ ଘୋଷଣା କରା ଯାଇ ନ ଥିଲାବେଳେ ସେପ୍ଟେମ୍ବର ୧୩, ୧୫ ଓ ୧୭ରେ ଏହା ଆୟୋଜିତ ହେବ ବୋଲି ଆଶା କରାଯାଉଛି। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍‌ର ଦୁଇସପ୍ତାହ ପରେ ଓ ଏସିଆନ ଗେମ୍ସ ଆରମ୍ଭ ହେବାର ଏକ ସପ୍ତାହ ପୂର୍ବରୁ ଏହି ସିରିଜ୍ ଖେଳାଯିବ।

## ଫିଫା ବିଶ୍ୱକପ୍ ଡ୍ରିମ୍ ଟିମ୍‌ରେ ଭୋଜିନା, ହଲାଣ୍ଡ

ଡଲାସ,୨୩।୭ (ଏଜେନ୍ସି): ଶେଷ ହୋଇଥିବା ଫିଫା ବିଶ୍ୱକପ୍‌ରେ ଫ୍ୟାନ୍‌ମାନଙ୍କ ଦ୍ୱାରା ଶ୍ରେଷ୍ଠ ଖେଳାଳି ଚୟନ କରାଯାଇଛି। ଏଥିରେ କେପ୍ ଭର୍ଡର ଗୋଲରକ୍ଷକ ଭୋଜିନା ଓ ନରୱେର ଏର୍ଲିଙ୍ଗ ହଲାଣ୍ଡ ସ୍ଥାନ ପାଇଛନ୍ତି। ଗୋଲ୍ଡେନ ଗ୍ଲୋଭ୍ ପୁରସ୍କାର ଜିତିଥିବା ସ୍ପେନ୍‌ର ୟୁନାଇ ସାଇମନଙ୍କଠାରୁ ଯଥେଷ୍ଟ ଅଧିକ ତଥା ୩୯.୬ ଶତକଡ଼ା ଭୋଟ ପାଇଥିଲେ ଭୋଜିନା। ସ୍ପେନ୍ ବିପକ୍ଷ ମ୍ୟାଚ୍‌ରେ ୭ଟି ସେଭ୍ କରିବା ଫଳରେ କେପ ଭର୍ଡ ଚଳିତ ବିଶ୍ୱକପ୍‌ରେ ପଦାର୍ପଣ କରି ପ୍ରଥମ ମ୍ୟାଚ୍ ଡ୍ର ରଖିଥିଲା। କିଲିଆନ୍ ଏମ୍‌ବାପେ, ଲିଓନେଲ ମେସି ଓ ଜୁଡ୍ ବେଲିଂହାମ୍‌ଙ୍କୁ ଏହି ଡ୍ରିମ୍ ଟିମ୍‌ରେ ସାମିଲ କରାଯାଇଛି।

**ଫିଫା ଡ୍ରିମ୍ ଇଲେଭେନ୍: ଗୋଲକିପର:** ଭୋଜିନା (କେପ୍ ଭର୍ଡ), **ଡିଫେଣ୍ଡର:** ପେଡ୍ରୋ ପୋରୋ (ସ୍ପେନ୍), ଲିସାଣ୍ଡ୍ରୋ ମାର୍ଟିନେଜ୍ (ଆର୍ଜେଣ୍ଟିନା), ଡାୟଟ ଉପାମେକୋନା (ଫ୍ରାନ୍ସ) ଓ ମାର୍କ କୁକୁରେଲା (ସ୍ପେନ୍), **ମିଡ୍ ଫିଲ୍ଡର:** ରୋଡ୍ରି (ସ୍ପେନ୍), ମାଇକେଲ ଓଲିସେ (ଫ୍ରାନ୍ସ), ଜୁଡ୍ ବେଲିଂହାମ୍ (ଇଂଲଣ୍ଡ), **ଫରୱାର୍ଡ:** ଲିଓନେଲ ମେସି (ଆର୍ଜେଣ୍ଟିନା), ଏର୍ଲିଂ ହଲାଣ୍ଡ (ନରୱେ), କିଲିଆନ୍ ଏମ୍‌ବାପେ (ଫ୍ରାନ୍ସ)।




ସକାଳ THE SAKALA
www.thesakala.in

The Sakala require the following post for Head Office urgently.

**ADVERTISEMENT EXECUTIVE**

Qualification: MBA with 5 yrs. experience.

Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803

**THE SAKALA**
(A unit of Nandighosha Network Pvt. Ltd.)
**Plot No.: 90 & 91, Bhagabanpur I/E, Bhubaneswar**




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS